

ଏବେ ନସୁଧୁରିଲେ ପରିଣାମ ଭୋଗିବ
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776


Vol. 33 | ISSUE 274 | ଭାଗ ୩୩ | ସଂଖ୍ୟା ୨୭୪ Saturday 27 December 2025 | Page 8 Rs. 5.00 ● ଭୁବନେଶ୍ୱର ଶନିବାର ୨୭ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଜ୍ୟୋତ୍ସ୍ନାଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଆଦିବାସୀ ଝିଅ ୧୭ ବର୍ଷ ବୟସ୍କା ଜ୍ୟୋତ୍ସ୍ନା ଶବର ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଜ୍ୟୋତ୍ସ୍ନା ଗଜପତି ଜିଲ୍ଲାର ପେକଟ ଗ୍ରାମ ଅନ୍ତର୍ଗତ ମାର୍ଲବା ପଞ୍ଚାୟତ, ରାୟଗଡ଼ ବ୍ଲକ୍‌ର କୀର୍ତ୍ତନ ଶବରଙ୍କ ଝିଅ। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ତାଙ୍କୁ ଏହି




**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ସମ୍ମାନ ପ୍ରଦାନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ଝିଅ ଜ୍ୟୋତ୍ସ୍ନା ଶବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ, କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ ହୋଇଥିବା ଓଡ଼ିଆ ଝିଅ ଜ୍ୟୋତ୍ସ୍ନା ଶବରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ଆସି ଅନ୍ତର୍ଜାତୀୟ ଭାରୋତ୍ତୋଳନ ➪ପୃଷ୍ଠା-୬

**ଧାନମଣ୍ଡିରେ ମୁଖ୍ୟମନ୍ତ୍ରୀ**

## ଚାଷୀଙ୍କ ମନୋବଳ ବଢ଼ାଇଛି ଇନପୁଟ୍ ସହାୟତା

- ରାଜ୍ୟରେ ୧୫୪୨ ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ
- କୋଟିଏ ସବ୍‌ସିଡି ପାଇଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବେ ମୁଖ୍ୟମନ୍ତ୍ରୀ
- କୃଷି ଉଦ୍ୟୋଗ ଯୋଜନାରେ ଅଣଧାନ ଫସଲକୁ ପ୍ରୋତ୍ସାହନ ଦିଆଯିବ
- ୩ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ

**କେନ୍ଦୁଝର,୨୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ଚାଷୀଙ୍କ ସରକାର। ଚାଷୀଙ୍କ ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଥିବା ସରକାର ଧାନର ବୋନସ ୮୦୦ ଟଙ୍କା ପ୍ରଦାନ କରିବା ହେଉଛି ସବୁଠୁ ବଡ଼ ଉପଲବ୍ଧି। ଏହି ପଦକ୍ଷେପ ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ାଇଛି ବୋଲି କେନ୍ଦୁଝରସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରିବା ଅବସରରେ ମତ ବ୍ୟକ୍ତ



କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗାସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆୟୋଜିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆମେ ଶୁଣୁଥିଲୁ ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି। ଚାଷୀମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି। କିନ୍ତୁ ଚଳିତ ବର୍ଷର ତଥ୍ୟ ସମ୍ପୂର୍ଣ୍ଣ ଭାବେ ଅଲଗା ଚିତ୍ର ପ୍ରଦାନ କରୁଛି। ଏହାର କାରଣ ହେଉଛି ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ ଡବଲ୍ ଇଞ୍ଜିନ ସରକାର। କାରଣ ଆମେ ଚାଷୀମାନଙ୍କୁ ସେମାନଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟ ଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୋଟିଏ ଟଙ୍କା ସବ୍‌ସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ ବୋଲି ଆଜି ଘୋଷଣା କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୂର୍ବ ସରକାର ୧୦୦ ଟଙ୍କା ଅଧିକ ଦେବେ ବୋଲି କହିଥିଲେ। କିନ୍ତୁ ଦେଇପାରିଲେ ନାହିଁ। କିନ୍ତୁ ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ର ପରି। ରାଜ୍ୟ ସରକାର ସଂକଳ୍ପ ଅନୁଯାୟୀ ଚାଷୀମାନଙ୍କୁ ୮୦୦ ଟଙ୍କା ଦେଇଛନ୍ତି, ଯାହା ଚାଷୀମାନଙ୍କ ମନୋବଳ ବୃଦ୍ଧି କରିଛି ଓ ଚାଷ ଉପରେ ମଧ ଭରସା ବଢ଼ିଛି। ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ➪ପୃଷ୍ଠା-୬

**ଆରମ୍ଭ ହେଲା ଓକିଲ ନିଯୁକ୍ତି ପ୍ରକ୍ରିୟା**

## ପ୍ରଥମ ଦଫାରେ ୧୦ ଜିଲ୍ଲାରେ ନୂଆ ନିଯୁକ୍ତି

**ଶିଶୁ ଦୁଷ୍କର୍ମ ମାମଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ**



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଆସିବାର ୧୮ ମାସ ପରେ ସରକାରୀ ଓକିଲ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଏନେଇ ଆଜି ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦ ଜିଲ୍ଲାରେ ବିଜେଡି ସରକାର ସମୟରେ ନିଯୁକ୍ତି ପାଇଥିବା ସରକାରୀ ଓକିଲ ଓ ସହକାରୀ ଓକିଲଙ୍କୁ ପରିବର୍ତ୍ତନ କରାଯାଇ ନୂଆ ନିଯୁକ୍ତି ଦିଆଯାଇଛି। ଏଥିସହ ଶିଶୁଙ୍କ ପ୍ରତି ହେଉଥିବା ଦୁଷ୍କର୍ମ ମାମଲାର ପରିଚାଳନା ପାଇଁ ଏହି ୧୦ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଜଣେ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଇଛି।

ଆଇନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଝାରସୁଗୁଡ଼ା, ରାୟଗଡ଼ା, କୋରାପୁଟ, ଜଗତସିଂହପୁର, କେନ୍ଦୁଝର, ଅନୁଗୁଳ, ଦେବଗଡ଼, କେନ୍ଦ୍ରାପଡ଼ା ଓ ସୁବର୍ଣ୍ଣପୁର ଜିଲ୍ଲାରେ ପୂର୍ବରୁ ନିଯୁକ୍ତି ପାଇଥିବା ସବୁ ସହକାରୀ ଓକିଲ ଓ ସହକାରୀ ସରକାରୀ ଓକିଲଙ୍କୁ ବଦଳାଯାଇଛି। ସେମାନଙ୍କ ସ୍ଥାନରେ ନୂଆ ଓକିଲ ନିଯୁକ୍ତି ଦିଆଯାଇଛି। ସରକାରୀ ଓକିଲ ପରିବର୍ତ୍ତନ ହୋଇଥିବା ଏହି ୧୦ ଜିଲ୍ଲାରେ କେବଳ ଶିଶୁଙ୍କ ପ୍ରତି ହେଉଥିବା ଦୁଷ୍କର୍ମ ମାମଲା ପରିଚାଳନାକୁ ତ୍ୱରାନ୍ୱିତ କରିବାକୁ ସ୍ୱତନ୍ତ୍ର ଭାବେ ଜଣେ ଜଣେ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଇଛି। ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ-୨୦୧୨ ଆଧାରରେ ଏହି ନିଯୁକ୍ତି ଦିଆଯାଇଛି।

ଗଞ୍ଜାମ ଜିଲ୍ଲାରେ ଶିଶୁଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ଦୁଷ୍କର୍ମ ମାମଲା ପରିଚାଳନା ପାଇଁ ଆଇନଜୀବୀ ➪ପୃଷ୍ଠା-୬

**ଭିସୁଟ, ବୁର୍ଲାର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ**

## ମାନବ କଲ୍ୟାଣ ପାଇଁ ବିଜ୍ଞାନ ଓ ଜ୍ଞାନକୌଶଳର ବିନିଯୋଗ ହେଉ



**ବୁର୍ଲା/ସମ୍ବଲପୁର,୨୬।୧୨(ସଂଚାର ବ୍ୟୁରୋ):** ବୁର୍ଲାର ବିଶେଷତ୍ୱ ହେଉଛି ଏହାର ଉଦ୍ୟୋଗୀ ମାନସିକତା। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ପୂର୍ବତନ ଛାତ୍ରଛାତ୍ରୀମାନେ 'ସମ୍ବଲପୁରୀ ହବ୍' ଭଳି ଷ୍ଟାର୍ଟଅପ୍ କରି ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି। ମନେ ରଖିବାକୁ ହେବ ଯେ ବିଜ୍ଞାନ ଓ ଜ୍ଞାନକୌଶଳର ମୂଳ ଉଦ୍ଦେଶ୍ୟ କେବଳ ଭୌତିକ ଉପଲବ୍ଧି ନୁହେଁ, ବରଂ ମାନବ କଲ୍ୟାଣ ହେବା ଉଚିତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

- ଜୀବନ ସରଳ କରିବା ପାଇଁ 'ନବାଚାର' ଜରୁରୀ
- ଏନ୍‌ଇପିକୁ କାର୍ଯ୍ୟକାରୀ କରିବାରେ ଭିସୁଟ୍ ଆଗୁଆ
- ବିଶ୍ୱର ଜଟିଳ ସମସ୍ୟାର ସମାଧାନ କେନ୍ଦ୍ର ପାଲଟିବ ଅନୁଷ୍ଠାନ

ଶୁକ୍ରବାର ଭିସୁଟର ସପ୍ତଦଶ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ବର୍ଷର ଗୌରବମୟ ଯାତ୍ରା ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଗଣିତ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଗଠନ କରିଛି, ଯେଉଁମାନେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜ ମାତୃଭୂମି ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନୂଆ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)କୁ ମନପ୍ରାଣ ଦେଇ କାର୍ଯ୍ୟକାରୀ କରିବାରେ ଭିସୁଟ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଉଭା ହୋଇଛି। ଆଜିର ଅବସରରେ ଭିସୁଟ୍ ପକ୍ଷରୁ ଓଡ଼ିଆ ଭାଷାରେ 'ପ୍ରୟୋଗଶାଳା ନିର୍ଦ୍ଦେଶିକା' ସମେତ ୩ଟି ହ୍ୟାଣ୍ଡବୁକ୍ ଉନ୍ମୋଚନ ଏହାର ଜ୍ୱଳନ୍ତ ପ୍ରତିଫଳନ। ଆଇଆଇଟି ମାଡ୍ରାସର ପ୍ରଫେସରଙ୍କ ସହଯୋଗରେ 'ଏଆଇ ଟୁଲ୍' ମାଧ୍ୟମରେ ମାତୃଭାଷାରେ ବୈଷୟିକ ଶିକ୍ଷାଦାନ ସମ୍ଭବ ହୋଇପାରିଛି। ଆଜିର ଯୁଗରେ ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା କ'ଣ? ମଣିଷ ଜୀବନକୁ ସରଳ କରିବା ପାଇଁ ନୂତନତା ବା 'ନବାଚାର'ର ଆବଶ୍ୟକତା ରହିଛି। ସମ୍ବଲପୁରର ଇତିହାସ ଅତି ପ୍ରାଚୀନ; ଭୀମମଣ୍ଡଳୀରେ ପ୍ରାୟ ୧୦ ➪ପୃଷ୍ଠା-୬

**ଘନୀଭୂତ ହେଉଛି ଏଏସ୍‌ଡିଜନିତ ଅସନ୍ତୋଷ**
**କଂଗ୍ରେସ ଦେଲା ଚେତାବନୀ**

## ୨୯ରେ ରାଜ୍ୟ ସାରା ଟାଟା ପାୱାର୍ କାର୍ଯ୍ୟାଳୟ ଘେରାଉ

**ଚାଷୀଙ୍କ ପାଇଁ ମାଗଣା ବିଦ୍ୟୁତ୍ ଦାବି**




**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ଟାଟା ପାୱାର୍‌ର ମନମାନୀ ବଢୁଥିବା ବେଳେ ଏବେ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ପ୍ରସଙ୍ଗରେ ଗ୍ରାହକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ବିଦ୍ୟୁତ୍ ଆବଣ୍ଟନକାରୀ କମ୍ପାନୀମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ସକାଶେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) କାର୍ଯ୍ୟ କରୁଥିଲେ ମଧ ଏହି ପ୍ରସଙ୍ଗରେ ଆୟୋଗଙ୍କ ଭୂମିକା ମଧ ସନ୍ଦେହ ଘେରକୁ ଆସିଛି। ତେଣୁ ବିଭିନ୍ନ ମହଲରେ ଟାଟା ପାୱାର୍ ପକ୍ଷରୁ ଏଏସ୍‌ଡି ଜମା କରିବା ସକାଶେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ବିରୋଧ କରାଯାଉଛି। ଏହି କ୍ରମରେ ବିରୋଧୀ କଂଗ୍ରେସ ପକ୍ଷରୁ ମଧ ଏହାକୁ ଲଗାତାର ଭାବେ ବିରୋଧ କରାଯାଇଆସୁଥିବା ବେଳେ ଏହା ପ୍ରତିବାଦରେ ଆସନ୍ତା ୨୯ ତାରିଖରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଘୋଷଣା କରାଯାଇଛି। ଉକ୍ତ ଦିନ ରାଜ୍ୟର ପ୍ରତି ଜିଲ୍ଲାରେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରିବେ କଂଗ୍ରେସର ➪ପୃଷ୍ଠା-୬

**ପୁଣି କର୍ମୀ ହେଲେ ହତାଶ**

## ଉତ୍ତରାଧିକାରୀ ଘୋଷଣା କଲେନି ନବୀନ

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଥିବା ବେଳେ ଏଥିରେ ଦଳ ମୁଖ୍ୟ ନବୀନ ପଟ୍ଟନାୟକ କର୍ମୀମାନଙ୍କ ମଧ୍ୟରେ ଜୋଶ୍ ଭରିବାକୁ ଉଦ୍ୟମ

**ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ ବିଜେଡି**



କରିଛନ୍ତି। ପ୍ରତିଷ୍ଠା ଦିବସ ପୂର୍ବରୁ ନବୀନ ତାଙ୍କ ଉତ୍ତରାଧିକାରୀ ଘୋଷଣା କରିବେ ବୋଲି ଚର୍ଚ୍ଚା ହେଉଥିଲା। ସେ କାହାକୁ ଉତ୍ତରାଧିକାରୀ କରିବେ, ସେଇ ଆଶଙ୍କାରେ ବିଜେଡିର ଭିନ୍ନ ଭିନ୍ନ ଗୋଷ୍ଠୀ ନିଜ ନିଜ ସ୍ତରରେ ମେଳି ମଧ କରୁଥିଲେ। ହେଲେ ଆଜି ନବୀନ ଏ ସଂକ୍ରାନ୍ତରେ କିଛି ବି ଘୋଷଣା କରିନାହାନ୍ତି। ଫଳତଃ ଦଳୀୟ କର୍ମୀମାନେ ଆଜି ହତାଶ ହୋଇଛନ୍ତି। ନବୀନ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ବିଜେଡି ଦୀର୍ଘ ୨୯ ବର୍ଷ ଧରି ରାଜ୍ୟବାସୀଙ୍କ ଭରସା ଜିତିଆସିବା ବେଳେ ଆଗାମୀ ଶହେ ବର୍ଷ ପାଇଁ ମଧ ଜନସାଧାରଣଙ୍କ ସ୍ୱର ହୋଇ ରହିବ। ଦଳ ଏବେ ବିରୋଧୀ ଆସନରେ ବସିଥିବା ବେଳେ ଏଥିରେ କର୍ମୀମାନେ ଆଦୌ ନିରୁତ୍ସାହିତ ନ ହେବାକୁ ଶ୍ରୀ ➪ପୃଷ୍ଠା-୬

### ବିତର୍କ ପାଇଁ ଆହ୍ୱାନ



ନବୀନଙ୍କୁ ବିତର୍କ ପାଇଁ ଆହ୍ୱାନ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଯଦି ନବୀନ ଆଇନଶୃଙ୍ଖଳା ପରିସ୍ଥିତି କଥା ଯଦି କହୁଛନ୍ତି, ତା'ହେଲେ ସେ ଗୃହରେ ମୁଲତବୀ ପ୍ରସ୍ତାବ ଆଣନ୍ତୁ। ସରକାର ଆଲୋଚନା ପାଇଁ ପୂରା ତୟାର। ବିଜେପି ଜନସେବାରେ ବ୍ୟସ୍ତ ରହିଛି। ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରିନାହିଁ। ବିଜେଡି କିନ୍ତୁ ମେଣ୍ଟ ଭାଙ୍ଗିବା ବେଳେ ବିଜେପିକୁ ଭାଙ୍ଗିବାକୁ ଯଥାସାଧ ଉଦ୍ୟମ କରିଥିଲେ। କ୍ଷମତା ଯିବା ପରେ ତାଙ୍କର ଅନେକ ନେତା ବିଜେପି ଯୋଗାଯୋଗରେ ଅଛନ୍ତି। ସେଥିରେ ବିଜେପିର ଭୁଲ କ'ଣ? ତୁମେ ନେତାଙ୍କୁ ରଖି ପାରୁନ। ନବୀନ ବିଜେପି ସରକାରକୁ ଟାର୍ଗେଟ୍ କରିବା ପରେ ତାଙ୍କୁ କଡ଼ା କାଉଣ୍ଟର କରି ଏପରି ବର୍ଷିଛନ୍ତି ରାଜସ୍ୱ ମନ୍ତ୍ରୀ। ➪ପୃଷ୍ଠା-୬

**ଫରେଷ୍ଟର୍‌ଙ୍କ ଘରେ ପଶିଲା ଭିଜିଲାନ୍ସ**

## ୨ କୋଠା ସହ ୭ ପ୍ଲଟ୍; କେଜିଏ ସୁନା ଠାବ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ବିପୁଳ ସଂପତ୍ତି ଠାବ କଲା ଭିଜିଲାନ୍ସ। ଫରେଷ୍ଟରଙ୍କର ଭୁବନେଶ୍ୱର ଝାରପଡ଼ାରେ ଅଛି ୨ଟି ବହୁତଳ କୋଠା। ଭୁବନେଶ୍ୱର ସମେତ ଜଗତସିଂହପୁର ଓ ସେମିଳିଗୁଡ଼ାରେ ୭ଟି ଦାମୀ ପ୍ଲଟ୍ ରହିଛି। ଫରେଷ୍ଟରଙ୍କର ପ୍ରାୟ କେଜିଏ ସୁନା ଅଳଙ୍କାର ମଧ ଠାବ ହୋଇଥିଲା ବେଳେ ନଗଦ ୮ ଲକ୍ଷ ୭୦ ହଜାର ଟଙ୍କା ସହ କିଛି ବିଦେଶୀ ମୁଦ୍ରା ମଧ ଠାବ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଠାବ ହୋଇଥିବା ମୁଖ୍ୟ ସମ୍ପତ୍ତି ମଧ୍ୟରେ ସ୍ଥାନୀୟ ଝାରପଡ଼ାରେ ୨ଟି ବିଶାଳ ତିନି ମହଲା କୋଠା (ପ୍ରତ୍ୟେକ ➪ପୃଷ୍ଠା-୬



**କାନ ଡେରିଥା**

ଶହେବର୍ଷ ଆଉ ବିଜେଡି ରହିବ
କହିଲେ ଦଳ ମୁଖିଆ।
ତାଙ୍କ ପରେ ଯିଏ ଦଳ ସମ୍ଭାଳିବ
ସିଏ ଏ ରାଜ୍ୟ କନିଆ।
କରମୀ ସବୁ ଛାନିଆ...
ଦଳ ଡେଇଁବାକୁ ନେତାଏ ପ୍ରସ୍ତୁତ
ଡୁବିଯିବ କାଳେ ନାଆ।।

■ ଦେବାଶିଷ

## ଓଡ଼ିଶା ଶାସନରେ ମହିଳାଙ୍କ ରାଜୁତି

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ଶାସନରେ ଦିନକୁ ଦିନ ମହିଳାମାନଙ୍କ ରାଜୁତି ବଢ଼ିବାରେ ଲାଗିଛି। ଆଇନ୍ ପ୍ରଣୟନକାରୀଙ୍କଠାରୁ ଆରମ୍ଭ କରି ଆଇନ୍ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ସର୍ବୋଚ୍ଚ ପଦବୀରେ ମହିଳାମାନେ ରହିଛନ୍ତି। ବିଶେଷକରି ରାଜ୍ୟର ୪ ଜଣ ପ୍ରମୁଖ ମହିଳା ଏବେ

- ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୪ ମହିଳା
- ଦେଶ ପାଇଁ ଉଦାହରଣ






ଶାସନତନ୍ତ୍ରର ପ୍ରମୁଖ ସ୍ଥାନରେ ରହିଥିବା ବେଳେ ଓଡ଼ିଶାକୁ ଆଗକୁ ନେବା ଦିଗରେ ମୋହନ ଚରଣ ମାଝୀଙ୍କ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସମଗ୍ର ଦେଶ ପାଇଁ ଉଦାହରଣ ହେବାକୁ ଯାଉଛି।

୪ ପ୍ରମୁଖ ମହିଳାଙ୍କ ମଧ୍ୟରୁ ସବୁଠାରୁ ଆଗରେ ଅଛନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ। ଶ୍ରୀମତୀ ପାଢ଼ୀ ଓଡ଼ିଶା ସରକାରରେ ପୂର୍ବରୁ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିସାରିଥିବା ବେଳେ ରାଜନୀତି ଓ ପ୍ରଶାସନରେ ତାଙ୍କର ଅଭିଜ୍ଞତାକୁ ଦେଖି ମୋହନ ସରକାର ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବାଚସ୍ପତି ପଦବୀରେ ଆସୀନ କରିଛନ୍ତି। ଶ୍ରୀମତୀ ପାଢ଼ୀ ମଧ ବାଚସ୍ପତି ପଦବୀର ଗରିମା ବଜାୟ ରଖିବା ସହ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଧାନସଭାକୁ ସୁରୁଖୁରୁରେ ଚଳାଉଛନ୍ତି।

ସେହିପରି ଦ୍ୱିତୀୟ ମହିଳା କ୍ଷମତା କେନ୍ଦ୍ର ହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦବୀରେ ଅଧିଷ୍ଠିତ ହେବା ଓଡ଼ିଶା ଶାସନରେ ଏକ ଇତିହାସ। ଶ୍ରୀମତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ତାଙ୍କୁ ମିଳିଥିବା ମହିଳା ଓ ଶିଶୁ ବିକାଶ ବିଭାଗକୁ ବେଶ୍ ଦକ୍ଷତାର ସହ ପରିଚାଳନା କରୁଛନ୍ତି। ସରକାରଙ୍କ ଅନ୍ୟତମ ସଫଳ ଯୋଜନା 'ସୁଭଦ୍ରା'ର ସେ ହେଉଛନ୍ତି ଅନ୍ୟତମ ବିନ୍ଧାଣୀ। ସରକାରଙ୍କୁ ଆଗାମୀ ଦିନରେ ବଡ଼ ସଫଳତା ଏହି ଯୋଜନା ମାଧ୍ୟମରେ ମିଳିବ ବୋଲି ଲକ୍ଷ୍ୟ ରଖାଯାଇଛି।

ତୃତୀୟ କ୍ଷମତା କେନ୍ଦ୍ର ହେବାକୁ ଯାଉଛନ୍ତି ଭାରତୀୟ ପ୍ରଶାସନିକ ସେବାର ୧୯୯୧ ବ୍ୟାଚ୍‌ର ଅଫିସର ଅନୁ ଗର୍ଗ। ଶ୍ରୀମତୀ ଗର୍ଗ ଆସନ୍ତା ଜାନୁଆରୀ ପହିଲାରୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ନୂଆ ଦାୟିତ୍ୱ ସହ ସେ ନୂଆ ➪ପୃଷ୍ଠା-୬

**ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ସୁଖବର**

## ମିଳିବ ମାଗଣା ବସ୍ ସେବା

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସରକାର ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସକାଶେ ଏକ ସୁଖବର ଦେଇଛନ୍ତି। ଏଣିକି ସ୍କୁଲ୍ ଛାତ୍ରଛାତ୍ରୀମାନେ ମାଗଣାରେ ବସ୍‌ରେ ଯାତ୍ରା କରିପାରିବେ। କାରଣ ରାଜ୍ୟରେ ଖୁବ୍ ଶୀଘ୍ର ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା ଆରମ୍ଭ ହେବ। ଏହି ଯୋଜନାର ନାମ ମୁଖ୍ୟମନ୍ତ୍ରୀ ବସ ସେବା ରହିଥିବା ବେଳେ ଏଥିରେ ସ୍କୁଲ୍ ପିଲାମାନେ ନିଜ ନିଜ ସ୍କୁଲ୍‌କୁ ମାଗଣାରେ ଯିବାଆସିବା କରିପାରିବେ। ତେବେ ଏଥିପାଇଁ ସେମାନଙ୍କୁ ସ୍କୁଲ୍ ୟୁନିଫର୍ମରେ ରହିବା ସହ ପାଖରେ ଆଇକାର୍ଡ ରଖିବେ। ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏନେଇ ପରିବହନ ବିଭାଗ ପକ୍ଷରୁ ମଧ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ବଢୁଥିବା ଡ୍ରପ୍ ଆଉଟ୍ ସମସ୍ୟା ଲାଘବ କରିବା ଦିଗରେ ଏହାକୁ ଏକ ପ୍ରମୁଖ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି। ଉଭୟ ଏସି ଓ ନନ୍-ଏସି ବସ୍‌ରେ ଏହି ସେବା ଉପଲବ୍ଧ ହେବ। ଏହି ଯୋଜନା ଲାଗୁ ହେବା ପରେ ଓଏସ୍‌ଆର୍‌ଟିସି ➪ପୃଷ୍ଠା-୬

- ରୁଟ୍ ଓ ଟାଇମିଂ ସଂଶୋଧନ କରିବ ଓଏସ୍‌ଆର୍‌ଟିସି
- ୟୁନିଫର୍ମ ଓ ଆଇ କାର୍ଡ ଜରୁରୀ

# ଡେରାବିଶ ମହୋତ୍ସବ ଉଦ୍‌ଘାଟିତ

## ନୃତ୍ୟ ଗୀତରେ ଦୁଲୁକିଲା ମଞ୍ଚ



**ଡେରାବିଶ, ୨୬।୧୨ (ସଂଚାର ବ୍ୟୁରୋ):** ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଡେରାବିଶ ମିନି ଷ୍ଟାଡିୟମରେ ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସାଂସ୍କୃତିକ ସଙ୍ଗଠନ ସଭାପତି ଡ. ଭକ୍ତକବି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ମହୋତ୍ସବ ଏକ ସ୍ୱତନ୍ତ୍ର ଭୂମିକା ନିଭାଇଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ ଓ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମହୋତ୍ସବ କମିଟି ପକ୍ଷରୁ ବିଶେଷାଙ୍କ 'ଦିଗଦର୍ଶନୀ'କୁ ଉନ୍ମୋଚିତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# କୁମ୍ଭୀର ଭୟରେ ଲୋକେ ଆତଙ୍କିତ

## ● ଭାଙ୍ଗିରୁଜି ଗଲାଣି ସୁରକ୍ଷା ବାଡ଼ ● ନିଘୋଡ଼ ନିଦରେ ବନ ବିଭାଗ

**ମହାକାଳପଡ଼ା, ୨୬।୧୨ (ସଂଚାର ବ୍ୟୁରୋ) :** ନଦୀକୂଳିଆ ଲୋକଙ୍କୁ ଡରାଉଛି କୁମ୍ଭୀର ଉପଦ୍ରବ। କୁମ୍ଭୀର ଆକ୍ରମଣ ଭୟରେ ନଦୀରେ ପାଦ ରଖିବାକୁ ଲୋକେ ଭୟ କରୁଛନ୍ତି। ସୁରକ୍ଷା ପାଇଁ ଥିବା ତାରଜାଲି ନଷ୍ଟ ହୋଇଯିବାରୁ ଲୋକେ ଭୟଭୀତ। ଅନେକ ଥର ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ ମଧ ବନବିଭାଗ ନାହିରେ ତେଲ ଦେଇ ଶୋଇଥିବା ଲୋକେ ଅଭିଯୋଗ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତ ର ଓଳିହା,ଦେଉଳପଡା,ବାଙ୍କିଛନ୍ଦା,ନ ଳପଦା, ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମ ଗୁଡିକ ଗୋବରୀ ନଦୀ ପାର୍ଶ୍ୱରେ ଅବସ୍ଥିତ। ଦିନ ଥିଲା ନିତିଦିନିଆ କାର୍ଯ୍ୟ ପାଇଁ ଲୋକମାନେ ଏହି ନଦୀ ଉପରେ ନିର୍ଭର କରି ଆସୁଥିଲେ। ହେଲେ ଏଇ କିଛି ବର୍ଷ ହେବ କୁମ୍ଭୀର ମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବା ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ହେଲେ ଏଥିପାଇଁ ବନ ବିଭାଗର ଯେମିତି ଜଳାପୋଡା ନାହିଁ। ସୁରକ୍ଷା ବାଡ଼ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଲୋକେ



ଦାବି କରିଆସୁଥିଲେ ମଧ ଏଯାଏଁ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳୁନାହିଁ। ଓଳିହା ଗ୍ରାମର ଦୁର୍ଗା ମଣ୍ଡପ ତୁଠ ଓ ଖଣ୍ଡିଆ ବନ୍ଧ ତୁଠରେ ସୁରକ୍ଷା ବାଡ଼ ନାହିଁ। ଦେଉଳପଡା ତାରିଣୀ ମନ୍ଦିର ପାଖରେ ଥିବା ତୁଠରେ ମଧ ତାରବାଡ ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ବାଙ୍କିଛନ୍ଦା ବେହେରା ସାହି,ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମରେ ମଧ ତାରଜାଲ ନଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ପୂର୍ବରୁ ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଛନ୍ତି। ଏବେ ମଧ ନଦୀରେ କୁମ୍ଭୀର ଦେଖି ଲୋକେ ଭୟଭୀତ। କେତେବେଳେ କିଏଯେ କୁମ୍ଭୀର ଆକ୍ରମଣର ଶିକାର ନହେବ ସେକଥା କିଏ କହିବ? ଧନ ଜୀବନ ସୁରକ୍ଷିତ ରଖିବା ପାଇଁ ବନବିଭାଗ ତରଫରୁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଯାଇଥିବା ସୁରକ୍ଷା ବାଡ଼ କୁ ମରାମତି କରାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ମୁଖ୍ୟଶାସନ ସଚିବଙ୍କୁ ସାକ୍ଷାତ କଲେ ଛାତ୍ରନେତା ତବରେଜ

**ସାଲେପୁର, ୨୬।୧୨ (ସଂଚାର ବ୍ୟୁରୋ) :** ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନସଚିବ ଅନୁ ଗର୍ଗଙ୍କୁ ଲୋକସେବା ଭବନରେ ଭେଟି ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ଭାରତୀୟ ଛାତ୍ରସଂସଦର ରାଜ୍ୟ ସଂଯୋଜକ ଇଂ. ତବରେଜ ଖାଁ। ଶ୍ରୀ ଖାଁ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଫାର୍ମାସୀ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ଓ ଫାର୍ମାସୀ ଶିକ୍ଷା ଉପରେ ଆଲୋଚନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ରୌପ୍ୟ ଜୟନ୍ତୀ ପାଳନ

# ଶିଶୁଙ୍କୁ ସଂସ୍କାର ଦେବା ନିହାତି ଆବଶ୍ୟକ



**ଗରଦପୁର, ୨୬।୧୨ (ସଂଚାର ବ୍ୟୁରୋ):** ସମାଜ ଗଠନରେ ଶିଶୁ ମନ୍ଦିର ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିବେଶ ସୁରକ୍ଷା ଦିଗରେ ଶିଶୁ ବୟସ ଠାରୁ ଶିଶୁ ମାନଙ୍କୁ ଯତ୍ନଶୀଳ କରାଇବା ନିହାତି ଜରୁରୀ, ପିଲା ମାନଙ୍କୁ ନିଶା ଠାରୁ ଦୂରରେ ରଖି ଏକ ସୁନ୍ଦର ସମାଜ ଗଠନ କରିବା ପାଇଁ ଉପସ୍ଥିତ ସମସ୍ତ ଅଭିଭାବକ ମାନଙ୍କୁ ଶପଥ ପାଠ କରାଇଥିଲେ କାରଣ ଏହି ସବୁ ଦିଗରେ ଅଭିଭାବକ ମାନଙ୍କର ମୁଖ୍ୟ ଦାଇତ୍ୱ ରହିଛି, ପରିବେଶ ସୁରକ୍ଷା ପାଇଁ ସମସ୍ତେ ଗୋଟିଏ ଲେଖା ଗଛ ଲଗାଇବା ନିହାତି ଜରୁରୀ ରହିଛି ବୋଲି କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ନଡ଼ିଅବାରାଇ ସରସ୍ୱତୀ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହରେ ମାନ୍ୟବର ବିଧାୟକ ପାଟକୁରା ଶ୍ରୀ ଅରବିନ୍ଦ ମହାପତ୍ର ନିଜର ଅଭିଭାଷଣରେ କହିଛନ୍ତି। ଏହି ଉତ୍ସବର ନିମନ୍ତ୍ରଣ ଦ୍ୱାରା ନଡ଼ିଆ ବରେଇ ଗ୍ରାମର ଶତାଧିକ ଶୁଭେଚ୍ଛୁମାନେ ଗ୍ରାମ ଆରମ୍ଭରୁ ବାଜା ବାଣ ଓ ବାଇକ ରାଲି ଦ୍ୱାରା ଗ୍ରାମ ଭ୍ରମଣ କରି ସରସ୍ୱତୀ ଶିଶୁମନ୍ଦିରରେ ହେଉଥିବା ଉତ୍ସବ ସ୍ଥଳକୁ ପାଛୋଟି ନେଇଥିଲେ। ଶିଶୁ ମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନେ ଓ ବିଦ୍ୟାଳୟର ଗୁରମା, ଗୁରୁଜୀମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଧାୟକ ଶ୍ରୀ ଅରବିନ୍ଦଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରିୟ ଦେଇ ସ୍ୱାଗତ ପୂର୍ବକ ସଭା ମଞ୍ଚ ଉପରକୁ ପାଛୋଟି ନେଇଥିଲେ।

# ଦେସାହି ସମବାୟ ସମିତିରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ

**ଆଳି, ୨୬।୧୨ (ସଂଚାର ବ୍ୟୁରୋ):** ଆଳି ଦେସାହି ସମବାୟ ସମିତିରେ ଚାଷୀଙ୍କ ଅଜାଣତରେ ଋଣ କରି ଲକ୍ଷାଧିକ ଟଙ୍କା ହଡ଼ପ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ଚାଷୀ । ମହିଳା ଚାଷୀ ଜଣଙ୍କ ଆଳିର କଟକ କେନ୍ଦ୍ର ସମବାୟ

## ନ୍ୟାୟ ନମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ



ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅଭିଯୋଗ କରିଛନ୍ତି।ସୂଚନା ଅନୁଯାୟୀ ଜଣେ ମହିଳା ଚାଷୀ କନକ ଲତା ରାଉତ ଅଭିଯୋଗ କରିଛନ୍ତି ଯେ ସେ ସମବାୟ ରୁ ଥରେ ୧୧ ହଜାର ଟଙ୍କା ଋଣ ନେଇଥିଲେ । ଏହା ସୁଧ ବଢ଼ି ୧୪ ହଜାର ଟଙ୍କା ହୋଇଥିଲା। ଏହାପରେ ଏବେ ବହି ଚେକ କରିବା ବେଳେ ତାଙ୍କ ନାମରେ ୫୭ ହଜାର ଟଙ୍କା ଋଣ ରହିଛି ଯାହାକି ତାଙ୍କୁ ସୁଝିବାକୁ ପଡିବ । ସେ ଋଣ କରିନଥିବା ବେଳେ ସଂପାଦକ ତାଙ୍କ ନାମରେ ଋଣ କରି ଅର୍ଥ ହଡ଼ପ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି । ଯଦି ଆଗାମୀ ଦିନରେ ନ୍ୟାୟ ନ ମିଳେ ତାହାଲେ ନିଜକୁ ଆତ୍ମ ଆହୁତି ଦେବେବୋଲି ଚେତାବନୀ ଦେଇଛନ୍ତି। ଆଳି ବ୍ଲକ ଦେସାହି ସମବାୟ ସମିତି ଅଧୀନରେ ଦେସାହି ଓ କେତୁଆପାଳ ପଞ୍ଚାୟତର ପ୍ରାୟ ଦୁଇହଜାରରୁ ଊର୍ଦ୍ଧ ଚାଷୀ ରହିଛନ୍ତି । ସରକାରଙ୍କ ପକ୍ଷରୁ ସମବାୟ ସମିତି ମାଧମରେ ଚାଷୀ ମାନଙ୍କୁ ଋଣ ଦେବା, ଋଣ ଆଦାୟ, ସାର ଓ ବିହନ ଯୋଗାଇଦେବା ଓ ଚାଷୀମାନଙ୍କୁ ଧାନମଣ୍ଡିରେ ଧାନ ବିକ୍ରି କରି ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରଦାନ ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ଦେସାହି ସମବାୟ ସମିତି ପକ୍ଷରୁ କିନ୍ତୁ ଚାଷୀମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଆସିଛି । ସମବାୟରେ ଥିବା ଚାଷୀ ମାନଙ୍କ ଅଗୋଚରରେ ସେମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ କରି ଚାଷୀକୁ କିଛି ଟଙ୍କା ଦେଇ ବାକି ଅର୍ଥ ହଡ଼ପ କରିବାରେ ଲାଗି ପଡିଛନ୍ତି । ଚାଷୀ ମାନଙ୍କୁ ଅଳ୍ପ ପରିମାଣର ଟଙ୍କା ଦେଇ ବଳକା ଅର୍ଥକୁ ସଂପାଦକ ହଡ଼ପ କରିଥିବା ଅଭିଯୋଗ ହୋଇଛି । ଦେସାହି ସମବାୟ ସମିତିରେ ଚାଷୀଙ୍କ ଅଗୋଚରରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ବେଳେ ସ୍ୱତନ୍ତ୍ର ଅଡିଟ କରାଯାଇ ଚାଷୀମାନଙ୍କୁ ନ୍ୟାୟ ଦେବାକୁ ଅଞ୍ଚଳର ଶତାଧିକ ଚାଷୀ ଦାବି କରିଛନ୍ତି । ଏନେଇ ଶାଖା ପରିଚାଳକ ଙ୍କୁ ପଚାରିବାରୁ ସମ୍ପାଦକ ଙ୍କୁ ଡକାଯାଇ ତଦନ୍ତ ଚାଲିଥିବା କହିଛନ୍ତି ।

# ନଦୀ କୂଳରୁ ମାଙ୍କଡ଼କୁ ଝାମ୍ପିନେଲା କୁମ୍ଭୀର



## ଉଦ୍ଧାର କରିବା ପାଇଁ ନଦୀକୁ ଡେଇଁଲେ ମାଙ୍କଡ଼ ଦଳ

### ଭାଇଚାରର ନିଆରା ବାର୍ତ୍ତା

**ମହାକାଳପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଖରିନାସି ଜଙ୍ଗଲ ପାର୍ଶ୍ୱରେ ମହାନଦୀର ଏକ ଶାଖା ଗଳିଆ ନଦୀ ପ୍ରବାହିତ ହେଉଛି। ଏହି ନଦୀରେ ମାଙ୍କଡ଼ ଦଳ ମାନଙ୍କ ମଧ୍ୟରୁ ଗୋଟେ ମାଙ୍କଡ଼ ନଦୀକୂଳରେ ପାଣି ପିଉଥିବା ସମୟରେ ମାଙ୍କଡକୁ ଟାଣି ନେଇଥିଲା କୁମ୍ଭୀର। ଏହି ସମୟରେ ମାଙ୍କଡ଼ର ଚିତ୍କାର ଶୁଣି ଅନ୍ୟ ମାଙ୍କଡ଼ମାନେ ନିଜ ଜୀବନକୁ ବାଜିରେ ଲଗାଇ କୁମ୍ଭୀର ଭର୍ତ୍ତି ନଦୀ ପାର ହୋଇ ତା ନିକଟରେ ପହଁଞ୍ଚି ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ସାଥି ମାଙ୍କଡ ଟିକୁ ବଞ୍ଚାଇ ପାରିନଥିଲା। ସାଥୀ ମାଙ୍କଡଟିକୁ ସିନା ବଞ୍ଚାଇ ପାରିଲେନି ହେଲେ ସେମାନେ କରିଥିବା ପ୍ରୟାସ ସମଗ୍ର ମାନବ ସମାଜ ପାଇଁ ଏକ ନିଛକ ଭାଇ ଚାରାର ସନ୍ଦେଶ ଛାଡି ଯାଇଛି। ଏହି ଘଟଣା ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏମିତି ଘଟଣାକୁ ସେଠାରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି ତମାମ ଘଟଣାକୁ ମୋବାଇଲରେ କଏଦ କରିବା ପରେ ଏହି ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି।

## କଟକସଦର ବିଜେଡି ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ

# ଆଗାମୀ ଦିନରେ ବିଜେଡି ସଂଗଠନକୁ ମଝବୁତ କରିବାକୁ ଆହ୍ୱାନ



**ନିଷ୍ଟିନ୍ତକୋଇଲି, ୨୬।୧୨ (ସଂଚାର ବ୍ୟୁରୋ):** ନିଷ୍ଟିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ଚିତ୍ରୋତ୍ପଳା ନଦୀପାର୍ଶ୍ୱ ମା ସାହାଡ଼ାସୁନ୍ଦରୀ ମନ୍ଦିର ପରିସରରେ କଟକ ସଦର ନିର୍ବାଚନ ମଣ୍ଡଳୀ ବିଜେଡିର ଦୃଢ ସଂଗଠକ ତଥା ସମାଜସେବୀ ଶ୍ରୀ ନୃସିଂହଚରଣ ମୁଦୁଲିଙ୍କ ସଂଯୋଜନାରେ କଟକ ସଦର ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରା ଯୋଗଦାନ କରି ସମଗ୍ର ଓଡ଼ିଶାରେ ଆଜି ବିଜୁ ଜନତା ଦଳ ତା'ର ୨୯ତମ ସ୍ୱନକ୍ଷତ୍ର ଦିବସ ପାଳନ କରୁଛି ଏବଂ ଏହି ଅବସରରେ ଆମ କଟକ ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଏହି ଉତ୍ସବ ପାଳନ ହେଉଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ବର୍ତ୍ତମାନର ବିଜେପି ସରକାରର ଭୁଲ, ଅନ୍ୟାୟ, ଦୁର୍ନୀତି, ନାରୀ ନିର୍ଯାତନା ଆଦି ବିଭିନ୍ନ ତ୍ରୁଟିକୁ ଲୋକଲୋଚନକୁ ଆଣିବା ସହିତ ସାକାରତ୍ମକ ପ୍ରଣାଳୀରେ ବିରୋଧ କରାଯିବା ସହ କିଭଳି ଭାବେ ସାଧାରଣ ଲୋକେ ସରକାରଙ୍କ ସବୁ ସୁବିଧା ସୁଯୋଗ ପାଇପାରିବେ ତାହା ପାଇଁ ବିଜୁ ଜନତା ଦଳ ପ୍ରତିଜ୍ଞାବଦ୍ଧ ବୋଲି ପ୍ରକାଶ କରିଥିଲେ। ଏହାସହିତ ପୂର୍ବରୁ ଗୋଡ଼ାଣିଆ ଭାବେ ଯେଉଁ ଅଜଗର ସାପ ମାନେ ଆମ ସହିତ ଥିଲେ ଏବଂ ଏବେ ଆମ ପାଖରୁ ଦୂରେଇ ଯାଇଛନ୍ତି ଯାହା ବିଜୁ ଜନତା ପାଇଁ ମଙ୍ଗଳକର। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ସମେତ ବହୁ ବିଜେଡ଼ି କର୍ମୀ ଯୋଗଦାନ କରି ବିଜେଡ଼ିର ଗୁଣଗାନ କରିବା ସହିତ ବିଜେପିକୁ କଟୁ ସମାଲୋଚନା କରିଥିଲେ।

# ରାଜ୍ୟସ୍ତରୀୟ ଯୁବ ଉତ୍ସବରେ କେନ୍ଦ୍ରାପଡ଼ା ଛାତ୍ରୀଙ୍କ କୃତିତ୍ୱ



**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଡିସେମ୍ବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତାରେ ପଦ୍ୟ ଲିଖନ ପ୍ରତିଯୋଗିତାରେ ଏସ.ଏନ ମହାବିଦ୍ୟାଳୟର ରାଜକନିକାର ଛାତ୍ରୀ ସୋମ୍ୟ ପ୍ରିୟଦର୍ଶିନୀ ବିଶ୍ୱାଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ୧୦ ହଜାର ଟଙ୍କା, ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ ମୁଖ୍ୟଅତିଥି ପ୍ରଦାନ କରିଛନ୍ତି। ସୋମ୍ୟ ପ୍ରିୟଦର୍ଶିନୀ ଜାତୀୟସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ ନିମନ୍ତେ ଦିଲ୍ଲୀ ଗସ୍ତ କରିବେ। ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆସନ୍ତା ଜାନୁଆରୀ ମାସ ୧୨ ତାରିଖ ଦିନ ଅନୁଷ୍ଠିତ ହେବ। ସେହିପରି ଗଳ୍ପ ଲିଖନ ପ୍ରତିଯୋଗିତା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଛାତ୍ରୀ ସିମରନ ମହାନ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ପ୍ରମାଣପତ୍ର ମୁଖ୍ୟଅତିଥି ପ୍ରଦାନ କରିଛନ୍ତି। ସୋମ୍ୟ ପ୍ରିୟଦର୍ଶିନୀ ଏବଂ ସିମରନଙ୍କ ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଲଭ୍ ଜିହାଦକୁ ନେଇ ସାମ୍ବାଦିକ ସମ୍ମିଳନୀ

# ସରକାର ତୁରନ୍ତ ଆଇନ ପ୍ରଣୟନ କରିବାକୁ ଦାବି



**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ହିନ୍ଦୁ ସାମାଜିକ ସୁରକ୍ଷା ସଂଘଠନ ପକ୍ଷରୁ ଏକ ଲଭଜିହାଦ କର୍ମଶାଳା ଏବଂ ସାମ୍ବାଦିକ ସମ୍ମିଳନୀ କଜଳାସ୍ଥିତ ଜଗନ୍ନାଥ ଚାରିଟି ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୁ ସାମାଜିକ ସୁରକ୍ଷା ସଂଗଠନ ସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ଧର୍ମଜାଗରଣର ଜିଲ୍ଲା ସହ ସଂଯୋଜକ ଶଶାଙ୍କ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ମାତୃଦ ମହାନ୍ତି ଓ ବିଲୁପ୍ରସାଦ ଦାସ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଜେନା କହିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଲଭ ଜିହାଦ ଦିନକୁ ଦିନ ଏକ ଉଗ୍ର ରୂପ ଧାରଣ କରୁଥିବାରୁ ଏହା ହିନ୍ଦୁ ସମାଜକୁ ନାରୀ ଶୂନ୍ୟ କରିଦେବ । ଏଥିସହିତ ହିନ୍ଦୁ ମାନଙ୍କ ସଂଖ୍ୟାକୁ ଦେଶରୁ ହ୍ରାସ କରିଦେବାର ଷଡ଼ଯନ୍ତ୍ର ଭାବରେ ଏହି ଲଭ ଜିହାଦକୁ ଅସ୍ୱଭାବରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଦ୍ୱାରା ଯୋଜନା ବଦ୍ଧ ଭାବରେ ବ୍ୟବହାର କରାଯାଉଛି। ଯେଉଁ ଭଳି ଭାବରେ ଉକ୍ତ ସମ୍ପ୍ରଦାୟ ପକ୍ଷରୁ ଲଭ୍ ଜିହାଦ ଭଳି ଏକ ଘୃଣ୍ୟ ତଥା ରାଷ୍ଟ୍ରଦ୍ରୋହି ଅସାମାଜିକ କାର୍ଯ୍ୟ କରାଯାଇ ଷଡଯନ୍ତ୍ରକୁ ସଫଳ କରୁଥିବା ଯୁବକ ତଥା ବ୍ୟକ୍ତି ମାନଙ୍କୁ ୧୦ ଲକ୍ଷ ଟଙ୍କାର ଅର୍ଥ ରାଶି ସମ୍ମାନ ରୂପେ ଦେଇ ଏହି ଘୃଣ୍ୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏଥିସହିତ ହିନ୍ଦୁ ସମାଜର ନାରୀ ମାନଙ୍କର ବିଶେଷ ସୁରକ୍ଷା ସହିତ ଏଭଳି ଘୃଣ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତି ତଥା ସମ୍ପ୍ରଦାୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଏହି ସମ୍ମିଳନୀ ମାଧ୍ୟମରେ ଦାବି କରାଯାଇଛି ।

## ● ମାହାଙ୍ଗା ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

# ପ୍ରତାରଣାକାରୀ ବିଜେପି ସରକାରକୁ ହଟାଇ ପୁଣି ସରକାର ଗଢ଼ିବ ବିଜେଡି



**ମାହାଙ୍ଗା, ୨୬।୧୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ କୁଆଁପାଳ ସ୍ଥିତ ଅଳିଯୋଡ଼ା ସ୍ଥିତ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅପରାହ୍ନରେ ଅନୁଷ୍ଠିତ ବିଜେଡ଼ିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଅଧକ୍ଷତାରେ ବ୍ଲକ ବିଜେଡ଼ି ସଭାପତି ରାଜକିଶୋର ଜେନା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରୀପ୍ରେକ୍ଷୀରେ ଅତିଥି ବୃନ୍ଦ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ବିଜେଡ଼ି ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜେଡ଼ି ସଭାନେତ୍ରୀ ଇପ୍ସିତା ସାହୁ, ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲିକ ଯୋଗ ଦେଇ ବର୍ତ୍ତମାନର ଦୁର୍ନୀତିଗ୍ରସ୍ତ ବାହାପିଆ ବିଜେପି ସରକାର ସମୟରେ ସମଗ୍ର ଓଡ଼ିଶାର ଜନସାଧାରଣ ହା ହା କାର ଡ଼ାକିଲେଣୀ, ରାତି ପାହିଲେ ଏଠି ଗଣଦୁଷ୍କର୍ମ, ନାରୀ ନିର୍ଯାତନା କଥା ନକହିଲେ ଭଲ, ଏହି ବିଜେପି ସରକାର ଭ୍ରଷ୍ଟାଚାର, ଦୁର୍ନୀତିଗ୍ରସ୍ତ, ଖଣି ଲୁଟେରା, ଧୋକାବାଜ୍, କଥା କୁହାଳିଆ, ବାହାପିଆ, ନାରୀ ନିର୍ଯାତନାକାରୀ ବିଜେପି ସରକାରକୁ ହଟାଇ ପୁନଃର୍ବାର ଓଡ଼ିଶାବାସୀଙ୍କ ବୃହତର ସ୍ୱାର୍ଥ ଏବଂ ବିକାଶକୁ ଦୃଷ୍ଟିରେ ରଖି ଆମ ବିଜେଡ଼ି ଦଳର ମୁଖିଆ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକୁ ମୁଖ୍ୟମନ୍ତ୍ରୀ କରାଯିବ ତାହାପାଇଁ ଆଜିର ଦିନରେ ଆମେ ସମସ୍ତେ ଶପଥ ନେବା ଏବଂ ଏହି ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ହିଁ ଏହି ପରିବର୍ତ୍ତନର ମୂଳଦୁଆ ଉଙ୍କି ମାରିବ ବୋଲି ମତପ୍ରକାଶ କରିଥିଲେ।

# ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

**କେନ୍ଦ୍ରାପଡା, ୨୬।୧୨ (ସଂଚାର ବ୍ୟୁରୋ):** ବିଜୁଜନତା ଦଳ ଆଜି ୨୮ ବର୍ଷ ଅତିକ୍ରମ କରି ୨୯ ବର୍ଷରେ ପାଦ ଥାପିଛି । ଦଳକୁ ଗଢ଼ିଥିବା ସେଇ ବରିଷ୍ଟ ବ୍ୟକ୍ତି ଏବଂ ଦଳର ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇଛନ୍ତି ଦଳର ନେତା। ଆଜି ଦଳର ପ୍ରତିଷ୍ଠା ଦିବସ କେନ୍ଦ୍ରାପଡା ଜିଲ୍ଲାରେ ବହୁ ଆଡମ୍ବର ସହକାରେ ପାଳନ ହୋଇଯାଇଛି । କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରେ ବିଧାୟକ ଗଣେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସାନ୍ତସାହି ସ୍ଥିତ ଶ୍ରୀ ବଳଦେବଜୀୟୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା, ବିଜୁ ଜନତା ଦଳର ରାଜ୍ୟ ଯୁବ ସଭାପତି ଶ୍ରୀ ରାଜେଶ ଦାସ ଓ ଜିଲ୍ଲା ପରିଷଦ ଅଧକ୍ଷା



ଲିଲିତା ଦାସ, ଜିଲ୍ଲା ସଭାପତି ଶ୍ରୀ ଶିବ ପ୍ରସାଦ ଭଳ, ପୂର୍ବତନ ଜିଲ୍ଲା ସଭାପତି ଧିରେନ୍ ସାହୁ ଏବଂ ଦଳର ବହୁ କର୍ମୀ ଓ ମହିଳା କର୍ମୀ ମାନେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସରେ ଉପସ୍ଥିତ ରହି, ବିଜୁ ବାବୁଙ୍କ ପଟ୍ଟ ଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଦଳରେ ସଭିଏଁ ସଙ୍ଘଠିତ ହୋଇ ଜିଲ୍ଲାର ଓ ରାଜ୍ୟରେ ସେବାରେ ନିଜକୁ ନିୟୋଜିତ କରିବା ଦିଗରେ ସମର୍ପଣ ଭାବ ରଖି ଆଗକୁ ଯିବାକୁ ଉପସ୍ଥିତ କର୍ମୀ ମାନଙ୍କୁ ଉପଦେଶ ଦେବା ସହ ବର୍ତମାନ ସରକାର କୁ ଶାସନ ବିରୋଧରେ ନିନ୍ଦା ପ୍ରକଟ କରି ବିଜେପିର ଗୋଷ୍ଟି କନ୍ଦଳ ଥିବା ଯୋଗୁ ରାଜ୍ୟରେ ବିଭିନ୍ନ ପଦ ପଦବୀ ଖାଲି ଥିବା କହି ବିଜେପି ସରକାର ଉପରେ ବର୍ଷିଥିଲେ । ଏହି ସଭାରେ ଆଗଧାଡିର ଅନେକ କର୍ମୀ ମାନେ ଉପସ୍ଥିତ ରହିଥିଲେ।

# କୋରୋ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ଅଧକ୍ଷତାରେ ଆଗାମୀ ଜାନୁଆରୀମାସରେ ହେବାକୁ ଥିବା ପିଏମଶ୍ରୀ ଉତ୍ସବ ପାଇଁ ପ୍ରଥମ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପସଖା ଶିକ୍ଷାସେତୁ ସଭାପତି ରଞ୍ଜିତ ପ୍ରସାଦ ଜେନା, ଶିକ୍ଷାସେତୁ ସଦସ୍ୟ ବୃନ୍ଦ, ପୂର୍ବତନ ସରପ ବାବାଜୀ ମଳିକ, ଶିକ୍ଷାବିତ ହରିହର ସିଂହ, ବସନ୍ତ କୁମାର ନାୟକ, ମଳୟ କୁମାର ସାହୁ, ଗଣେଶ ଚନ୍ଦ୍ର ରାଉତ, ଅନନ୍ତ ଓଝା, ଜଗନ୍ନାଥ ସାହୁ, କରୁଣାକର ସାହୁ, ଭାଗବତ ଚନ୍ଦ୍ର ବରାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ଉତ୍ସବକୁ କିପରି ସଫଳ କରିବେ ସେ ବିଷୟରେ ମତାମତ ପ୍ରଦାନ କରିଥିଲେ । ଆସନ୍ତା ୩୦ ତାରିଖରେ ପରବର୍ତ୍ତୀ ଚୂଡାନ୍ତ ପ୍ରସ୍ତୁତି ବୈଠକ ହେବ।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ



**ସାଲେପୁର, ୨୬।୧୨ (ସଂଚାର ବ୍ୟୁରୋ):** ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଗୋପିନାଥପୁରଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଜେଡି ସଂଗଠନକୁ ସୁଦୃଢ଼ କରିବା ସହ ଲୋକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସରକାରୀ ଯୋଜନା ଘରେ ଘରେ ପହଞ୍ଚିପାରୁଛି କି ନାହିଁ ସେ ଦିଗରେ ଦୃଷ୍ଟିଦେବା ସହ ଘରେ ଘରେ ପହଞ୍ଚି ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଆତ୍ମାର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ନମିତା ସେଠୀ, ଜୟଶ୍ରୀ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ରମେଶ ଜେନା, ଧିରେନ୍ଦ୍ର ଜତି, ବ୍ଲକ କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଗୁଲରେଜ ଅଲ୍ଲୀ, ସୁମନ୍ ନାୟକ, ଜୟଶ୍ରୀ ଜେନା, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ସଂଖ୍ୟାଲଘୁ ସଭାପତି ସମିମ ଅଖତର, ଯୁବନେତା ରାଜେଶ ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତାମାନେ ଯୋଗଦେଇଥିଲେ।

## ପଟ୍ଟାମୁଣ୍ଡାଇରେ ବିଜେଡିର ପ୍ରତିଷ୍ଠା ଦିବସ

# ସେବା, ସ୍ୱାଭିମାନ ଓ ସଂଘର୍ଷ ପାଇଁ ବିଜେଡି କର୍ମୀ ପ୍ରତିଜ୍ଞା କରନ୍ତୁ



**ପଟ୍ଟାମୁଣ୍ଡାଇ, ୨୬।୧୨ (ସଂଚାର ବ୍ୟୁରୋ):** ଓଡ଼ିଆ ସ୍ୱାଭିମାନର ପ୍ରତୀକ ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଆଦର୍ଶରେ ଗଠିତ ବିଜେଡି ଦଳ ନବୀନ ପଟନାୟକଙ୍କ ନେତୃତ୍ୱରେ ଓଡିଶାର ବିକାଶ ପାଇଁ ଲଢେଇ ଜାରି ରଖିବ । କୌଣସି ଅପପ୍ରଚାର ବିଜେଡିର ଗତି ଓ ସ୍ଥିତିକୁ ବଦଳାଇ ପାରିବନାହିଁ । ଜନସାଧାରଣଙ୍କ ସେବା, ଓଡ଼ିଆ ସ୍ୱାଭିମାନ ଓ ଜନତାଙ୍କ ଅଧିକାର ପାଇଁ ସଂଘର୍ଷ କରିବାକୁ ଆଜିର ପ୍ରତିଷ୍ଠା ଦିବସରେ ବିଜେଡି କର୍ମୀମାନେ ପ୍ରତିଜ୍ଞା ନେଇ କାର୍ଯ୍ୟ କଲେ ଆଗାମୀ ପଂଚାୟତ ପୌର ଓ ସାଧାରଣ ନିର୍ବାଚନରେ ବିଜେଡି ବିଜୟ ସୁନିଶ୍ଚିତ ବୋଲି ଆଜି ରାଜନଗର ନିର୍ବାଚନମଣ୍ଡଳୀ ପକ୍ଷରୁ ପଟ୍ଟାମୁଣ୍ଡାଇ ଡ଼ିଭାଇନ ପ୍ୟାଲେସ ଠାରେ ଦଳର ୨୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ।

ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଜନସମାବେଶରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ରାଜନଗର ବ୍ଲକ ଅଧକ୍ଷା ପ୍ରତିଭା ପାତ୍ରଙ୍କ ସମେତ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଂଚଳର ସହସ୍ରାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ସମାବେଶ ପୂର୍ବରୁ ପ୍ରବାଦ ପୁରୁଷ ବିଜୁ ପଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଧାୟକଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀ ମାନେ ବିଜୁ ପଟ୍ଟନାୟକ ଛକ ଠାରୁ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ସଭା ସ୍ଥଳରେ ପହଂଚି ଥିଲେ ।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଲୋକ ଭବନରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବର୍ତ୍ତମାନର ସ୍ଥିତି ଓ ତତ୍ ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ରାଜ୍ୟପାଳଙ୍କୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ମଧ ଅବଗତ କରାଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ଯୋଗ୍ୟତା ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ମନ୍ତ୍ରୀ ଅବଗତ କରାଇଛନ୍ତି। ଏଥିସହ ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ଶୈକ୍ଷିକ ବାତାବରଣ ଓ ଶାସନକୁ ସୁଦୃଢ଼ କରିବା, ଶୈକ୍ଷିକ ମାନ ଉନ୍ନତ କରିବା, ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷଣ ଓ ଅଧ୍ୟୟନର ଗୁଣାତ୍ମକତା ବୃଦ୍ଧି ନିମନ୍ତେ ଗ୍ରହଣ କରାଯାଇଥିବା ସଂସ୍କାରଗୁଡ଼ିକ ସମ୍ପର୍କରେ ମଧ ମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଏହାଛଡ଼ା କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଦିଗରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଓ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଛି। ଆଲୋଚନା ସମୟରେ ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ ଡ. କମ୍ଭମପାଟି ଓଡ଼ିଶାରେ ଉଚ୍ଚ ଶିକ୍ଷାର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ପ୍ରଭାବୀ ଶାସନ ଏବଂ ଛାତ୍ରକେନ୍ଦ୍ରିକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି।

■ କଥା ଦେଇ କଥା ରଖିଲେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝର ପ୍ରବେଶ ଦ୍ୱାରରେ ଧରଣୀଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କେନ୍ଦୁଝର,୨୬।୧୨(ସଂଚାର ବ୍ୟୁରୋ):** କେନ୍ଦୁଝର ମାଟି ହେଉଛି ବିପ୍ଳବୀ ମାଟି। ଏଠି ଅନେକ ବିପ୍ଳବୀ ଜନ୍ମଗ୍ରହଣ କରିଛନ୍ତି। କିନ୍ତୁ ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଜିଲ୍ଲାରେ ଧରଣୀଧର ନାଏକଙ୍କ ନାମ ସର୍ବାଗ୍ରେ ରହିବ। ବିପ୍ଳବୀ ଧରଣୀଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି କେନ୍ଦୁଝର ସହରର ପ୍ରବେଶ ପଥରେ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଆମ ପାଇଁ ଗର୍ବର ଦିନ। କାରଣ ଆଜି ପୂର୍ବରୁ କେନ୍ଦୁଝରକୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ସେ ପୂରଣ କରିଛନ୍ତି। କେନ୍ଦୁଝର ସହରର ମୁଖ୍ୟ ପ୍ରବେଶ ପଥ ନେକେଡ଼ା ଘର ଛକ, ଜାମୁନାଳିଆଠାରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିବା ବେଳେ ଗତ ମେ' ୫ ତାରିଖରେ ମୁଖ୍ୟମନ୍ତ୍ରୀ ଏପରି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ ଶୋଭା ପାଇବ ବୋଲି ମୁଖ୍ୟମନ୍ତ୍ରୀ ସେତେବେଳେ ପ୍ରତିଶ୍ରୁତି ଦେଇଥିବା ବେଳେ ଆଜି ତାହା ସାକାର ହୋଇଥିବା ମତ ଦେଇଛନ୍ତି।

**ଖଣି ଖାଦାନର ମାଟି ସହ ଲଢ଼େଇ ବି ଜାଣିଛି କେନ୍ଦୁଝର ମାଟି**

ସେ କହିଛନ୍ତି ଯେ ଯେଉଁ ଲଢୁଆ ପୁଅର ପରିଚୟ ଦେଇ ବିପ୍ଳବୀ ଧରଣୀଧର ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ କରିଥିଲେ, ସେ ଲଢୁଆ ପୁଅର ଶକ୍ତି ଆଜି ବି ଆମ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଛି। ଏ ମାଟି କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢ଼େଇ କରିବା ବି ଜାଣିଛି। କେନ୍ଦୁଝରରେ ନୀରିହ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଥିଲା, ତା' ବିରୋଧରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ 'ଧରଣୀ ମେଳି'। ଧରଣୀଧର ଥିଲେ ଭୂୟାଁ ସମ୍ପ୍ରଦାୟର ଆଦିବାସୀ। ସ୍ୱଭାବରେ ସମସ୍ତେ ଶାନ୍ତିପ୍ରିୟ। କିନ୍ତୁ ଅନ୍ୟାୟ ଅତ୍ୟାଚାରକୁ ବରଦାସ୍ତ କରିବା ସେମାନେ ଶିଖିନାହାନ୍ତି। ଧରଣୀଧର ଥିଲେ ସେହି ଅତ୍ୟାଚାର-ବିରୋଧୀ ଶକ୍ତିର ମାନବୀୟ ରୂପ।

# ପୂର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କ ପରଲୋକ

● ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ନେତାଙ୍କ ଶୋକ ପ୍ରକାଶ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ପରଲୋକରେ ବରିଷ୍ଠ ବିଜେପି ନେତ୍ରୀ ତଥା କୋରେଇର ପୂର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କ ପରଲୋକ ହୋଇଛି। ଏଠାକାର ବାସଭବନରେ ସେ ଆଖି ବୁଜିଛନ୍ତି। ଦୀର୍ଘଦିନ ଧରି ସେ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ ହେଁ ଶେଷରେ ଆଜି ଏହି ଲଢ଼େଇରେ ସେ ହାରିଯାଇଛନ୍ତି। ସେ ଗତ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା କୋରେଇ ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ଆଜି ସକାଳେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଏଠାକାର ଏକ ଘରୋଇ ଡାକ୍ତରଖାନାରେ ସେ ଅନ୍ତିମ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ବହୁ ବିଜେପି ନେତା ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ବିଧାନସଭା ପରିସରକୁ ତାଙ୍କ ପାର୍ଥିବ ଶରୀର ନିଆଯିବା ପରେ ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ଶ୍ରୀ ମାଝୀ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ଓ ଶ୍ରୀମତୀ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ମଧ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ବିଜେପିର ବହୁ ବିଧାୟକ ଓ ନେତା ଶ୍ରୀ ମହାନ୍ତିଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମଧ ବରିଷ୍ଠ ନେତାମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ନବୀନଙ୍କ ବିଦେଶ ଗସ୍ତ ନେଇ ଉଠିଲା ପ୍ରଶ୍ନ

# ସ୍ୱତନ୍ତ୍ର ଅଡିଟ ଦାବିକଲେ ସୂଚନାଧିକାର କର୍ମୀ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଥିବା ସମୟରେ ନବୀନ ପଟ୍ଟନାୟକ ଗତ ୨୦୨୨ ଓ ୨୦୨୩ରେ ୪ ଥର ବିଦେଶୀ ଗସ୍ତ କରିବା ନେଇ ଉଠିଛି ପ୍ରଶ୍ନ। ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଦୁବାଇ, ଜାପାନ, ସିଙ୍ଗାପୁର, ଇଟାଲୀ ଯାଇଥିଲେ ନବୀନ। ଏସବୁ ଗସ୍ତରେ ତାଙ୍କ ସହ ଯାଇଥିଲେ ରାଜ୍ୟ ସରକାରଙ୍କର କିଛି ବଡ଼ ବଡ଼ ଅଫିସର। ଏସବୁ ଗସ୍ତରୁ ଓଡ଼ିଶାକୁ କେତେ ପୁଞ୍ଜି ଆସିଲା, ତାହା ତ ଭିନ୍ନ କଥା। କିନ୍ତୁ ନବୀନଙ୍କ ଇଟାଲୀ ଗସ୍ତ ସବୁଠୁ ବିବାଦୀୟ ହୋଇଛି। ଆଜି ଭୁବନେଶ୍ୱରରେ ନବୀନଙ୍କ ବିଦେଶ ଗସ୍ତରେ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ପାଣି ଭଳି ଖର୍ଚ୍ଚ କରାଯିବା ନେଇ ପ୍ରଶ୍ନ ଉଠାଇଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ ଏପ୍ରିଲରେ ନବୀନ ଜାପାନ ଗସ୍ତରେ ଯାଇଥିଲେ। ତାଙ୍କ ଗସ୍ତ ପାଇଁ ଇପିକଲ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ପାଇଁ ସଂସଦୀୟ ବ୍ୟାପାର ବିଭାଗ ୬୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଅନ୍ୟ ମନ୍ତ୍ରୀ ଓ ଅଫିସରଙ୍କ ପାଇଁ ଓଟିଡିସି ଟିକେଟ କରିଥିଲା। ସେ ସମୟରେ ଏଥିପାଇଁ ଖର୍ଚ୍ଚ ହୋଇଥିଲା ୬୩ ଲକ୍ଷ ଟଙ୍କା। ନବୀନ ଓ ତାଙ୍କ ବ୍ୟକ୍ତିଗତ ସଚିବ ସ୍ୱତନ୍ତ୍ର ବିମାନରେ ସିଙ୍ଗାପୁର ଯାଇଥିଲେ। ୧୧ ତାରିଖରେ ସେମାନେ ବ୍ୟାଙ୍କକ୍ ଫେରିଛନ୍ତି। କିନ୍ତୁ ଟିମ ସହ ସେମାନଙ୍କର କୌଣସି ଯୋଗାଯୋଗ ନଥିଲା। ଥାଇଲାଣ୍ଡରେ ରହି ସ୍ୱତନ୍ତ୍ର ବିମାନ କରି ଓଡ଼ିଶା ଫେରିଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଥିଲା ୧ କୋଟି ୭୦ ଲକ୍ଷ ଟଙ୍କା। ଏତେ ଖର୍ଚ୍ଚ ହେଲା, କିନ୍ତୁ କେତେ ପୁଞ୍ଜିନିବେଶ ଆସିଲା, ତା'ର କୌଣସି ହିସାବ ନାହିଁ। ୬ଟି ପୁଞ୍ଜିନିବେଶ ଆସିଥିବା ସେ ସମୟରେ ଦର୍ଶାଯାଇଥିଲା, ହେଲେ ତା'ର ଭବିଷ୍ୟତ ଜଣାନାହିଁ।

ସେହିପରି ନବୀନଙ୍କ ଇଟାଲୀ ଗସ୍ତର ମଧ କୌଣସି ତଥ୍ୟ ନାହିଁ। ଇଟାଲୀ ଗସ୍ତ ପାଇଁ ୮୨ ଲକ୍ଷ ଖର୍ଚ୍ଚ ହୋଇଥିବା ସଂସଦୀୟ ବିଭାଗର ତଥ୍ୟ କହୁଛି। ୱାର୍ଲ୍ଡ ଫୁଡ୍ ପୋଗ୍ରାମରେ ପରିଦର୍ଶନ ପାଇଁ ଡାକିଛନ୍ତି ବୋଲି କୁହାଗଲା। ରୋମ୍‌ରେ ୬ ଦିନ ରହଣିରେ ପ୍ରାୟ ୩୬ ଲକ୍ଷ ଖର୍ଚ୍ଚ ହେଲା। ହେଲେ ପ୍ରକୃତ କାରଣ ଜଣାପଡିଲା ନାହିଁ। ତେଣୁ ରାଜ୍ୟ ରାଜକୋଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାରୁ ଏହା ବଦଳରେ ଓଡ଼ିଶା କ'ଣ ପାଇଛି, ତା' ଜାଣିବା ସକାଶେ ମୁଖ୍ୟମନ୍ତ୍ରୀଙ୍କ ଏହିସବୁ ଗସ୍ତର ସ୍ୱତନ୍ତ୍ର ଅଡିଟ ହେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ସରୋଜ ଶତପଥୀଙ୍କୁ 'ବ୍ୟଙ୍ଗମଣି' ସମ୍ମାନ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଓଡ଼ିଆ ସାହିତ୍ୟର ବ୍ୟଙ୍ଗ ଧାରାକୁ ନୂତନ ଦିଶା, ସମୟୋଚିତ ସଚେତନତା ଓ ସାର୍ଥକ ରମ୍ୟତାରେ ସମୃଦ୍ଧ କରିଥିବା ବ୍ୟଙ୍ଗ କବି ସରୋଜ କୁମାର ଶତପଥୀଙ୍କୁ ଚଳିତ ବର୍ଷ 'ଆଜ୍ଞା ନମସ୍କାର' ପତ୍ରିକା ପକ୍ଷରୁ ଗରିମାମୟ 'ବ୍ୟଙ୍ଗମଣି' ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଆ ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ନିଜସ୍ୱ ଶୈଳୀ, ସାମାଜିକ ସଚେତନତା ଓ ଶାଣିତ ବ୍ୟଙ୍ଗ ଲେଖନୀ ପାଇଁ ବ୍ୟଙ୍ଗ କବି ଶ୍ରୀ ଶତପଥୀ ବେଶ୍ ପରିଚିତ। ଦୁଇ ଦିନ ଧରି ଅନୁଷ୍ଠିତ କୋରାଇ ମଣ୍ଡଳ ସାହିତ୍ୟ ସଂସଦର ୪୩ତମ ବାର୍ଷିକୋତ୍ସବ ଓ ଅଷ୍ଟାଦଶ କୋରାଇ ମହୋତ୍ସବ–୨୦୨୫ ଅବସରରେ ଶ୍ରୀ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାରୋହରେ ବର୍ଷୀୟାନ ସାହିତ୍ୟିକ ନନ୍ଦକିଶୋର ସିଂହ, ବିଶିଷ୍ଟ ଶ୍ରମିକ ନେତା ତଥା ପ୍ରାବନ୍ଧିକ ମାୟାଧର ନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଓ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ସଂସଦର ସଭାପତି, ସମ୍ପାଦକଙ୍କ ସହ ଅନେକ ପ୍ରତିଷ୍ଠିତ ସାହିତ୍ୟିକ, କବି, ସମାଲୋଚକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ବକ୍ତାମାନେ ତାଙ୍କର ବ୍ୟଙ୍ଗ ରଚନାରେ ସମାଜର ବିସଙ୍ଗତି, ବିରୋଧାଭାସ ଓ ଅନ୍ୟାୟକୁ ସରଳ କିନ୍ତୁ ତୀକ୍ଷ୍ଣ ଭାବେ ଉପସ୍ଥାପନ କରିବା କୌଶଳକୁ ଉଚ୍ଚ ପ୍ରଶଂସା କରିଥିଛନ୍ତି। ସେହିପରି ଶ୍ରୀ ଶତପଥୀ କହିଛନ୍ତି ଯେ ଏହି ସମ୍ମାନ ତାଙ୍କ ପାଇଁ କେବଳ ଏକ ପୁରସ୍କାର ନୁହେଁ; ଏହା ତାଙ୍କୁ ଆଗାମୀ ଦିନରେ ଓଡ଼ିଆ ବ୍ୟଙ୍ଗ ସାହିତ୍ୟକୁ ଆହୁରି ସମୃଦ୍ଧ, ସଜାଗ ଓ ସମାଜମୁଖୀ କରିବା ସକାଶେ ସ୍ୱତନ୍ତ୍ର ପ୍ରେରଣା ଦେବ।

# ଡିଜିଟାଲ୍ ଫସଲ ସର୍ଭେରେ ଓଡ଼ିଶାର ସଫଳତା

**ରାଜ୍ୟକୁ ମିଳିବ ୧୫୫.୪୮ କୋଟିର ସହାୟତା**

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଡିଜିଟାଲ କୃଷି ଯାତ୍ରାରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତ ସରକାର ଓଡ଼ିଶାକୁ ୧୫୫.୪୮ କୋଟିର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପ୍ରଦାନ କରିବେ। ଏହି ସଫଳତା ଓଡ଼ିଶାର କୃଷି ଯାତ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍‌ସିଏ) ଅଧୀନରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଆନୁଷ୍ଠାନିକ ଭାବେ ମୂଲ୍ୟାଙ୍କନ ଓ ଅନୁମୋଦନ କରିଛନ୍ତି। ଏହି ଅନୁମୋଦନ ଅଧୀନରେ ଏକ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ପଦକ୍ଷେପ ଏଗ୍ରିଷ୍ଟାକ୍‌ର ଉଭୟ କ୍ଷେତ୍ରରେ ରାଜ୍ୟ କୃଷି ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। କୃଷକ ପଞ୍ଜିକରଣର ପ୍ରଥମ ମାଇଲଖୁଣ୍ଟ ହାସଲ ପାଇଁ ୫୫.୪୮ କୋଟି ଟଙ୍କା ଓ ଡିଜିଟାଲ ଫସଲ ସର୍ଭେର ସଫଳ କାର୍ଯ୍ୟାନ୍ୱୟନ ପାଇଁ ୧୦୦ କୋଟି ଟଙ୍କା ପ୍ରୋତ୍ସାହନ ପାଇଁ ଘୋଷଣା କରାଯାଇଛି। କୃଷକମାନଙ୍କର ଏକ ପ୍ରାମାଣିକ, ଯାଞ୍ଚ କରାଯାଇଥିବା ଡାଟାବେସ୍ ସୃଷ୍ଟି ନିମନ୍ତେ କୃଷକ ପଞ୍ଜିକରଣ କରାଯାଉଛି। ଏହାଦ୍ୱାରା ପିଏମ୍- କିଷାନ୍, ସିଏମ୍-କିସାନ, ଫସଲ ବୀମା ଇତ୍ୟାଦି ଯୋଜନା ପାଇଁ ସଠିକ୍ ହିତାଧିକାରୀ ଚିହ୍ନଟ ସୁଗମ ହୋଇପାରିଛି।

# ବିଜେପି କାର୍ଯ୍ୟାଳୟରେ 'ବୀର୍ ବାଲ୍' ଦିବସ ପାଳିତ




**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଧର୍ମରକ୍ଷା ପାଇଁ ଦୁଇ ବାଳକ ଜୋରାବର ଓ ଫତେହ ସିଂଙ୍କ ବଳିଦାନ ଅବିସ୍ମରଣୀୟ। ମୋଗଲ ଶାସନ କାଳରେ ଭାରତୀୟ ସନାତନୀଙ୍କ ଉପରେ ଧର୍ମ ପରିବର୍ତ୍ତନ ନିମନ୍ତେ ନାନା ପାଶବିକ ଅତ୍ୟାଚାର କରାଯାଉଥିଲା। ମୋଗଲ ସମ୍ରାଟ ଔରଙ୍ଗଜେବ ଧର୍ମାନ୍ତରୀକରଣ ପାଇଁ ବାଧ କରୁଥିଲେ। ଅବମାନନା କରୁଥିବା ଲୋକଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିଲା। ୧୭୦୪ ଡିସେମ୍ବର ୨୨ରେ ସିରସା ନଦୀକୂଳରେ ଖାଲସା ଓ ମୋଗଲଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ସମୟରେ ୪୦ ଜଣ ଶିଖ୍ ୧.୫ ଲକ୍ଷ ମୋଗଲ ସେନାଙ୍କ ବିରୋଧରେ ଧର୍ମଯୁଦ୍ଧ ଲଢ଼ିଥିଲେ। ଶିଖ୍ ପରମ୍ପରାର ବଳିଦାନର ଏହି ଦିବସ ଇତିହାସରେ ଲିପିବଦ୍ଧ ହୋଇ ରହିଯାଇଛି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ 'ବୀର ବାଲ୍' ଦିବସ ପାଳିତ ହୋଇଛି।

ପିକ୍‌ନିକ୍ ହେଲା କାଳ

## ସୀତାକୁଣ୍ଡରେ ବୁଡ଼ି ୨ ଯୁବକ ମୃତ

**ବାରିପଦା,୨୬।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶିମିଳିପାଳ ପାଦଦେଶ ସୀତାକୁଣ୍ଡରେ ଆଜି ଦୁଇ ଜଣ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେମାନଙ୍କ ପରିଚୟ ମିଳିନଥିଲେ ହେଁ ସେମାନେ ଭଦ୍ରକ ଜିଲ୍ଲା ନିବାସୀ ବୋଲି ଜଣାପଡ଼ିଛି। ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉଭୟ ପିକ୍‌ନିକ୍‌ରେ ଆସି ସୀତାକୁଣ୍ଡରେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ବୁଡ଼ିଯିବା ପରେ ତୁରନ୍ତ ନିକଟସ୍ଥ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପରେ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା। ମିଳିଥିବା ସୂଚନାନୁସାରେ, ପିକନିକ ପାଇଁ ଭଦ୍ରକ ଜିଲ୍ଲାରୁ କେତେକ ପର୍ଯ୍ୟଟକ ସୀତାକୁଣ୍ଡ ଜଳପ୍ରପାତ ଆସିଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। ଏହାପରେ ସଙ୍ଗେ ସଙ୍ଗେ ଜଣକୁ ଉଦ୍ଧାର କରାଯାଇଥିଲା। କୁଣ୍ଡର ପାଣି ଗହୀର ଓ ପ୍ରବଳ ଥଣ୍ଡା ଥିବାରୁ ଅନ୍ୟ ପର୍ଯ୍ୟଟକଦ୍ୱୟଙ୍କୁ ଉଦ୍ଧାର କରିପାରିନଥିଲେ। ଦମକଳ ବାହିନୀ ଖୋଜାଖୋଜି କରିବା ସମୟରେ ସେମାନଙ୍କର ମୃତଦେହ ମିଳିଛି। ଖବର ପାଇ ବାରିପଦା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ହାତୀଦାନ୍ତ ବିକ୍ରି ଅଭିଯୋଗରେ ୩ ଗିରଫ

● ୩ ହାତୀ ଦାନ୍ତ ଜବତ
● ୨୫ରେ ପହଞ୍ଚିଲା ମୋଟ ଗିରଫଦାରୀ ସଂଖ୍ୟା

**ନୀଳଗିରି,୨୬।୧୨(ସଂଚାର ବ୍ୟୁରୋ):** ହାତୀଦାନ୍ତ ବେପାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ନୀଳଗିରି କୁଳଡିହା ଅଭୟାରଣ୍ୟରେ ମାଟି ତଳୁ ହାତୀର ଗଳିତ ଶବକୁ ତସ୍କରମାନେ ଖୋଳିବା ଘଟଣାରେ ଜଣେ ପରେ ଜଣେ ଅଭିଯୁକ୍ତ ଗିରଫ ହେଉଛନ୍ତି। ଏହି କ୍ରମରେ ଆଜି ୩ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିବା ସହ ୩ଟି ଦାନ୍ତ ଜବତ କରିଛି। ଏହି ଘଟଣା ନେଇ ଅଦ୍ୟାବଧି ୨୫ ଜଣ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ଏଆଇ କ୍ୟାମେରା ସହାୟତାରେ ୩ ଜଣ ଶିକାରୀ ଗିରଫ ହେବା ସହ ମୃତ ଝିଙ୍କ ଓ ଜଙ୍ଗଲୀ ମୂଷା ଏବଂ ବନ୍ଧୁକ ଜବତ ହୋଇଥିଲା। ଫୋନ ରେକର୍ଡ ଯାଞ୍ଚ କରିବା ପରେ ଅଭୟାରଣ୍ୟ ଭିତରେ ହାତୀଦାନ୍ତ ବେପାର ଘଟଣା ବନ ବିଭାଗ ଜାଣିବାକୁ ପାଇଥିଲା। ଏପରିକି ମାଟି ତଳେ ପୋତାଯାଇଥିବା ହାତୀ ହାଡ଼ ଖୋଳିବା ସହ ଏହାକୁ ପଲିସ୍ କରି ହାତୀଦାନ୍ତ ତିଆରି କରିବା ଭଳି ଘଟଣା ନେଇ ତଦନ୍ତକାରୀ ଅଧିକାରୀ ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଅବଗତ ହୋଇଥିଲେ।

## ଶିଖରଚଣ୍ଡୀ ପାହାଡ଼ ନିକଟରେ ହାତୀ

**ବାରଙ୍ଗ,୨୬।୧୨(ସଂଚାର ବ୍ୟୁରୋ):** ସମ୍ପ୍ରତି ପର୍ଯ୍ୟଟନ ଋତୁ ଚାଲିଥିବାରୁ ଭୁବନେଶ୍ୱର ଉପକଣ୍ଠରେ ଥିବା ଶିଖରଚଣ୍ଡୀ ପାହାଡ଼ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ପିକନିକ୍ ଡେଷ୍ଟିନେସନ୍। ଏବେ ନିୟମିତ ଭାବେ ଏହି ପାହାଡ଼ ଉପରକୁ ପର୍ଯ୍ୟଟକମାନେ ଭୋଜି କରିବାକୁ ଆସୁଛନ୍ତି। ତେବେ ଏବେ ଏହି ପାହାଡ଼ ଉପରକୁ ଆସିବା ସମୟରେ ପର୍ଯ୍ୟଟକମାନେ ସତର୍କତା ଅବଲମ୍ବନ କରିବାକୁ ଆଜି ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। କାରଣ ନିକଟରେ ଏହି ପାହାଡ଼ ଆଖପାଖ ଅଞ୍ଚଳରେ ଦୁଇଟି ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଏହି ଦୁଇଟି ଦନ୍ତା ଭରତପୁର ଜଙ୍ଗଲରୁ ଆସି ଶିଖରଚଣ୍ଡୀ ପାହାଡ଼ ନିକଟରେ ଲୁଚି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବଶ୍ୟ ବିଭାଗୀୟ କର୍ମଚାରୀମାନେ ଉକ୍ତ ଦୁଇଟି ଦନ୍ତାଙ୍କ ଚଳପ୍ରଚଳ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଏଥିସହ ସେମାନଙ୍କୁ କିପରି ସୁରକ୍ଷିତ ଭାବେ ଭରତପୁର ଜଙ୍ଗଲକୁ ଫେରାଇ ନିଆଯିବ, ସେ ନେଇ ବନ ବିଭାଗ ଟିମ୍ ଉଦ୍ୟମ କରୁଥିବା ସ୍ପଷ୍ଟ କରିଛି।

● ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ-ପାରାଦୀପ ପୋର୍ଟ ଚୁକ୍ତି

# ୟାର୍ଡ ଓ ସାଇଡିଂରେ ସୁଗମ ହେବ ପରିବହନ




**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ–ରେଲ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକରଣ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍ (ଇଓଏଲ୍) ଯୋଜନା' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ,, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ରେକ୍ ସହ ଲଗାଇ ରଖାଯିବ। ଏହାଦ୍ୱାରା ଇଞ୍ଜିନ୍ ଖୋଲିବା ଓ ପୁନଃସଂଯୋଗର ଆବଶ୍ୟକତା ପଡ଼ିବ ନାହିଁ। ଫଳତଃ ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଓ ୱାଗନ୍ ଏବଂ ଟ୍ରେନ୍ ରେକ୍‌ର ଦ୍ରୁତ ଟର୍ଣ୍ଣ-ଏରାଉଣ୍ଡ ସମ୍ଭବପର ହୋଇପାରିବ। ଏହି ଯୋଜନା ୟାର୍ଡ ଓ ସାଇଡିଂରେ ମଧ ଭିଡ଼ ହ୍ରାସ କରିବା ସହ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ। ଇଓଏଲ୍ ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ଅତିରିକ୍ତ ଢାଞ୍ଚା ତିଆରି ନ କରି ସାମର୍ଥ୍ୟ ବୃଦ୍ଧି ଏହି ଯୋଜନାର ଏକ ମୁଖ୍ୟ ଫାଇଦା ବୋଲି କୁହାଯାଇଛି। ଏହା ଭାରତୀୟ ରେଳବାଇର କାର୍ଯ୍ୟକୁଶଳତା ଓ ସୁସ୍ଥାୟୀ ପରିଚାଳନା ଲକ୍ଷ୍ୟ ପାଇଁ ଉଦ୍ଦିଷ୍ଟ। ଏହି ଚୁକ୍ତି ସ୍ୱାକ୍ଷର ସମୟରେ ପାରାଦୀପ ପୋର୍ଟ ଅଧକ୍ଷ ପିଏଲ ହରନାଧଙ୍କ ଉପସ୍ଥିତ ଥିବା ବେଳେ ଚୁକ୍ତିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ପକ୍ଷରୁ ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ସ୍ୱାକ୍ଷର କରିଥିଲେ। ଏହି ରେଳ–ପୋର୍ଟ ସହଯୋଗ ପାରାଦୀପ ପୋର୍ଟରେ ପଣ୍ୟ କାରବାର କ୍ଷମତା ବୃଦ୍ଧି, ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ସୁଦୃଢ଼ୀକରଣ ଓ ପୂର୍ବତଟ ରେଳପଥର ପଣ୍ୟ ପରିବହନ ଚଳାଚଳକୁ ଅଧିକ ଗତିଶୀଳ କରି ଏହି ଅଞ୍ଚଳର ଆର୍ଥିକ ଉନ୍ନତିକୁ ସମର୍ଥନ ଦେବ ବୋଲି ଆଶା କରାଯାଉଛି।

ଶ୍ରୀଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଶିଷ ଦିବସ

# ଗୁରୁଜୀ ଶିରିଡ଼ି ସାଇଙ୍କ ଅନନ୍ୟ ଭକ୍ତ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଶ୍ରୀଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ, ବସନ୍ତପୁର ପକ୍ଷରୁ ଦିବ୍ୟାଶିଷ ଦିବସ ପାଳନ ଅବସରରେ ଦୁଇ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରେ ଶ୍ରୀଶ୍ରୀ ଶିରିଡି ସାଇବାବାଙ୍କ ଭକ୍ତ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଯୋଗଦାନ କରିଥିବା ବେଳେ ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧାତ୍ମିକ କ୍ଷେତ୍ରକୁ ଗୁରୁଜୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ।

ସେହିପରି ଦିବ୍ୟାଶିଷ ଦିବସର ଅଂଶବିଶେଷ ଭାବେ ଦ୍ୱିତୀୟ ଦିବସରେ ଗତକାଲି ଟ୍ରଷ୍ଟ ପକ୍ଷରୁ ୟୁନିଟ୍-୧ କସ୍ତୁରବା ନାରୀ ମହଲ ପରିସରରେ ବିଏମ୍‌ସିର ସରକାରୀ ଓ ବେସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବାହ୍ନ ଅଧିବେଶନରେ ମେୟର ସୁଲୋଚନା ଦାସ ଓ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ପୂର୍ତ୍ତ ଓ ନିର୍ମାଣ ବିଭାଗ ଅତିରିକ୍ତ ଶାସନ ସଚିବ ରେଣୁପ୍ରଭା ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ଅପରାହ୍ନ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୁରୁଜୀ ଶିରିଡ଼ି ସାଇବାବାଙ୍କର ଜଣେ ଅନନ୍ୟ ଭକ୍ତ ବୋଲି କହିଛନ୍ତି। ଭୁବନେଶ୍ୱର (ମଧ) ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ କାଜୁ ନିଗମର ପୂର୍ବତନ ଅଧକ୍ଷ ବିଜୟ ନାୟକ ଓ ବିଏମ୍‌ସିର ୪ ନମ୍ବର ୱାର୍ଡ ସଭ୍ୟା ଆସିୟା ବେଗମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ପୁରସ୍କାର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରତିଷ୍ଠା ଦିବସକୁ ଲୁଚିଲେ ବହକାଲିଆ ନେତା



ଆସିଲେନି ବବି, ପ୍ରତାପ ଦେବ

**ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ):** ପୂର୍ବରୁ ଶଙ୍ଖ ଭବନରେ ଦଳୀୟ କାର୍ଯ୍ୟକ୍ରମ ହେଲେ ସବୁବେଳେ ଆଗରେ ରହି କରିତକର୍ମା ଭଳି ଡେଉଁଥିବା ନେତାମାନେ ଆଜି ରାଜ୍ୟସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସକୁ ଆସିଲେନି। ସେମାନଙ୍କ ଭିତରେ ପ୍ରମୁଖ ହେଉଛନ୍ତି ପ୍ରଣବ ପ୍ରକାଶ ଦାସ ଓରଫ ବବି ଏବଂ ପ୍ରତାପ ଦେବ। ଏମାନେ କେତେବେଳେ ଟ୍ରାଫିକ କନେଷ୍ଟବଳ ସାଜୁଥିଲେ ତ କେତେବେଳେ ଭଡାଟିଆ ବାଉନ୍ସର। ହେଲେ ହଠାତ ଆଜିର କାର୍ଯ୍ୟକ୍ରମରୁ ଏହି ଦୁଇ ନେତା ଦୂରେଇ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ କେନ୍ଦୁଝରରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଜେଡିର ତଥାକଥିତ କାର୍ପେଟଦାରଙ୍କ ଉପରେ ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରି ପାତ୍ର।

ବିଜେପି ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ, ଯେଉଁଠିକି ଖୋଦ ଦଳର ସଭାପତି ନବୀନ ପଟ୍ଟନାୟକ ଯାଉଛନ୍ତି ସେଠିକି ବବି ଦାସ ଓ ପ୍ରତାପ ଦେବ ନ ଯିବା କି ବାର୍ତ୍ତା ଦେଉଛି? ଜାଣିଶୁଣି ଏହି ଦୁଇ ନେତାଙ୍କୁ ଏହି କାର୍ଯ୍ୟକ୍ରମରୁ ଦୂରେଇ ରଖାଗଲା ନା ଏମାନେ ଜାଣିକି ଦୂରେଇ ରହିଲେ, ତାକୁ ନେଇ ତର୍ଜମା ଆରମ୍ଭ ହୋଇଛି। ସେପଟେ ଏନେଇ ଗଣମାଧମ ଯେତେବେଳେ ସୁଦାମ ମାର୍ଣ୍ଡିଙ୍କୁ ପ୍ରଶ୍ନ କଲା, ସେ ଚିହିଁକି ଉଠିଲେ। କହିଲେ, ଗଣମାଧମ ବିଜେଡିରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ସେ ଯାହା ବି ହେଉନା କାହିଁକି, ବିଜେଡିରେ ସବୁ କିଛି ଯେ ଠିକ ଚାଲିନି, ତାହା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।




କେନ୍ଦୁଝରରେ ଅସନ୍ତୋଷ ଝାଡ଼ିଲେ ବଦ୍ରି

ସେପଟେ କେନ୍ଦୁଝରରେ ବଦ୍ରି ପାତ୍ର ସିଧାସଳଖ ୨୦୨୪ ନିର୍ବାଚନରେ ପରାଜୟ ପାଇଁ ବବି ଦାସ ଓ ପାଣ୍ଡିଆନଙ୍କୁ ଦାୟୀ କରିଛନ୍ତି। ୨୦୦୯ରୁ କେନ୍ଦୁଝର ଜିଲ୍ଲାରେ ବିଜେଡିର ସବୁ ବିଧାୟକ ଓ ସାଂସଦଙ୍କୁ ସେ ସହଯୋଗ କରୁଥିଲେ। କିନ୍ତୁ ୨୦୨୪ ପୂର୍ବରୁ ଖଣିଖାଦାନରୁ କଳା ଟଙ୍କା ରୋଜଗାର ପାଇଁ ବବି ଦାସ ତାଙ୍କର ସମାନ୍ତରାଳ ସଙ୍ଗଠନ ତିଆରି କଲେ। ରାଜା ଚକ୍ର ଭଳି ଅପରାଧୀଙ୍କୁ ପ୍ରୋତ୍ସାହନ ଦେଇ ବିଜେଡି ବିରୋଧରେ ଅସ୍ତ୍ର କଲେ। କେବଳ ତାଙ୍କର ଗୋଟିଏ ନିର୍ବାଚନମଣ୍ଡଳୀ ନୁହେଁ, ସବୁ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ସେ ନିଜର ସମାନ୍ତରାଳ ସଂଗଠନ କରି ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଅସ୍ତ୍ର କଲେ। ଯାହାର ପରିଣାମସ୍ୱରୂପ ଆଜି ବିଜେଡି କ୍ଷମତାରେ ନାହିଁ ବୋଲି କହିଛନ୍ତି ବଦ୍ରି। ରାଜ୍ୟଯାକ ପ୍ରାର୍ଥୀ ଚୟନରେ ମଧ ବ୍ୟାପକ ହେରଫେର ହୋଇଥିବା ସେ ଅଭିଯୋଗ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୨୭ ଡିସେମ୍ବର ୨୦୨୫, ଭୁବନେଶ୍ୱର

Saturday 27 December 2025, Bhubaneswar

# ପୁନରୁଦ୍ଧାରର ଆଶା ଓ ଅବକ୍ଷୟର ଛାୟା?

ଭାରତୀୟ ରାଜନୀତିର ମହାନ ପ୍ରତିଷ୍ଠାନ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପୂର୍ବରୁ, ଆମେ ଏହାର ଭବିଷ୍ୟତକୁ ଚିନ୍ତା କରିବାକୁ ବାଧ୍ୟ। ୧୮୮୫ ଡିସେମ୍ବର ୨୮ରେ ପ୍ରତିଷ୍ଠିତ ଏହି ଦଳ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲା ଏବଂ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଆଧୁନିକ ଭାରତର ଆଧାରଶିଳା ରଖିଥିଲା। କିନ୍ତୁ ଆଜି, ୨୦୨୫ରେ, କଂଗ୍ରେସ ଏକ ଗଭୀର ସଙ୍କଟର ସମ୍ମୁଖୀନ ହେଉଛି। ଭାରତୀୟ ଜନତା ପାର୍ଟି (ବିଜେପି)ର ଉଦୟ ଏବଂ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିନ୍ଦୁ ରାଷ୍ଟ୍ରବାଦର ପ୍ରସାର କଂଗ୍ରେସକୁ ବହୁ ପଛକୁ ଠେଲି ଦେଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ପ୍ରଭାବ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରସାରିତ ହୋଇଛି, ଯାହା କଂଗ୍ରେସର ଧର୍ମନିରପେକ୍ଷତା ଏବଂ ସମାବେଶୀ ରାଜନୀତିକୁ ଚ୍ୟାଲେଞ୍ଜ କରୁଛି।




କଂଗ୍ରେସର ଅବକ୍ଷୟର ମୂଳ କାରଣ ହେଉଛି ଏହାର ଆଦର୍ଶଗତ କ୍ଷୟ ଏବଂ ନେତୃତ୍ୱ ସଙ୍କଟ। ଇନ୍ଦିରା ଗାନ୍ଧୀଙ୍କ ସମୟରୁ ଆରମ୍ଭ ହୋଇଥିବା କେନ୍ଦ୍ରୀକରଣ ଏବଂ ଗାନ୍ଧୀ ପରିବାରର ପ୍ରାଧାନ୍ୟ ଦଳକୁ ଆଭ୍ୟନ୍ତରୀଣ ଅସନ୍ତୋଷ ଏବଂ ପ୍ରାଦେଶିକ ନେତାମାନଙ୍କ ବିଦ୍ରୋହର ଶିକାର କରିଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ସମୟରେ ଦଳର ଭୋଟ୍ ଶତକଡ଼ା ୨୧.୪ ପ୍ରତିଶତ ରହିଛି, କିନ୍ତୁ ଏହା ବିଜେପିର ପ୍ରସାରକୁ ରୋକି ପାରୁନାହିଁ। ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ କଂଗ୍ରେସର ନକାରାତ୍ମକ ରାଜନୀତିକୁ ପରାସ୍ତ କରୁଛି। ଇଣ୍ଡିଆ ମେଣ୍ଟରେ କଂଗ୍ରେସର ଭୂମିକା ସତ୍ତ୍ୱେ, ପ୍ରାଦେଶିକ ଦଳମାନେ ଏହାକୁ ବୋଝ ବୋଲି ମନେ କରୁଛନ୍ତି। ବିହାର ଏବଂ ଉତ୍ତରପ୍ରଦେଶରେ ନିର୍ବାଚନୀ ପରାଜୟ ଏହାର ଉଦାହରଣ।

କିନ୍ତୁ ଏବେବି କଂଗ୍ରେସକୁ ନେଇ ଆଶାର କିରଣ ରହିଛି। ୨୦୨୫ର ଅହମଦାବାଦ ଏଆଇସିସି ଅଧିବେଶନରେ ରାହୁଲ ଗାନ୍ଧୀ ଜିଲ୍ଲା ସ୍ତରରେ ସଂଗଠନକୁ ସଶକ୍ତ କରିବାକୁ ଘୋଷଣା କରିଛନ୍ତି। ଜିଲ୍ଲା ଅଧ୍ୟକ୍ଷମାନଙ୍କୁ ପ୍ରାର୍ଥୀ ଚୟନରେ ଅଧିକ ଭୂମିକା ଦିଆଯିବ ଏବଂ ଯୁବକମାନଙ୍କୁ ଆଦର୍ଶଗତ ପ୍ରତିବଦ୍ଧତା ଆଧାରରେ ନିଯୁକ୍ତ କରାଯିବ। ଜାତିଗତ ଗଣନାର ଦାବି ଏବଂ ସଂରକ୍ଷଣର ୫୦ ପ୍ରତିଶତ ସୀମା ଉଠାଇବା ପରି ପ୍ରସ୍ତାବ ବିଜେପିକୁ ଚ୍ୟାଲେଞ୍ଜ କରିବ। ଏହା ସହିତ, ଦଳ ନ୍ୟାୟ ପଥଃ ସଂକଳ୍ପ, ସମର୍ପଣ, ସଂଘର୍ଷ ମନ୍ତ୍ରରେ ନ୍ୟାୟର ପଥକୁ ଅନୁସରଣ କରିବ। ସର୍ଦ୍ଦାର ପଟେଲଙ୍କ ସମ୍ମାନ ପୁନରୁଦ୍ଧାର କରି ଆଦର୍ଶଗତ ଭୂମିକୁ ଦୃଢ଼ କରିବାକୁ ଚେଷ୍ଟା କରାଯାଉଛି।

ତେବେ ଭବିଷ୍ୟତ ପାଇଁ କଂଗ୍ରେସକୁ ନୂତନ ରଣନୀତି ଆବଶ୍ୟକ। ଆଦର୍ଶଗତ ପୁନର୍ବିଚାର, କେନ୍ଦ୍ରୀୟ ନେତୃତ୍ୱରୁ ବାହାରି ଯୁବ ନେତାମାନଙ୍କୁ ପ୍ରୋତ୍ସାହନ, ଏବଂ ସକାରାତ୍ମକ ଏଜେଣ୍ଡା ଯେପରି ଅର୍ଥନୈତିକ ସମାନତା ଏବଂ ସାମାଜିକ ନ୍ୟାୟ ଉପରେ ଧ୍ୟାନ ଦେବା ଆବଶ୍ୟକ। ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ପରି ଉଦ୍ୟମକୁ ବ୍ୟାପକ କରି ଜନସମ୍ପର୍କ ବଢ଼ାଇବା ଦରକାର। ପ୍ରାଦେଶିକ ମେଣ୍ଟ ସହିତ ଯୁକ୍ତିଯୁକ୍ତ ସହଯୋଗ ବିନା ବିଜେପିକୁ ପରାସ୍ତ କରିବା ଅସମ୍ଭବ। କେବଳ ୫ ପ୍ରତିଶତ ଭୋଟ ପରିବର୍ତ୍ତନ ଦଳକୁ ପୁନରୁଜ୍ଜୀବିତ କରିପାରିବ।

କଂଗ୍ରେସର ଭବିଷ୍ୟତ ଏହାର ଅନ୍ତର୍ନିହିତ ଶକ୍ତି ଏବଂ ପରିବର୍ତ୍ତନର ଇଚ୍ଛାଶକ୍ତି ଉପରେ ନିର୍ଭର କରୁଛି। ଯଦି ଏହା ଅତୀତର ଗୌରବକୁ ପୁନରୁଦ୍ଧାର କରି ଆଧୁନିକ ଭାରତର ଆକାଂକ୍ଷା ସହିତ ଯୋଡ଼ି ହୋଇପାରିବ, ତେବେ ଏହା ପୁନର୍ବାର ରାଷ୍ଟ୍ରୀୟ ରାଜନୀତିର କେନ୍ଦ୍ରବିନ୍ଦୁ ହୋଇପାରିବ। ଅନ୍ୟଥା, ବିଜେପିର ଏକଛତ୍ରବାଦ ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିବ। ପ୍ରତିଷ୍ଠା ଦିବସରେ ଏହା କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ପାଇଁ ଏକ ଆତ୍ମଚିନ୍ତନର ସମୟ।

# ଜଣେ ଥିଲେ ମାକଲେ...



ଗୋପାଳ ମହାପାତ୍ର

ଡ଼ିସେମ୍ବର ୨୮ ତାରିଖର ଏକ ସ୍ୱତନ୍ତ୍ରତା ରହିଛି। ସ୍ୱତନ୍ତ୍ରତା ହେଉଛି ୧୬୬ବର୍ଷ ପୂର୍ବେ ଏହି ଦିନରେ ଜଣେ ବ୍ୟକ୍ତି ସଂସାରରୁ ବିଦାୟ ନେଇଥିଲେ ଯାହାକୁ ଆଜିବି ଆମେ ମନେପକାଉଛେ ଯେ ଏହି ବ୍ୟକ୍ତି ଜଣକ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ଖରାପ କରିଦେଇଥିଲେ। ସେହି ବ୍ୟକ୍ତି, ତାଙ୍କ କାମ ବାବଦରେ ଅନେକ ଲୋକଙ୍କୁ ଜଣାନାହିଁ କିନ୍ତୁ ଗାଳି କରାଯାଉଛି। କୁହାଯାଉଛି ତାଙ୍କ କାମର ଫଳ ଆଉ ଆମେ ଭୋଗିବା ନାହିଁ, ସବୁ ଠିକ୍ ହୋଇଯିବ, ଏକ ନୂଆ ସକାଳ (ସମୟ) ଆସିବ। ଏହି ବ୍ୟକ୍ତିଜଣଙ୍କ ନାମ ହେଉଛି ମାକଲେ। ମାକଲେ ଇଂରେଜ ଥିଲେ ଏବଂ ଭାରତରେ ବ୍ରିଟଶ ଶାସନବେଳେ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରସାର କରାଇଥିଲେ। ଏହି ଶିକ୍ଷା ବ୍ୟବସ୍ଥା ୧୮୩୫ରୁ ଏଯାବତ୍ ଚାଲିଆସିଛି। ଆମକୁ ଏବେ ଜଣା ନାହିଁ ଯେ ଏହି ଶିକ୍ଷା ବ୍ୟବସ୍ଥା କେବେ ଶେଷ ହେବ ଓ ଶେଷ ହୋଇପାରିବ କି ନାହିଁ? ଆମ ଦେଶ ତ ସନାତନ ଦେଶ। ୧୮୩୫ରୁ ଅଦ୍ୟାବଧି ୧୯୦ବର୍ଷ ଅଧିକ କିଛି ନୁହେଁ। ଏହାପୂର୍ବରୁ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା ସେଥିରେ ଗୁରୁକୂଳ, ତକ୍ଷଶିଳା, ନାଳନ୍ଦା, ଉଜ୍ଜୟନୀ ଭଳି କେତେ କ'ଣ ସବୁ ନଥିଲା। କ'ଣ ସେସବୁ ଏତେ ଦୂର୍ବଳ ଥିଲା ଯେ ଜଣେ ମାକଲେ ଆସିଲେ ଆଉ ସେସବୁ ବ୍ୟବସ୍ଥାକୁ ମୂଳରୁ ଉପାଡ଼ି ଫିଙ୍ଗିଦେଲେ ନା ଆମେ ସେ ବ୍ୟବସ୍ଥାକୁ ସମ୍ଭାଳି ରଖିବାରେ ଅକ୍ଷମ ଥିଲେ?

ଏମିତି ହୁଏତ କରାଯାଇପାରେ, ବ୍ରିଟିଶ ମାକଲେ ବ୍ୟବସ୍ଥାକୁ ଖତମ କରିବା ପାଇଁ ବର୍ଷେ, ଦୁଇବର୍ଷ, ପାଞ୍ଚବର୍ଷ ଯଦି ଆମେ ଏହି ବ୍ୟବସ୍ଥାରେ ନ ପଢ଼ିବା ତେବେ କ୍ଷତି କ'ଣ ? କ'ଣ ଆକାଶ ଛିଣ୍ଡି ପଡ଼ିବ? ଏମିତିରେ ପଢ଼ି ମଧ ଆମେ ସେହି ବ୍ୟକ୍ତିଙ୍କ ବ୍ୟବସ୍ଥାକୁ ଅଧିକ ମଜଭୁତ୍ କରୁଛେ। କିଛି ବର୍ଷ ଯଦି ବିଲକୁଲ ନ ପଢ଼ିବା ତେବେ ହୁଏତ ମାକଲେ କଥା / ବ୍ୟବସ୍ଥାକୁ ଭୁଲିଯିବା। ଆରମ୍ଭ କରିବାକୁ ଅନେକ କଥା ଆସିପାରେ। ମାକଲେ ସ୍କୁଲର ସମୟସୀମା, ସ୍କୁଲ ଫିସ୍, ଅଭିଭାବକ ଶିକ୍ଷକ ମିଟିଂ, ଶିକ୍ଷକଙ୍କ ଛୁଟି, ପିଲାଙ୍କ ଛୁଟି ଓ ପିଲାଙ୍କ ଖେଳଭଳି ଅନେକ କଥା ସ୍ଥିର କରି ନଥିଲେ। ଏସବୁକୁ ବଦଳା ଯାଇ ପାରିବ। ସ୍କୁଲ ଶିକ୍ଷକମାନେ ପିଲାଙ୍କୁ ପାଠ ନ ପଢ଼ାଇ ଯେଉଁ ସରକାରୀ କାମ ଗୁଡ଼ିକରେ ବ୍ୟସ୍ତ ରହୁଛନ୍ତି ସେ କଥ କ'ଣ ମାକଲେ ସ୍ଥିର କରିଥିଲେ? ଟିକିଏ ଆଗକୁ ଯଦି ଦେଖିବା ତେବେ ଆଇ.ଏ.ଏସ୍, ଆ.ପି. ଏସ୍ ଭଳି ଅନେକ ସରକାରୀ ଚାକିରୀ ମଧ ସେହି ମାକଲେ ପାଠପଢ଼ା ବ୍ୟବସ୍ଥାର ଉପଲବ୍‌ଧି। ଏସବୁ କେମିତି ବଦଳାଇବା? ଆଇଏଏସ୍ ବଦଳରେ କ'ଣ ପ୍ରାଇଭେଟ ସେକ୍ଟରରୁ ସିଧା ସଳଖ ନିଯୁକ୍ତି ଦିଆଯାଇପାରିବ? ପ୍ରାଇଭେଟ ସେକ୍ଟରରୁ ଯାହାକୁ ବି ଅଣାଯିବ ସେ ସେହି ମାକଲେ ବ୍ୟବସ୍ଥାରେ ପଢ଼ିଥିବେ। ତେବେ କ'ଣ କରାଯିବ? ମାକଲେ ବ୍ୟବସ୍ଥାରେ ପଢ଼ିଥିବା ଅନ୍ୟସବୁ ବଡ଼ ବଡ଼ ଚାକିରିଆଙ୍କର କ'ଣ ହେବ? ସେସବୁ ପାଠପଢ଼ା ବ୍ୟବସ୍ଥାକୁ କେମିତି ବଦଳାଇବା?

ମାକଲେଙ୍କ ପୂର୍ବରୁ ମୋଗଲ ଥିଲେ, ରାଜା ମହାରାଜା ଥିଲେ। ଏପରିକି ମୌର୍ଯ୍ୟ, ଗୁପ୍ତ ଓ ଚୋଳବଂଶ ଭଳି ଅନେକେ ଏ ଦେଶରେ ରାଜୁତି କରୁଥିଲେ। ଏବେ ଯଦି ମାକଲେ ବ୍ୟବସ୍ଥାକୁ ବଦଳାଇବା ତେବେ କାହାକୁ ଆପଣେଇବା? ୧୯୦ବର୍ଷର ମାକଲେ ବ୍ୟବସ୍ଥାକୁ ବଦଳାଇବା ପାଇଁ ଆମକୁ ଆହୁରି ଅନେକ ବର୍ଷ ଲାଗିଯିବ କାରଣ ସମ୍ପୂର୍ଣ୍ଣତନ୍ତ୍ର ମାକଲେଙ୍କ ମୂଳଦୁଆ ଉପରେ ହିଁ ଠିଆ ହୋଇଛି। ଗୋଟିଏ ବାଟଅଛି ଓ ତାହା ହେଉଛି ପୁରା ମୁର୍ଖ ବା ଅପାଠୁଆଙ୍କ ହାତରେ ପୁରାପୁରି ତନ୍ତ୍ରକୁ ଟେକି ଦିଆଯାଉ। କେବଳ ପାଠପଢ଼ାରେ ନୁହେଁ ସବୁକଥାରେ ମାକଲେ ବିରୋଧ କରାଯାଉ। ଏଭଳି ଲୋକଙ୍କ ହାତରେ ବ୍ୟବସ୍ଥାକୁ ଟେକି ଦିଆଯାଉ ଯିଏ ମାକଲେ ଓ ତାଙ୍କ ଶିକ୍ଷା ବ୍ୟବସ୍ଥା ବାବଦରେ ଜାଣି ନଥିବେ। ଏବେ ଏମିତି ଲୋକ ଖୋଜିବା ଦରକାର କାରଣ ବାକି ସମସ୍ତେ ତ ମାକଲେଙ୍କ ବ୍ୟବସ୍ଥାର ଅନୁଗାମି। କାହାଣୀରେ ଶୁଣିବାଭଳି ପୂର୍ବର ସେହି ଗୁରୁକୁଳ, ଆର୍ଯ୍ୟାଙ୍କ ଆଶ୍ରମ ଓ ପ୍ରାଚୀନ ବ୍ୟବସ୍ଥା ସବୁ ଯଦି ହୋଇପାରିବ ତେବେ କେତେ ବଢ଼ିଆ ହୋଇଯିବ।

ଅନେକେ ମାକଲେଙ୍କୁ ଗାଳି ଦେଉଛନ୍ତି। ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ ମାକଲେ ବ୍ୟବସ୍ଥାକୁ ରଦ୍ଦକରି ନୂଆ ବ୍ୟବସ୍ଥାକୁ ଆଣିବାକୁ କାହାକୁ ଫୁରସତ୍ ମିଳିଲା ନାହିଁ କେମିତି? ମାକଲେଙ୍କ ଶିକ୍ଷାନୀତିକୁ ବେକାର/ଅଦରକାରୀ ବୋଲି କୁହାଯାଉଛି ହେଲେ ତାକୁ ବଦଳାଇବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ ନାହିଁ କାହିଁକି ? ପ୍ରକୃତ ସତ୍ୟ ହେଉଛି ମାକଲେ ବ୍ୟବସ୍ଥା ଆମକୁ ସୁହାଇଛି ଓ ତନ୍ତ୍ର/ବ୍ୟବସ୍ଥା ବ୍ୟବସ୍ଥା ସୁଚାରୁରୂପେ ଚାଲିପାରୁଛି। ଏପରିକି ଏହା ସୁବିଧାଜନକ ମଧ। ଏହି ବ୍ୟବସ୍ଥା ଆମକୁ ଶାସନ, ନିଯୁକ୍ତି, ଆଡ଼ମ୍ବର ଓ କ୍ଷମତା ଦେଇଛି। ମାକଲେଙ୍କ ବାହାନାରେ ନିଜର ନିକମାପଣିଆକୁ ଢ଼ାଙ୍କିବାପାଇଁ ଉଦ୍ୟମ କରାଯାଉଛି। କୁହାଯାଉଛି ବ୍ୟବସ୍ଥାର ତ୍ରୁଟିପାଇଁ ୨୦୦ବର୍ଷର ତଳ ଇଂରେଜମାନେ ଦାୟୀ। ମାକଲେଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରିବର୍ତ୍ତେ ଉଦ୍ୟମ କରାଯିବା ଉଚିତ୍। ମାକଲେ ତ ସେହି ଜୀବନ ଯାହା ଆମେ ସମସ୍ତେ ଜୀଉଁଛେ। ମାକଲେ ତ ପୁରାପୁରି ବ୍ୟବସ୍ଥା। ମାକଲେ ଆମେ ଆଉ ଆପଣ ସମସ୍ତେ। ବଦଳାଇ ପାରିବା ତ ସମସ୍ତଙ୍କୁ ବଦଳିବାକୁ ପଡ଼ିବ।

ରାମଚନ୍ଦ୍ରପୁର, ରଣପୁର

ମୋ.-୯୪୩୮୪୮୫୦୯୪



# ଭାରତରତ୍ନ ଡକ୍ଟର ଅଟଳ ବିହାରୀ ବାଜପେୟୀ



ପ୍ରଶାନ୍ତ କୁମାର ନାୟକ

ଭାରତ ରତ୍ନ ଡକ୍ଟର ଅଟଳ ବିହାରୀ ବାଜପେୟୀ ଏକାଧାରରେ ଜଣେ କବି, ସାହିତ୍ୟିକ, ରାଜନୀତିଜ୍ଞ ତଥା ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଥିଲେ। ସେ ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଭାରତୀୟ ରାଜନୀତିର ଯେଉଁ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି ତାହା ଅନ୍ୟମାନଙ୍କପାଇଁ ଆଜି ଏକ ସ୍ୱପ୍ନ ପାଲଟିଯାଇଛି। ସେ ତିନିଥର ଭାରତର ପ୍ରଧାନମନ୍ତ୍ରୀ ପଦରେ ପଦାସୀନ ହୋଇଥିଲେ।

ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ୧୯୨୪ ମସିହା ଡିସେମ୍ବର ୨୫ ତାରିଖ ଦିନ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ପିତା ଶ୍ରୀ କ୍ରୀଷ୍ଣା ବିହାରୀ ବାଜପେୟୀ ଜଣେ ଜଣାଶୁଣା କବି ତଥା ଗାଁ ସ୍କୁଲର ଜଣେ ଶିକ୍ଷକ ଥିଲେ ଏବଂ ମାତାଙ୍କ ନାମ ଥିଲା କ୍ରୀଷ୍ଣା ଦେବୀ। ବାଜପେୟୀଙ୍କ ପ୍ରାଥମିକ ଶିକ୍ଷା ଗ୍ୱାଲିୟରର ସରସ୍ୱତୀ ଶିଶୁମନ୍ଦିରରୁ ଆରମ୍ଭ ହୋଇଥିଲା। ସେ ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ହିନ୍ଦି, ଇଂରାଜୀ ଏବଂ ସଂସ୍କୃତରେ ସ୍ନାତକ କରିଥିଲେ ଯାହା ପରବର୍ତ୍ତୀ କାଳରେ ଲକ୍ଷ୍ମୀବାଇ କଲେଜ ନାମରେ ନାମିତ ହୋଇଥିଲା। ଏହାପରେ DAV କଲେଜ, କାନପୁରରୁ ରାଜନୀତି ବିଜ୍ଞାନ ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ବାଲ୍ୟ କାଳରୁ ସେ ଜଣେ ମେଧାବୀ ଛାତ୍ର ରହିଥିଲେ। ୧୯୩୯ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବା RSS ର ଜଣେ ସ୍ୱୟଂ ସେବକ ଭାବରେ ଯୋଗଦାନ କରିଥିଲେ। ବାବା ସାହେବ ଆପ୍ଟେଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଏବଂ ୧୯୪୦ ରୁ ୧୯୪୪ ଯାଏଁ RSS ର ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ। ଏବଂ ୧୯୪୭ ରେ ସେ ଜନସଂଘ ର ଜଣେ ପୂର୍ଣ୍ଣକାଳୀନ କର୍ମୀ ଭାବରେ କାର୍ଯ୍ୟ କରିଥିଲେ। ତା'ପରେ ସେ ଗ୍ୱାଲିୟରର ଆର୍ଯ୍ୟ କୁମାର ସଭା ଯାହାକି ଆର୍ଯ୍ୟ ସମାଜର ଯୁବକ ସଂଘ ଥିଲା ତାହା ସହିତ ସମ୍ମିଳିତ ହୋଇଥିଲେ। ୧୯୪୪ ରେ ତାଙ୍କୁ ଆର୍ଯ୍ୟ କୁମାର ସଭାର ସଂପାଦକ ଭାବରେ ନିଯୁକ୍ତ କରାଯାଇଥିଲା। ଦେଶ ବିଭାଜନ ଦଙ୍ଗା ଯୋଗୁଁ ସେ ତାଙ୍କର ଆଇନ ଡିଗ୍ରୀ ସଂପୂର୍ଣ୍ଣ କରିପାରି ନଥିଲେ। ଆର୍ଯ୍ୟ କୁମାର ସଭା ତରଫରୁ ତାଙ୍କୁ ଉତ୍ତର ପ୍ରଦେଶର ଜଣେ ପ୍ରଚାରକ ହିସାବରେ ପ୍ରେରଣ କରାଯାଇଥିଲା। ସେଠାରେ ସେ ସମ୍ବାଦପତ୍ର ଦୀନଦୟାଲ ଉପାଧାୟ, ରାଷ୍ଟ୍ର ଧର୍ମ, ପଞ୍ଚଜନ୍ୟ, ସ୍ୱଦେଶ ଏବଂ ବୀର ଅର୍ଜୁନ ପାଇଁ କାର୍ଯ୍ୟ କରିଥିଲେ। ଶ୍ରୀ ବାଜପେୟୀ ଆଜୀବନ ଅବିବାହିତ ରହିଥିଲେ।



ବାଜପେୟୀଙ୍କ ରାଜନୀତିକ ଜୀବନ ୧୯୪୨ ମସିହାର ଭାରତଛାଡ ଆନ୍ଦୋଳନ ସମୟରୁ ହିଁ ଆରମ୍ଭ ହୋଇଥିଲା। ସେତେବେଳେ ସେ ଏବଂ ତାଙ୍କର ବଡଭାଇ ୨୩ ଦିନପାଇଁ ବ୍ରିଟିଶ ସରକାରଙ୍କ ଦ୍ୱାରା ବନ୍ଦି ହୋଇଥିଲେ ଏବଂ ଇଂରେଜ ବିରୋଧି କୌଣସି ଆନ୍ଦୋଳନରେ ଭାଗ ନେବେନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଜେଲରୁ ଖଲାସ ହୋଇଥିଲେ। ୧୯୫୧ ରେ ଭାରତୀୟ ଜନ ସଂଘ ସହିତ ଜଡ଼ିତ ହେଲେ। ୧୯୫୭ ରେ ବାଜପେୟୀ ମଥୁରାରୁ ଲୋକସଭା ନିର୍ବାଚନ ହାରିଯାଇଥିଲେ। କିନ୍ତୁ ବଳରାମପୁରରୁ ସେ ନିର୍ବାଚିତ ହୋଇଥିଲେ। ଲୋକ ସଭାରେ ତାଙ୍କର ଚମତ୍କାର ଅଭିଭାଷଣ ଶୁଣି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଆଶ୍ଚର୍ଯ୍ୟ ହେବାସହିତ ଏହି ଯୁବକ ଜଣକ ଦିନେ ଭାରତର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିବେ ବୋଲି ଭବିଷ୍ୟବାଣୀ କରିଥିଲେ। ୧୯୬୮ ରେ ବାଜପେୟୀ ଜନସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୫୭ ରୁ ୧୯୭୭ ର ଇଣ୍ଟରନାଲ୍ ଏମରଜେନ୍ସି ରେ ତାଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ବନ୍ଦୀ କରାଯାଇଥିଲା। ୧୯୭୭ ର ନିର୍ବାଚନରେ ଜନତା ଦଳର ବିଜୟଲାଭ ହେବାପରେ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ କ୍ୟାବିନେଟରେ ବାଜପେୟୀ ବୈଦେଶିକ ମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କଲେ। ପ୍ରଥମ ବୈଦେଶିକ ମନ୍ତ୍ରୀ ଭାବରେ ବାଜପେୟୀ ୟୁନାଇଟେଡ୍ ନେସନ୍ ର ଜେନେରାଲ୍ ଅଧିବେଶନରେ ହିନ୍ଦି ଭାଷାରେ ନିଜର ବକ୍ତବ୍ୟ ରଖିଥିଲେ। ୧୯୮୦ ରେ ବାଜପେୟୀ ତାଙ୍କ ଭାରତୀୟ ଜନତା ସଂଘ ଏବଂ ଜନସଂଘ ର ଅନ୍ୟ ବନ୍ଧୁମାନଙ୍କ ସହିତ ମିଶି ଭାରତୀୟ ଜନତା ପାର୍ଟି (BJP) ଗଠନ କରିଥିଲେ। ଏବଂ ସେ ଏହାର ପ୍ରଥମ ସଭାପତି ହୋଇଥିଲେ। ୧୯୮୪ ର ନିର୍ବାଚନରେ ବି.ଜେ.ପି. କୁ ମାତ୍ର ଦୁଇଟି ଆସନରେ ବିଜୟ ମିଳିଥିଲା ଓ ବାଜପେୟୀ ସଂସଦରେ ବିରୋଧୀ ଦଳର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ୧୯୬୬ ରେ ସଂସଦର ନିର୍ବାଚନରେ ବି. ଜେ.ପି. ଏକମାତ୍ର ବୃହତମ ଦଳ ଭାବରେ ଉଭା ହୋଇଥିଲା। ବାଜପେୟୀ ଦେଶର ଦଶମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। କିନ୍ତୁ ସଂଖ୍ୟା ଗରିଷ୍ଠତା ସାବ୍ୟସ୍ତ କରି ନପାରିବାରୁ ୧୩ ଦିନପରେ ନିଜର ଇସ୍ତଫାପତ୍ର ଦେଇଥିଲେ। ୧୯୮୮ ନିର୍ବାଚନରେ ପୁଣିଥରେ ବି.ଜେ.ପି. ଅନ୍ୟ ରାଜନୈତିକ ଦଳମାନଙ୍କ ଅପେକ୍ଷା ସର୍ବାଗ୍ରେ ରହିଥିଲା ଏବଂ ଅନ୍ୟ ଦଳଗୁଡିକ ସହିତ ମିଶି ଗଠବନ୍ଧନ ସରକାର ଗଠନ କଲେ ଓ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ଏହି ସରକାର ୧୩ ମାସପାଇଁ ଚାଲିଥିଲା। ଏହି ସମୟରେ ମଇ-୧୯୮୮ ରେ ପୋଖରାନ୍ ନ୍ୟୁକ୍ଲିୟର ପରୀକ୍ଷଣ କରାଯାଇଥିଲା। ୧୬ ମାର୍ଚ୍ଚ ୧୯୯୯ ରେ ପାକିସ୍ତାନ ସହିତ ବନ୍ଧୁତ୍ୱ ସ୍ଥାପନ ଏବଂ କାଶ୍ମୀର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରୟାସ କରିଥିଲେ। ଏବଂ ଦିଲ୍ଲୀରୁ ଲାହୋର ଯାଏଁ ବସ୍ ଚଳାଚଳ ସେବାର ଉଦଘାଟନ କରିବା ସହିତ ନିଜେ ମଧ ସେହି ବସରେ ବସି ଲାହୋର ଯାତ୍ରା କରିଥିଲେ। ଜୁନ୍ ୧୯୯୯ ରେ କାର୍ଗିଲ୍ ଯୁଦ୍ଧ ହୋଇଥିଲା ଯେଉଁଥିରେ ପାକିସ୍ତାନ ପରାସ୍ତ ହୋଇଥିଲା ଯାହାଦ୍ୱାରା ବାଜପେୟୀଙ୍କ ଲୋକପ୍ରିୟତା ଅନେକମାତ୍ରାରେ ବୃଦ୍ଧି ପାଇଥିଲା। ୧୯୯୯ ମସିହାର ସାଧାରଣ ନିର୍ବାଚନରେ ବି.ଜେ.ପି. ର ମିଳିତ ସରକାର ପୋଣିଥରେ ସଂଖ୍ୟା ଗରିଷ୍ଠତା ହାସଲ କଲା ଏବଂ ପୁଣିଥରେ ୦୫ ବର୍ଷ ପାଇଁ ବାଜପେୟୀ ପ୍ରଧାନମନ୍ତ୍ରୀ ହୋଇଥିଲେ।

ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଲୋକପ୍ରିୟ କାର୍ଯ୍ୟକ୍ରମ ଗୁଡିକ ମଧରେ ଜାତୀୟ ରାଜପଥ ଉନ୍ନତିକରଣ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ ଇତ୍ୟାଦି ଅନ୍ୟତମ ଥିଲା। ବାଜପେୟୀ ୨୦୦୫ ମସିହାରେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ଘୋଷଣା କରିଥିଲେ। ପରିଶେଷରେ ୨୦୧୮ ମସିହା ଅଗଷ୍ଟ ମାସ ୧୬ ତାରିଖ ସଂଧା ୦୫:୦୫ ମିନିଟ୍ ସମୟରେ ୯୦ ବର୍ଷ ବୟସରେ ଏମ୍ସ ହସ୍ପିଟାଲରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ମୃତ୍ୟୁର କାରଣ ଥିଲା Multiple Organ Failure ଯାହାକି ବାର୍ଦ୍ଧକ୍ୟ ପାଇଁ ହୋଇଥିଲା।

ବାଜପେୟୀଙ୍କୁ ମିଳିଥିବା ପୁରସ୍କାର ଓ ସମ୍ମାନ ଗୁଡିକ ମଧରେ - ପଦ୍ମ ବିଭୂଷଣ-୧୯୯୨, କାନପୁର ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡକ୍ଟରେଟ୍ - ୧୯୯୩; ଲୋକମାନ୍ୟତିଲକ ପୁରସ୍କାର- ୧୯୯୪ ; ଆଉଟଷ୍ଟାଣ୍ଡିଂ ପାର୍ଲିଆମେଣ୍ଟାରିଆନ୍ ପୁରସ୍କାର-୧୯୯୪ ; ଭାରତ ରତ୍ନ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ପୁରସ୍କାର-୧୯୯୪ ଏବଂ ଭାରତ ରତ୍ନ- ୨୦୧୫ ଇତ୍ୟାଦି।

ମହାତ୍ମା ରାମଚନ୍ଦ୍ର ବୀରଙ୍କ ଦ୍ୱାରା ରଚିତ ଅମରକୃତି ' ବିଜୟ ପତାକା ' ପଠନକରି ବାଜପେୟୀଙ୍କ ଜୀବନର ଗତିପଥ ସଂପୂର୍ଣ୍ଣ ବଦଳି ଯାଇଥିଲା। ତାଙ୍କର ସାହିତ୍ୟ କୃତିଗୁଡ଼ିକ ମଧରେ - ପ୍ରଥମ ରଚିତ କବିତା - 'ତାଜମହଲ' କବିତା ସଂକଳନ - 'ମେରୀ ଇକାବନ କବିତାଏଁ' ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଯଶ୍ ଚୋପ୍ରା ବାଜପେୟୀଙ୍କ କେତେକ କବିତାକୁ ନେଇ ଏକ ଆଲବମ୍ ତିଆରିକରିଥିଲେ ଯାହାର ନାମ ଥିଲା - 'ଅନ୍ତର୍ନାଦ '। ଏଥିରେ କବିତାଗୁଡ଼ିକୁ ସଂଗୀତର ରୂପ ଦେଇଥିଲେ ପ୍ରସିଦ୍ଧ ଗଜଲ ଗାୟକ ଜଗଜିତ ସିଂହ। ଲୋକସଭାରେ ତାଙ୍କର ବକ୍ତବ୍ୟ ଗୁଡିକ ' ଅମର ବଳିଦାନ ' ନାମରେ ସଂଗୃହୀତ କରାଯାଇଛି। ଅନ୍ୟାନ୍ୟ କୃତିଗୁଡ଼ିକ ମଧରେ -କ୍ୟା ଖୋୟା କ୍ୟା ପାୟା, ଶ୍ରେଷ୍ଠ କବିତା ଓ ନୟାଦିଶା ପ୍ରଭୃତି କବିତା ଗ୍ରନ୍ଥ ଏବଂ ବିନ୍ଦୁ ବିନ୍ଦୁ ବିଚାର, ନା ଦୈନ୍ୟମଂନା ପଳାୟନଂ, ନେଁ ଚୁନୌତି ନୟା ଅବସର୍ ପ୍ରଭୃତି ଗଦ୍ୟ ଗୁଡିକ ରଚନା କରିଯାଇଛନ୍ତି।

୧୯୫୭ ରୁ ୨୦୦୯ ମଧରେ ସେ ନଅ ଥର ଲୋକ ସଭାକୁ ନିର୍ବାଚିତ ହେବା ସହିତ ୧୯୬୨ ଓ ୧୯୮୬ ରେ ଦୁଇଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଭାରତର ସିଏ ଏକମାତ୍ର ସାଂସଦ ଯିଏକି ମଧପ୍ରଦେଶ, ଉତ୍ତର ପ୍ରଦେଶ, ଗୁଜରାଟ ଓ ଦିଲ୍ଲୀ ପ୍ରଭୃତି ସ୍ଥାନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ଏକଦା ପାକିସ୍ତାନର ଏକ ସମ୍ମିଳନୀ ରେ ଯୋଗଦାନ ପାଇଁ ବାଜପେୟୀ ଯାଇଥିବା ଅବସରରେ ସେଠାକାର ଜଣେ ମହିଳା ସାମ୍ବାଦିକ ବାଜପେୟୀଙ୍କୁ କହିଥିଲେଯେ, ଆପଣ ଅବିବାହିତ ଅଛନ୍ତି। ମୁଁ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି, ମାତ୍ର ମୁହଁ ଦେଖାରେ ମୋତେ କାଶ୍ମୀର ଦରକାର। ଅନ୍ୟ କେହି ହୋଇଥିଲେ ଏଭଳି ହାସ୍ୟାତ୍ମକ କଥାକୁ ଏଡାଇ ଦେଇଥା'ନ୍ତେ, କିନ୍ତୁ ବାଜପେୟୀ ମଧ ଛାଡିବାର ବ୍ୟକ୍ତି ନଥିଲେ। ସେ ସଂପୃକ୍ତ ମହିଳା ସାମ୍ବାଦିକଙ୍କୁ ପ୍ରତ୍ୟୁତ୍ତରରେ କହିଥିଲେ, ମୁଁ ଆପଣଙ୍କୁ ବିବାହ କରିବାକୁ ରାଜିଅଛି। କିନ୍ତୁ ଯୌତୁକରେ ମୋତେ ପୂରା ପାକିସ୍ତାନ ଦରକାର। ବାଜପେୟୀଙ୍କ ଏଭଳି ଉତ୍ତର ଶୁଣି ସମସ୍ତେ ଏକ ପ୍ରକାର ସ୍ତବ୍ଧ ହୋଇ ଯାଇଥିଲେ। ସେହି ରାଷ୍ଟ୍ର ନୀତିଜ୍ଞ, ଦେଶ ସେବକ, ଜନ ନାୟକ, ବିଶିଷ୍ଟ କବି ତଥା ସାହିତ୍ୟିକ ଏବଂ ଭାରତ ରତ୍ନ ଡକ୍ଟର ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ଶତଶତ ନମନ।

ୟୁନିଟ୍ -୦୫; ଭୁବନେଶ୍ୱର

ଫୋନ୍ - ୮୨୪୯୬୫୦୪୧୪

# ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ...



କିଶୋର କୁମାର ଜେନା

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ। ଜୀବନ ଆନନ୍ଦ। ଜୀବନ ହେଉଛି ଆତ୍ମାନନ୍ଦର ପ୍ଳାବନ। ଜୀବନ ହେଉଛି ଏକ ଚେତନାର ସ୍ରୋ। ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ। ସକଳ ବସ୍ତୁରେ ଜୀବନ ବିଦ୍ୟମାନ। ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ। ଖଣ୍ଡିଏ ପଥର ବି ଜୀବନ ରହିଛି। ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସମ୍ପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି।

ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବ। ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ। ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି। ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ। କ'ଣ କଲେ ଦୁଃଖ-ଯନ୍ତ୍ରଣା ଦୂର ହେବ ପଚାରିଲେ। ଜ୍ଞାନୀ ଗୋଟିଏ ଗ୍ଳାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ। ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ। ଲୁଣପାଣିତକ ଢ଼ୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା। ଜ୍ଞାନୀ ପଚାରିଲେ, କେମିତି ଲାଗିଲା। ଅତି ଖରାପ ଲାଗିଲା ବୋଲି ଯୁବକ ଉତ୍ତର ଦେଲେ। ତହୁଁ ଜ୍ଞାନୀ ବ୍ୟକ୍ତି, ତାଙ୍କୁ ନିକଟରେ ଥିବା ଏକ ମଧୁର ଜଳ ହ୍ରଦ ପାଖକୁ ନେଇଗଲେ। ପାଖରେ ରଖିଥିଲେ ମୁଠାଏ ଲୁଣ। ଲୁଣ ମୁଠାକ ହ୍ରଦ ଭିତରକୁ ଫୋପାଡ଼ି ଦେଇ ହ୍ରଦ, ହ୍ରଦ ପାଣିରୁ ମୁନ୍ଦେ ପିଇବା ପାଇଁ ଯୁବକଙ୍କୁ କହିଲେ।

ଯୁବକ ପାଣି ପିଇଲେ କିଛି କଷ୍ଟ ହେଲାନାହିଁ। ବିଚଳିତ ଦୁଃଖୀ ଯୁବକଙ୍କୁ ଜ୍ଞାନୀ କହିଲେ, ପାର୍ଥିବ ଯନ୍ତ୍ରଣା ମୁଠାଏ ଲୁଣ ପରି। ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ। ସବୁବେଳେ ସମାନ। ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା ଉପରେ। ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର। ଯନ୍ତ୍ରଣା ଅନୁଭୂତ ହେବନାହିଁ। ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ।

ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ। ଆମେ ଚାଲିଯିବା ପାଇଁ ଆସିଥାଉଁ। ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ। ଆମେ ଯେଉଁ ଉତ୍ତରାଧିକାରୀ ହରାଇବସିଛୁ, ଯେଉଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି - 'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି - ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ। ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ। ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା; ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉପ୍ତତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ; ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରିତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ।

ସାଧୁତା ହିଁ ଜୀବନର ନୀତି ହେଉ। ସାଧୁଜୀବନ ଯାପନ କରୁ। ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତୁ ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - 'ସଦଗୁଣବିହୀନ ଜୀବନ ମନୁଷ୍ୟ ଜୀବନ ହୋଇ ନପାରେ।

ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସ୍ୱତା ନିହିତ। ବିଶ୍ୱପ୍ରେମ ହିଁ ଜୀବନର ଜୀବିକା।' ଆପଣ ଯଦି ସମଗ୍ର ମାନବଜାତିର ସେବାରେ ଆତ୍ମନିଯୋଗ କରି ନ ଦିଅନ୍ତି, ଯଦି ସମଗ୍ର ମାନବ ଜାତିକୁ ପ୍ରେମ କରିବାକୁ ଶିଖନ୍ତି, ତେବେ ଜୀବନର ପୂର୍ଣ୍ଣତା ଲାଭ କରିପାରିବେ ନାହିଁ, ବଞ୍ଚିବାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ।

ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ। ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ। ସେହିପରି ଜୀବନ ଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ। ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ। ସତ୍ୟରୁ ଆନନ୍ଦ ଲାଭ କରନ୍ତୁ।

ତପଃରୁ ଆନନ୍ଦ ଲାଭ କରନ୍ତୁ। ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧାନ ଓ ସେବାରେ ନିୟୋଜିତ କରନ୍ତୁ। ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ-ଉତ୍ସର୍ଗରେ ପରିଣତ ହୋଇଯାଉ। ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡିଟି ମନେପଡ଼ୁଛି - 'ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ। ମହାଦୁଃଖଚକ୍ରେ ଆବର୍ତ୍ତିତ ଲୋକଗଲେ।'

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭**

E-MAIL : KISHOREKUMARJENA.ADV@GMAIL.COM

## କେରଳରେ ବିଜେପିର ବଡ଼ ବିଜୟ

# ଭି ଭି ରାଜେଶ ହେଲେ ନୂଆ ମେୟର



**ତିରୁବନନ୍ତପୁରମ, ୨୬।୧୨:** କେରଳ ପୌର ନିର୍ବାଚନରେ ତିରୁବନନ୍ତପୁରମରେ ସର୍ବାଧିକ ଆସନ ଜିତିଥିବା ବିଜେପି ଶେଷରେ ମେୟର ନିର୍ବାଚନରେ ବିଜୟୀ ହୋଇଛି। ତିରୁବନନ୍ତପୁରମରେ ବିଜେପିରୁ ବିବି ରାଜେଶ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଜାଣିରଖିବା ଉଚିତ ଯେ, ଅବସରପ୍ରାପ୍ତ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଆର. ଶ୍ରୀଲେଖାଙ୍କୁ ମେୟର ପଦ ପାଇଁ ଏକ ଦୃଢ଼ ଦାବିଦାର ଭାବରେ ବିବେଚନା କରାଯାଉଥିଲା। ହେଲେ ଶେଷରେ କିନ୍ତୁ ବିବି ରାଜେଶ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ତେବେ କେରଳ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଏହି ବିଜୟ ବିଜେପି ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଭିଭି ରାଜେଶଙ୍କ ସହିତ ବିଜେପି ପ୍ରଥମ ଥର ପାଇଁ ତିରୁବନନ୍ତପୁରମ ନଗର ନିଗମ ନିର୍ବାଚନ ଜିତିଛି। ଏଠାରେ ୪୫ ବର୍ଷ ଧରି ବାମପନ୍ଥୀଙ୍କ ଶାସନ ଥିଲା, ହେଲେ ଏବେ ସେଠାରେ ବିଜେପିର ଶାସନ ଆରମ୍ଭ ହୋଇଛି। ଜାଣିରଖିବା ଉଚିତ୍ ଯେ, ଭିଭି ରାଜେଶଙ୍କୁ ୫୦ ଜଣ ବିଜେପି କାଉନସିଲର ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନ ମିଳିଥିଲା। ୧୦୧ ଆସନ ବିଶିଷ୍ଟ ତିରୁବନନ୍ତପୁରମ ନଗର ନିଗମ ପାଇଁ ହୋଇଥିବା ମେୟର ନିର୍ବାଚନରେ, ଏଲଡିଏଫ୍ ପ୍ରାର୍ଥୀ ଆରପି ଶିବାଜୀ ୨୯ ଭୋଟ ପାଇଥିଲେ, ଯେତେବେଳେ ୟୁଡିଏଫ ପ୍ରାର୍ଥୀ ମାତ୍ର ୧୭ ଭୋଟ ପାଇଥିଲେ। ଏହି ବିଜୟ ପରେ, ନୂଆ ମେୟର ଭାବେ ନିର୍ବାଚିତ ହୋଇଥିବା ରାଜେଶ କହିଛନ୍ତି, ଆମେ ସମସ୍ତଙ୍କୁ ସାଙ୍ଗରେ ନେଇ ଏକାଠି ଆଗକୁ ବଢ଼ିବୁ। ସମସ୍ତ ୧୦୧ ୱାର୍ଡରେ ବିକାଶ କାର୍ଯ୍ୟ ଆଗକୁ ବଢ଼ାଯିବ। ଆମେ ତିରୁବନନ୍ତପୁରମକୁ ଦେଶର ସବୁଠାରୁ ବିକଶିତ ସହରରେ ପରିଣତ କରିବୁ। ରାଜେଶ ଦୁଇଥର କାଉନସିଲର, କେରଳ ବିଜେପି ସମ୍ପାଦକ, ଭାରତୀୟ ଜନତା ପାର୍ଟିର ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ଏବଂ ତିରୁବନନ୍ତପୁରମ ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ କରିଛନ୍ତି।

## ଗ୍ଲୋବାଲ ୱାର୍ମିଂର ପ୍ରଭାବ

# ଶୀତଦିନରେ ହିମାଳୟରୁ ବରଫ ଉଭାନ

- ପରିବେଶବିତ୍‌ଙ୍କ ଚିନ୍ତା ପ୍ରକଟ
- ଜଳସଂକଟକୁ ଡାକିଆଣିବ

**ଡେରାଡୁନ,୨୬।୧୨:** ମାଡ଼ିଆସୁଛି ମହାବିପତ୍ତି। ଶୀତଦିନରେ ବି ହିମାଳୟ ବରଫମୁକ୍ତ। ଡିସେମ୍ବର ମାସ ଶେଷ ହେବାକୁ ଯାଉଛି, ହେଲେ ଉତ୍ତରାଖଣ୍ଡର ପାହାଡ଼ ଏବେବି ବରଫର ଶ୍ୱେତ ଚାଦରରେ ଘୋଡେଇ ହୋଇ ନାହାନ୍ତି। ବିଶେଷ କରି ୨୫୦୦ ମିଟର ଓ ୩୫୦୦ ମିଟର ଉଚ୍ଚ ଗିରି ଶୃଙ୍ଗରେ ଏ ପର୍ଯ୍ୟନ୍ତ ହୀମପାତ ହୋଇନାହିଁ। ହିମାଳୟ କ୍ଷେତ୍ରରେ ଜଳବାୟୁରେ ଗୁରୁତ୍ତର ପରିବର୍ତ୍ତନର ସଂକେତ ମିଳୁଛି। ଗତ ଏକ ମାସର ଛବି ଚିନ୍ତାକୁ ଆହୁରି ବଢେଇ ଦେଇଛି। ଗୋଟିଏ ପଟେ ଉଚ୍ଚା ଉଚ୍ଚା ପାହାଡ ଏପର୍ଯ୍ୟନ୍ତ ଶ୍ୱେତ ଧବଳ ହୋଇ ନଥିବା ବେଳେ ତଳେ ହାଡଭଙ୍ଗା ଥଣ୍ଡା ଜମିଗଲାଣି। ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ କହିବା କଥା ହେଉଛି ଏହି ପରିସ୍ଥିତି ପାଣିପାଗ ଚକ୍ରରେ ହେଉଥିବା ବଡ଼ ପରିବର୍ତ୍ତନକୁ ଦର୍ଶାଉଛି। ଏଥିରେ ଗ୍ରୀଷ୍ମ ଆଗମନର ସମୟ ଏବେ ଅନିଶ୍ଚିତ ହୋଇଯାଇଛି। ଏଥିପାଇଁ ସବୁଠୁ ବଡ଼ କାରଣ ଗ୍ଲୋବାଲ ୱାର୍ମିଂ ଓ ବାୟୁମଣ୍ଡଳର ବଢୁଥିବା ତାପମାତ୍ରା ବୋଲି କୁହାଯାଉଛି। ଏହି ସ୍ଥିତି ନା କେବଳ ଗ୍ଲାସିୟର ସ୍ୱାସ୍ଥ୍ୟ ଲାଗି ବିପଦଜନକ ବରଂ ଆଗକୁ ହେବାକୁ ଥିବା ଜଳ ସଂକଟକୁ ଦର୍ଶାଉଛି। ଖରାଦିନେ ପାହାଡ଼ରୁ ବରଫ ତରଳିଥାଏ ଓ ସେଇ ପାଣି ବିଭିନ୍ନ ନଦୀ, ଝରଣାକୁ ଯିବା ଦ୍ୱାରା ଲୋକଙ୍କ କାମରେ ଲାଗେ।

ଉତ୍ତରାଖଣ୍ଡ କାଙ୍ଗଡା ଜିଲ୍ଲା ଧୌଲାଧାର ପର୍ବତମାଳା ଉପରେ ଏ ପର୍ଯ୍ୟନ୍ତ ହୀମପାତ ହୋଇ ନାହିଁ। ପ୍ରାୟତଃ ଏହି ପାହାଡ ଚୂଡ଼ା ସବୁ ଏତେବେଳକୁ ଧଳା ଦେଖାଯିବା କଥା ହେଲେ ମାଟିଆ ଦେଖାଯାଉଛି। ରାଜ୍ୟର ମୁଖ୍ୟ ପର୍ଯ୍ୟଟନ ସ୍ଥଳ ଶିମଲା, ମନାଲୀ, ମ୍ୟାକଲୋଡ ଗଞ୍ଜ ଓ ଡେଲହାଉସୀରେ ମଧ୍ୟ ଏପର୍ଯ୍ୟନ୍ତ ବରଫ ପଡିନାହିଁ। ମନାଲୀରେ ବଡ଼ଦିନ ପାଳନ ବେଳକୁ ବରଫ ପଡିବ ବୋଲି ଆଶା କରାଯାଉଥିଲା, ହେଲେ ହାଲୁକା ବର୍ଷା ପରେ ଆକାଶ ସଫା ହୋଇଯାଇଛି।

ଏହି ପରିସ୍ଥିତି କେବଳ କେଦାରନାଥ କ୍ଷେତ୍ରର ନୁହେଁ ବରଂ ଗଙ୍ଗୋତ୍ରୀ, ଯମୁନେତ୍ରୀ ଓ ବଦ୍ରିନାଥ ଧାମ କ୍ଷେତ୍ରରେ ମଧ୍ୟ ଏ ପର୍ଯ୍ୟନ୍ତ ବରଫ ଜମି ନାହିଁ। ସାଧାରଣତଃ ଏଠାରେ ଡିସେମ୍ବର ମାସ ବେଳକୁ ଦୁଇ ଥର ହୀମପାତ ହୋଇ ସାରିଥାଏ। ହେଲେ ଏ ପର୍ଯ୍ୟନ୍ତ ବରଫ ପଡି ନଥିବା ବେଳେ ପାହାଡ଼ ସବୁ ବିନା ବରଫରେ କଳା ଦେଖାଯାଉଛନ୍ତି। ବଦ୍ରିନାଥ, କେଦାରନାଥ ଓ ଗଙ୍ଗୋତ୍ରୀ ପାଖାପାଖି ୩୦୦୦ ମିଟର ଉଚ୍ଚରେ ଥିବା କ୍ଷେତ୍ର। ଉତ୍ତରାଖଣ୍ଡର ସବୁ ୩ ହଜାର ମିଟର ଉଚ୍ଚ କ୍ଷେତ୍ରେର ଡିସେମ୍ବର ମାସରେ ଦୁଇ ଥର ବରଫ ପଡିଯିବା କଥା, ହେଲେ ଏ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯାଇଛି।



ଚଳିତବର୍ଷ ନଭେମ୍ବର ଓ ଡିସେମ୍ବର ମାସ ବିନା ହୀମପାତରେ କଟିଯିବ ଲୋକେ କେବେ ଭାବିନଥିଲେ। ହେଲେ ନୂଆ ବର୍ଷରେ ନିଶ୍ଚିତ ହୀମପାତ ହୋଇପାରେ ବୋଲି ଲୋକେ ଆଶା ବାନ୍ଧିଛନ୍ତି। ଏଥିରେ ଯଦି ହୀମପାତ ନ ହୁଏ, ବର୍ଷା ନ ହୁଏ ଏହା କେବଳ ପରିବେଶର କ୍ଷତି କରିବନି ବରଂ ମଣିଷ ସହିତ ବନସମ୍ପଦ, ବନ୍ୟଜୀବଙ୍କୁ ଆଗାମୀ ଦିନମାନଙ୍କରେ କ୍ଷତି ସହିବାକୁ ପଡିବ। ବରଫ ପଡୁନଥିବାରୁ ଏହାର ପ୍ରଭାବ ଏବେ ଉତ୍ତରାଖଣ୍ଡର ପର୍ଯ୍ୟଟନ ସ୍ଥଳ ଉପରେ ପଡିଛି। ଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ଉତ୍ତରାଖଣ୍ଡକୁ ହୀମପାତ ଦେଖିବାକୁ ଆସିଥାନ୍ତି। ଏଣୁ ପର୍ଯ୍ୟଟନ ଋତୁରେ ବରଫ ପଡୁନଥିବାରୁ ପର୍ଯ୍ୟଟକ ଅନ୍ୟ ଆଡେ ମୁହାଁଇଛନ୍ତି। ବୈଜ୍ଞାନିକଙ୍କ ଅନୁସାରେ ଏବେ ଦେଶରେ ଗ୍ରୀଷ୍ମ ଦିନ ସଂଖ୍ୟା ବଢୁଛି ଓ ଶୀତ ଋତୁରେ ଥଣ୍ଡା ଦିନ ସଂଖ୍ୟା କମୁଛି। ଡିସେମ୍ବରରେ ଯେଉଁ ବରଫ ପଡୁଛି ତାହ ଜମି ପାରୁନାହିଁ। ସ୍ନୋ ଫଲ ସିଫ୍ଟିଂ ହାର ୧୦ରୁ ୧୫ %କୁ ପହଞ୍ଚିଛି। ଏହା ଛଡା ଜଳବାୟୁ ପରିବର୍ତ୍ତନର ମଧ୍ୟ ପ୍ରଭାବ ରହୁଛି। ଏଣୁ ୨,୫୦୦ ମିଟର ପର୍ଯ୍ୟନ୍ତ ହେବାକୁ ଥିବା ବର୍ଷା ୩୦୦୦ ମିଟରକୁ ବୃଦ୍ଧି ପାଇଛି।

## ● ଦିଲ୍ଲୀରେ ଭୀଷଣ ବାୟୁ ପ୍ରଦୂଷଣ

# ଏୟାର୍ ପ୍ୟୁରିଫାୟର୍‌ରେ ଜିଏସ୍‌ଟି କମାଯିବନି

**ନୂଆଦିଲ୍ଲୀ,୨୬।୧୨:** ଦିଲ୍ଲୀ ବାୟୁ ପ୍ରଦୂଷଣରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସରକାରଙ୍କ ଅନେକ ପଦକ୍ଷେପ ସତ୍ତ୍ୱେ ଏଥିରେ ସୁଧାର ଆସୁ ନାହିଁ। ଫଳରେ ଲୋକେ କେବଳ ଅତ୍ୟାଧୁନିକ ଏୟାର ପ୍ୟୁରିଫାୟାର ଭରସାରେ ରହୁଛନ୍ତି। ଏହାରି ମଧରେ ଦିଲ୍ଲୀ ହାଇକୋର୍ଟରେ ଏୟାର୍ ପ୍ୟୁରିଫାୟର୍ ଉପରେ ଜିଏସ୍‌ଟି ହ୍ରାସ କରିବା ଏବଂ ଏହାକୁ 'ମେଡିକାଲ୍ ଡିଭାଇସ୍' ବର୍ଗରେ ରଖିବା ପାଇଁ



ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ବିରୋଧ କରିଛନ୍ତି। କେନ୍ଦ୍ର ତରଫରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଏନ୍. ଭେଙ୍କଟରମଣ କୋର୍ଟରେ କହିଛନ୍ତି ଯେ 'ମେଡିକାଲ୍ ଡିଭାଇସ୍'ର ବର୍ଗୀକରଣ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ବିସ୍ତୃତ ଯାଞ୍ଚ ପରେ କରାଯାଇଥାଏ, ଜିଏସ୍‌ଟି ପରିଷଦ ଦ୍ୱାରା ନୁହେଁ। ତେଣୁ ଏହି ନିଷ୍ପତ୍ତି ଜିଏସ୍‌ଟି ପରିଷଦ ନେଇପାରିବ ନାହିଁ। ଅତିରିକ୍ତ ସଲିସିଟର ଜେନେରାଲ୍ ଆହୁରି ମଧ୍ୟ କହିଛନ୍ତି ଯେ ଜିଏସ୍‌ଟି ହ୍ରାସ ପାଇଁ ଏକ ସାମ୍ବିଧାନିକ ପ୍ରକ୍ରିୟା ରହିଛି ଏବଂ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ପାରିବ ନାହିଁ। ଜିଏସ୍‌ଟି ପରିଷଦ ଏକ ସାମ୍ବିଧାନିକ ସଂସ୍ଥା ଏବଂ ସମସ୍ତ ରାଜ୍ୟ ଏହି ନିଷ୍ପତ୍ତି ପ୍ରକ୍ରିୟାରେ ଜଡ଼ିତ। ତେବେ କେନ୍ଦ୍ର ସରକାର ଏହି ଆବେଦନ ଉପରେ ବିସ୍ତୃତ ଜବାବ ଦାଖଲ କରିବାକୁ ସମୟ ମାଗିଛନ୍ତି। ଡିସେମ୍ବର ୨୪ ତାରିଖରେ ମାମଲାର ଶୁଣାଣି ବେଳେ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ବିକାଶ ମହାଜନ ଏବଂ ଜଷ୍ଟିସ୍ ବିନୋଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ବାୟୁ ପ୍ରଦୂଷଣ ସଙ୍କଟକୁ ଦୃଷ୍ଟିରେ ରଖି ଏୟାର୍ ପ୍ୟୁରିଫାୟର୍ ଉପରେ ଜିଏସ୍‌ଟି କମ୍ କରିବା ବିଷୟରେ ଜରୁରୀକାଳୀନ ବୈଠକ କରି ନିଷ୍ପତ୍ତି ନେବାକୁ ଜିଏସ୍‌ଟି ପରିଷଦକୁ କହିଥିଲେ।

# ୨୦ ପିଲାଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର

**ନୂଆଦିଲ୍ଲୀ, ୨୬।୧୨:** କୁନି କୁନି ପ୍ରତିଭାବାନ ପିଲାଙ୍କୁ ମିଳିଲା ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୨୦ ଜଣ ପିଲାଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ପାଳିତ ହୋଇଯାଇଛି ବୀର ବାଲ୍ ଦିବସ। ଏହି ଅବସରରେ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାବାନ୍ ପିଲାଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ଦିଆଯାଇଛି। ସାହସିକତା, କଳା, ସଂସ୍କୃତି, ବିଜ୍ଞାନ, ପରିବେଶ, ସମାଜସେବା ଏବଂ କ୍ରୀଡ଼ା ଭଳି ୬ଟି ବର୍ଗରେ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।




ରାଷ୍ଟ୍ରପତି ମୁର୍ମୁ ପୁରସ୍କାରପ୍ରାପ୍ତମାନଙ୍କୁ ତାଙ୍କର ଆଶୀର୍ବାଦ ପ୍ରଦାନ କରିଥିଲେ।

ପୁରସ୍କାରପ୍ରାପ୍ତମାନଙ୍କ ମଧ୍ୟରେ ସବୁଠାରୁ ଭିନ୍ନ ଥିଲେ ସାହସୀ ବାଳକ ଶ୍ରବଣ ସିଂହ ଏବଂ ବୈଭବ ସୂର୍ଯ୍ୟବଂଶୀ। ଶ୍ରବଣ ସିଂହ ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାଙ୍କୁ ଖାଦ୍ୟ ଯୋଗାଇଥିଲେ। ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନା ଶ୍ରବଣଙ୍କ ଘର ପାଖରେ ମୁତୟନ ଥିଲେ। ସେହି ସମୟରେ ଶ୍ରବଣ ପ୍ରତିଦିନ ଯବାନଙ୍କ ପାଇଁ ମିଠା, ଚା, ଲସି ଦେଉଥିଲେ। ତେଣୁ ତାଙ୍କୁ ଆଜି ଏହି ପୁରଷ୍କାର ମିଳିଛି।

ବିହାରର ବାସିନ୍ଦା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଏହି ପୁରସ୍କାର ପାଇଛନ୍ତି। ଭାରତର ଯୁବ ତଥା ଆଇପିଏଲର ସବୁଠାରୁ କମ ବୟସର କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ବୟସରେ କ୍ରିକେଟ ଜଗତରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, ସମସ୍ତ ପିଲା ସେମାନଙ୍କ ପରିବାର, ସମାଜ ଏବଂ ସମଗ୍ର ଦେଶ ପାଇଁ ଗର୍ବ ଆଣିଛନ୍ତି। ତେଣୁ ପିଲାମାନଙ୍କ ପରିବାରର ସଦସ୍ୟମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ରାଷ୍ଟ୍ରପତି। ଡିସେମ୍ବର ୨୬କୁ 'ବୀର ବାଲ୍ ଦିବସ' ଭାବରେ ପାଳନ କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୯, ୨୦୨୨ରେ ଶ୍ରୀ ଗୁରୁ ଗୋବିନ୍ଦ ସିଂହଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପୁତ୍ର ସାହିବଜାଦା ବାବା ଜୋରାୱର ସିଂହ ଏବଂ ବାବା ଫତେହ ସିଂହଙ୍କ ସହିଦ ସ୍ମୃତିରେ ଡିସେମ୍ବର ୨୬କୁ 'ବୀର ବାଲ୍ ଦିବସ' ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ।

## ମାଡ୍ରାସ ହାଇକୋର୍ଟଙ୍କ କେନ୍ଦ୍ରକୁ ପରାମର୍ଶ

# ପିଲାଙ୍କ ପାଇଁ ସୋସିଆଲ୍ ମିଡିଆରେ କଟକଣା ଜରୁରୀ

**ନୂଆଦିଲ୍ଲୀ,୨୬।୧୨:** ଦେଶରେ ୧୬ ବର୍ଷରୁ କମ ପିଲାଙ୍କୁ ସୋସିଆଲ୍ ମିଡିଆରୁ ଦୂରେଇ ରଖିବା ପାଇଁ ଅଷ୍ଟ୍ରେଲିଆ ପରି ଆଇନ ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ସରକାରଙ୍କୁ ମାଡ୍ରାସ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ନିକଟରେ ଅଷ୍ଟ୍ରେଲିଆ ଏକ ଆଇନ ପ୍ରଣୟନ କରି ୧୬ ବର୍ଷରୁ ସାନ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ, ଫେସବୁକ୍, ଇନଷ୍ଟାଗ୍ରାମ ଓ ଟିକଟକ୍ ଉପରେ ବ୍ୟାନ ଲଗାଇଛି। ଜଷ୍ଟିସ୍ ଜି ଜୟଚନ୍ଦ୍ରନ ଓ ନ୍ୟାୟମୂର୍ତ୍ତି କେ.କେ ରାମ କୃଷ୍ଣନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଡିସେମ୍ବର ୨୩ରେ ଇଣ୍ଟରନେଟରେ ଅଶ୍ଳୀଳ ସାମଗ୍ରୀର ସହଜ ଉପଲବ୍ଧ ଉପରେ ଏକ ଆବେଦନ ଶୁଣାଣି ବେଳେ କରିଥିଲେ।

କୋର୍ଟ କହିଥିଲେ, ଭାରତ ସରକାର ସଂସଦରେ ଅଷ୍ଟ୍ରେଲିଆ ପରି ଆଇନ ପାରିତ କରିବା ଉପରେ



ବିଚାର କରିବା ଦରକାର। ଯେପର୍ଯ୍ୟନ୍ତ ଏପରି ଆଇନ ପାସ୍ ନହୋଇଛି, ଆୟୋଗ ଏପରି ସାମଗ୍ରୀ ପାଇଁ ସମସ୍ତ ସୋସିଆଲ୍ ମିଡିଆ ଜରିଆରେ ସଚେତନା କାର୍ଯ୍ୟକ୍ରମ କରିବା ଦରକାର। ଆମେ ଆଶା କରୁଛୁ ଯେ, ଆୟୋଗ (ଶିଶୁ ସୁରକ୍ଷା ଅଧିକାର ପାଇଁ) ଦୁଇ ରାଜ୍ୟ ଓ କେନ୍ଦ୍ର ଏହି ମାମଲାରେ ଏକ ଯୋଜନା କରିବେ ଏବଂ ତାହାକୁ ଲାଗୁ କରିବେ।

## ● ଦିଲ୍ଲୀ ପ୍ରଦୂଷଣକୁ ନେଇ ପରିବେଶ ମନ୍ତ୍ରୀଙ୍କ ଚେତାବନୀ

# ଏବେ ନସୁଧୁରିଲେ ପରିଣାମ ଭୋଗିବ

**ନୂଆଦିଲ୍ଲୀ,୨୬।୧୨:** ବାୟୁ ପ୍ରଦୂଷଣକୁ ନେଇ ବଡ଼ ବୟାନ ଦେଲେ ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା। ଦିଲ୍ଲୀର ବାୟୁ ପ୍ରଦୂଷଣ ନେଇ ଚେତାବନୀ ଦେଇଛନ୍ତି। କହିଛନ୍ତି- ଆସନ୍ତାକାଲିଠାରୁ ପଶ୍ଚିମା ବାୟୁ ପ୍ରଭାବରେ ଦିଲ୍ଲୀର ପାଗ ପୁନର୍ବାର ଖରାପ ହୋଇପାରେ। ଘନ କୁହୁଡ଼ିର ଆଶଙ୍କା ଅଧିକ ହୋଇପାରେ। ପୂର୍ବ ବର୍ଷର ତଥ୍ୟ ଅନୁଯାୟୀ, ବାୟୁ ଗୁଣବତ୍ତା ଆହୁରି ଖରାପ ହେବାର ଆଶଙ୍କା ରହିଛି। ଏନେଇ ଗଣମାଧମ ଆଗରେ ପ୍ରତିକ୍ରିୟା ରଖି ଚିନ୍ତା ପ୍ରକଟ କରିଛନ୍ତି ଦିଲ୍ଲୀର ପରିବେଶ ମନ୍ତ୍ରୀ। ଆଜି ମଧ ଦିଲ୍ଲୀର ବାୟୁର ମାନ



ଅତି ଖରାପ ସ୍ଥିତିରେ ରହିଛି। ଏନେଇ ସବୁ ସ୍ତରରେ ସଚେତନ ହେବା ଜରୁରୀ। ନହେଲେ ପରିଣତି ଅଧିକ ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସକାଳେ ଦିଲ୍ଲୀର ଏକ୍ୟୁଆଇ ୩୦୫ ଥିଲା, ଯାହା ଅତିଖରାପ ଶ୍ରେଣୀରେ। ଆଇଟିଓ, ଆନନ୍ଦ ବିହାର, ବବାନା ଆଦି ଅଞ୍ଚଳରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଜିଆରଏପି-୪ ଉଠାଇ ଦିଆଯାଇଥିଲେ ମଧ୍ୟ ପରିବେଶ ମନ୍ତ୍ରୀ ଦିଲ୍ଲୀବାସୀଙ୍କୁ ସତର୍କ ରହିବାକୁ ଏବଂ ପ୍ରଦୂଷଣ କମ୍ କରିବା ପାଇଁ ସାମୂହିକ ପ୍ରୟାସ ଜାରି ରଖିବାକୁ ଅପିଲ୍ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଦିଲ୍ଲୀ ସରକାର ଜଳାଶୟ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ତେବେ ଦିଲ୍ଲୀର ଏହି ଅବସ୍ଥା ପାଇଁ ଅନେକ କାରଣ ଦାୟୀ। ପ୍ରଥମତଃ, ପଡ଼ୋଶୀ ରାଜ୍ୟ ପଞ୍ଜାବ ଏବଂ ହରିୟାଣାରେ ଚାଷୀମାନଙ୍କ ଦ୍ୱାରା ନଡ଼ା ପୋଡ଼ି ଜାରି ରହିଛି, ଯାହାର ଧୂଆଁ ପବନ ସହ ମିଶି ଦିଲ୍ଲୀକୁ ପ୍ରଦୂଷିତ କରୁଛି। ଦ୍ୱିତୀୟରେ, ଶୀତଦିନେ ବାୟୁର ଗତି ଧୀର ହୋଇଯାଉଥିବାରୁ ପ୍ରଦୂଷଣକାରୀ କଣିକାଗୁଡ଼ିକ ଉପରକୁ ଯାଇପାରନ୍ତି ନାହିଁ। ଏହା ବ୍ୟତୀତ ଯାନବାହନରୁ ନିର୍ଗତ ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ଧୂଳି ଏବଂ ଶିଳ୍ପ ପ୍ରଦୂଷଣ ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଏବେଠାରୁ ଏହାର ପ୍ରତିକାର କରାନଗଲେ ଆଗକୁ ପରିସ୍ଥିତି ଆହୁରି ବିଗିଡ଼ିବ ବୋଲି ମନ୍ତ୍ରୀ ଚେତାଇ ଦେଇଛନ୍ତି।

# ଜାପାନରେ ସିରିଜ ଛୁରାମାଡ଼: ୧୪ ଆହତ

**ଟୋକିଓ,୨୬।୧୨:** ଜାପାନର ରାଜଧାନୀ ଟୋକିଓରେ ଜଣେ ଯୁବକ ଛୁରୀରେ ଅନେକ ଲୋକଙ୍କୁ ଆକ୍ରମଣ କରି ସେମାନଙ୍କୁ ରକ୍ତାକ୍ତ କରିଛି। ଘଟଣାରେ ୧୪ ଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀ ଛୁରାମାଡ଼ ପରେ ଲୋକଙ୍କ ଉପରେ ଏକ ଅଜଣା ତରଳ ପଦାର୍ଥ ଫିଙ୍ଗିଥିବା ମଧ ଜଣାପଡିଛି। ଟୋକିଓ ମିଶିମାରେ ଥିବା ଏକ ରବର କାରଖାନାରେ ଏହି ଘଟଣା ଘଟିଛି। ପୁଲିସ ଜଣଙ୍କୁ କାବୁ କରି ଅଟକ ରଖିଛି।

ରିପୋର୍ଟ ଅନୁଯାୟୀ, ଠିକ୍ ୪.୩୦ ସମୟରେ ଜଣେ ବ୍ୟକ୍ତି ରବର କାରଖାନାରେ ପଶି ଲୋକଙ୍କୁ ଛୁରାମାଡ କରିଥିଲା। ପରେ ଏକ ଅଜଣା ତରଳ ପଦାର୍ଥ ଫିଙ୍ଗିଥିଲା। ଯେଉଁଥିରେ ୧୪ରୁ ଅଧିକ ଆହତ ହୋଇଥିବା ବେଳେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଛି। ୧୪ ଜଣଙ୍କ ମଧ୍ୟରୁ ଆଠ ଜଣଙ୍କୁ ଛୁରା ମାଡ଼ କରାଯାଇଛି ଏବଂ ଛଅ ଜଣଙ୍କ ଉପରକୁ ତରଳ ପଦାର୍ଥ ଫିଙ୍ଗା ଯାଇଛି।

# କାନାଡ଼ାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

## କ୍ୟାମ୍ପସ ପାଖରେ ଗୁଳିକଲେ ଦୁର୍ବୃତ୍ତ



**ଟରୋଣ୍ଟୋ, ୨୬।୧୨:** କାନାଡାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା। ମଙ୍ଗଳବାର କାନାଡାର ରାଜଧାନୀ ଟରୋଣ୍ଟୋରେ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି। ୟୁନିଭର୍ସିଟି ଅଫ୍ ଟରୋଣ୍ଟୋର କ୍ୟାମ୍ପସ ପାଖରେ ତାଙ୍କୁ ଗୁଳି କରାଯାଇଛି। ଯାହାକୁ ନେଇ ଜୋରଦାର ପ୍ରତିବାଦ ହୋଇଛି। ରିପୋର୍ଟ ଅନୁସାରେ, ଶିବାଙ୍କ ଅୱସ୍ତି ନାମକ ଜଣେ ଛାତ୍ର ଟରୋଣ୍ଟୋ ୟୁନିଭର୍ସିଟିରେ ପିଏଚଡି ପାଠ ପଢୁଥିଲେ। ମଙ୍ଗଳବାର ସେ କ୍ୟାମ୍ପସ ପାଖ ରାସ୍ତାରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଆସି ତାଙ୍କ ଉପରେ ଗୁଳିଚାଳନା କରିଥିଲେ। ଦିନ ପ୍ରାୟ ୩ଟା ୩୪ରେ ଏହି ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ। ତେବେ ଶିବାଙ୍କଙ୍କ ମୃତ୍ୟୁକୁ ନେଇ କାନାଡାରେ ରହୁଥିବା ଭାରତୀୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦିନକୁ ଦିନ ଏଠାରେ ଭାରତୀୟ ଛାତ୍ରଙ୍କ ବିରୋଧରେ ଅତ୍ୟାଚାର ବଢୁଛି। ଇଣ୍ଡିଆନ୍ ଇନ୍ ଟରୋଣ୍ଟୋ କହିଛି ଯେ, କାନାଡାରେ ଜଣେ ପିଏଚଡି ଛାତ୍ରଙ୍କୁ ହତ୍ୟା କରାଯାଇଛି। ଦୂତାବାସ ଶିବାଙ୍କଙ୍କ ପରିବାର ସହ ଯୋଗାଯୋଗ କରୁଛି। କିପରି ଅଭିଯୁକ୍ତ ଗିରଫ ହେବେ ସେନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ହେଉଛି ୨୦୨୫ରେ ଟରୋଣ୍ଟୋର ୪୧ତମ ହତ୍ୟାକାଣ୍ଡ। ଯଦି କେହି ବ୍ୟକ୍ତି ଅପରାଧ ଘଟାଉଛି ସେନେଇ ପୁଲିସକୁ ଜଣାଇବାକୁ କୁହାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ କାନାଡାରେ ପଞ୍ଜାବର ଦୁଇ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେମାନେ ଏକ ପାର୍ଟିକୁ ଯାଉଥିବା ବେଳେ କିଛି ଆତତାୟୀ ଆଖିବୁଜା ଗୁଳିମାଡ କରିଥିଲେ। ଘଟଣାସ୍ଥଳରେ ହିଁ ଉଭୟ ପ୍ରାଣ ହରାଇଥିଲେ।

## ● ଭାରତର ତୀବ୍ର ପ୍ରତିକ୍ରିୟା

# ବାଂଲାଦେଶ ହିଂସାକୁ ଅଣଦେଖା କରାଯିବ ନାହିଁ

**ନୂଆଦିଲ୍ଲୀ,୨୬।୧୨ :** ବାଂଲାଦେଶରେ ଚାଲିଥିବା ରାଜନୈତିକ ସଙ୍କଟ ଏବଂ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ସମ୍ପର୍କରେ ଭାରତ ସରକାର ଏକ ବିବୃତ୍ତି ଜାରି କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଶୁକ୍ରବାର କହିଛନ୍ତି ଯେ, ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହିଂସା ଚିନ୍ତାର ବିଷୟ। ସେ କହିଛନ୍ତି, ଆମେ ଦୀପୁ ଦାସଙ୍କ ହତ୍ୟାକୁ ନିନ୍ଦା କରୁଛୁ। ଆମେ ଆଶା କରୁଛୁ ଯେ ଅପରାଧୀମାନଙ୍କୁ ନ୍ୟାୟ ଦିଆଯିବ। ସେଠାକାର ସରକାର ଏନେଇ ଠୋସ ପଦକ୍ଷେପ ଗ୍ରହଣ କରୁ। ନହେଲେ ପରିସ୍ଥିତି ଭୀଷଣ ରୂପ ନେବ। ବୈଦେଶିକ ମନ୍ତ୍ରଣାଳୟ କହିଛି, ବାଂଲାଦେଶରେ ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କାର୍ଯ୍ୟକାଳରେ ହତ୍ୟା, ପୋଡ଼ାଜଳା ଏବଂ ଜମି ହଡ଼ପ ସମେତ ୨୯୦୦ ଘଟଣା ରିପୋର୍ଟ ହୋଇଛି। ଏହି ରିପୋର୍ଟଗୁଡ଼ିକୁ ରାଜନୈତିକ ହିଂସା ଭାବରେ ଖାରଜ କରାଯାଇପାରିବ ନାହିଁ। ବାଂଲାଦେଶରେ ଫେବୃଆରୀ ୨୦୨୫ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ସକ୍ରିୟ ହୋଇ ଉଠିଛି ଏବଂ ନିର୍ବାଚନ ପାଇଁ ସକ୍ରିୟ ଭାବରେ ପ୍ରଚାର କରୁଛି।

# ସିରିୟା ମସ୍‌ଜିଦରେ ବିସ୍ଫୋରଣ, ୮ ମୃତ

**ଅଲାୱାଇଟ୍, ୨୬।୧୨:** ସିରିୟାରେ ଶୁକ୍ରବାର ନମାଜ ସମୟରେ ମସଜିଦରେ ବିସ୍ଫୋରଣ ହୋଇଛି। ଫଳରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ରୁ ଊର୍ଦ୍ଧ୍ୱ ଲୋକେ ଆହତ ହୋଇଛନ୍ତି। ଏହି ଘଟଣା ସ୍ୱଳ୍ପ ଜନବହୁଳ ଅଲୱାଇଟ ଅଞ୍ଚଳରେ ହୋଇଛି। ସ୍ଥାନୀୟ ସାମ୍ବାଦିକଙ୍କ ଅନୁସାରେ ବିସ୍ଫୋରଣ ଅଲୀ ବିନ ଅବି ତାଲିବ ମସଜିଦ୍ ରେ ହୋଇଛି। ସୂଚନା ମିଳିବାମାତ୍ରେ ଆପତକାଳୀନ ଦଳ ଘଟଣାସ୍ଥଳରେ ପହଞ୍ଚିବା ସହିତ ମୃତାହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇଛନ୍ତି। ସୁରକ୍ଷା ବଳ ଅଞ୍ଚଳକୁ ଘେରାଉ କରିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିସ୍ଫୋରଣର କାରଣ ଏବେବି ସ୍ପଷ୍ଟ ହୋଇ ନାହିଁ। ବ୍ରିଟେନସ୍ଥିତ ସିରିୟ ମାନବାଧିକାର କେନ୍ଦ୍ର ମଧ୍ୟ ବିସ୍ଫୋରଣର ଖବର ଦେଇଛି। ତେବେ ଏହା ଆତ୍ମଘାତୀ ଆକ୍ରମଣ ଥିଲା କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଯଦି ଆତ୍ମଘାତୀ ଆକ୍ରମଣ ଥିଲା ତେବେ ଏହା ପଛରେ କେଉଁମାନଙ୍କ ହାତ ରହିଛି ସେ ନେଇ ମଧ୍ୟ ସ୍ପଷ୍ଟ ସୂଚନା ମିଳି ନାହିଁ।

# ଓଲଟିଲା ବସ୍; ୧୦ ମୃତ, ୩୨ ଆହତ

**ନୂଆଦିଲ୍ଲୀ, ୨୬।୧୨:** ମେକ୍ସିକୋରେ ଭୟଙ୍କର ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଦଶ ଜଣଙ୍କର ମୃତ୍ୟୁ ହୋଇଛି। ପୂର୍ବ ମେକ୍ସିକୋରେ ଏକ ଦ୍ରୁତଗାମୀ ବସ୍ ଓଲଟି ପଡ଼ିଥିଲା,



ଯେଉଁଥିରେ ଜଣେ ଶିଶୁ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୨ ଜଣ ଆହତ ହୋଇଥିଲେ। ଜୋଣ୍ଟେକୋମାଟଲାନ୍ ସହରରେ ଏହି ଦୁର୍ଘଟଣା ଘଟିଥିଲା। ଯେଉଁଠାରେ ବସ୍ ଟି ମେକ୍ସିକୋ ସିଟିରୁ ଚିକୋଣ୍ଟେପେକ୍ ଗ୍ରାମକୁ ଯାତ୍ରା କରୁଥିଲା। ଦ୍ରୁତ ଗତି କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବସ୍ ଟି ହଠାତ୍ ଓଲଟି ପଡ଼ିଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଦଶ ଜଣଙ୍କ ଜୀବନ ଯାଇଛି। ଜୋଣ୍ଟେକୋମାଟଲାନ୍ ମେୟରଙ୍କ କାର୍ଯ୍ୟାଳୟ ଏକ ବିବୃତ୍ତି ଜାରି କରି କହିଛି ଯେ, ଆମେ ଦୁଃଖଦ ଦୁର୍ଘଟଣାରେ ନଅ ଜଣ ବୟସ୍କ ଏବଂ ଜଣେ ଶିଶୁଙ୍କ ମୃତ୍ୟୁ ନିଶ୍ଚିତ କରୁଛୁ। ପୌରପାଳିକା ଏହି ଘଟଣାରେ ଆହତ ୩୨ ଜଣଙ୍କର ଏକ ତାଲିକା ମଧ ପ୍ରକାଶ କରିଛି।

## କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

# ପ୍ରତି ଜିଲ୍ଲାରେ ଖୋଲିବ ବାଳିକା ଛାତ୍ରାବାସ

**ନୂଆଦିଲ୍ଲୀ,୨୬।୧୨:** କୌଣସି ଝିଅର ଶିକ୍ଷା କେବଳ ତାଙ୍କ ଘରଠାରୁ ଦୂରରେ କିମ୍ବା ସୁରକ୍ଷିତ ବାସସ୍ଥାନର ଅଭାବ ଯୋଗୁଁ ବାଧାପ୍ରାପ୍ତ ହେବ ନାହିଁ। କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଜିଲ୍ଲାରେ ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ଏକ ଯୋଜନାରେ କାମ କରୁଛନ୍ତି। ଏହା ଗ୍ରାମୀଣ, ଦୁର୍ଗମ ଏବଂ ପଛୁଆ ଅଞ୍ଚଳର ଛାତ୍ରୀମାନଙ୍କୁ ସିଧାସଳଖ ଲାଭ ଦେବ। ସରକାର ବିଶ୍ୱାସ କରନ୍ତି ଯେ, ଯଦି ଝିଅମାନଙ୍କ ଶିକ୍ଷା ପାଇଁ ସୁରକ୍ଷିତ ଏବଂ ସୁଲଭ ଗୃହ ଉପଲବ୍ଧ ହୁଏ, ତେବେ ସେମାନେ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ସହଜରେ ପ୍ରବେଶ କରିପାରିବେ। ଏହି ଯୋଜନାକୁ ଝିଅମାନଙ୍କ ଅଂଶଗ୍ରହଣ ବୃଦ୍ଧିକରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ବିଶେଷକରି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଭଳି ବିଷୟଗୁଡ଼ିକରେ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହି ଯୋଜନା ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରିଛି ଏବଂ ଏହାକୁ ଅର୍ଥ ମନ୍ତ୍ରଣାଳୟକୁ ଦାଖଲ କରିବାକୁ ପ୍ରସ୍ତୁତ ହେଉଛି। ବିଶ୍ୱାସ କରାଯାଉଛି ଯେ, ଏହି ଯୋଜନା ୨୦୨୬ ସାଧାରଣ ବଜେଟରେ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇପାରେ। ଯଦି ଅନୁମୋଦନ କରାଯାଏ, ତେବେ ସାରା ଦେଶର ପ୍ରାୟ ୭୦୦ ରୁ ୮୦୦ ଜିଲ୍ଲାରେ ନୂତନ ବାଳିକା ଛାତ୍ରାବାସ ନିର୍ମାଣ କରାଯିବ। ଏହି ଛାତ୍ରାବାସଗୁଡ଼ିକ ନିୟମିତ ମହିଳା ଛାତ୍ରାବାସଠାରୁ ପୃଥକ ହେବ। ଏହି ଯୋଜନା ବିଷୟରେ ଆଲୋଚନା କରିବା ପାଇଁ ଡିସେମ୍ବର ୨୬ ରୁ ୨୮ ତାରିଖ ମଧ୍ୟରେ ଦିଲ୍ଲୀରେ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଉଚ୍ଚଶିକ୍ଷା ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

## ପୁଣି କାମ୍ବୋଡ଼ିଆରେ ଧୋକାଦେଲା ଚୀନ ଅସ୍ତ୍ର

# ରକେଟ ଲଞ୍ଚର ବିସ୍ଫୋରଣରେ ୮ ସୈନିକ ମୃତ

**ନାମପେନ, ୨୬।୧୨:** କମ୍ବୋଡିଆ ଓ ଥାଇଲ୍ୟାଣ୍ଡ ମଧରେ ସୀମାରେ ଜାରି ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି। ଏହି କ୍ରମରେ କମ୍ବୋଡିଆ ସେନା ସୀମାରେ ଚୀନ୍ ନିର୍ମିତ ରକେଟ ଲଞ୍ଚରରୁ ଥାଇଲ୍ୟାଣ୍ଡ ସୀମା ଉପରକୁ ଆକ୍ରମଣ କରୁଥିବା ବେଳେ ଚୀନ ଲଞ୍ଚରରେ ବିସ୍ଫୋରଣ ହୋଇଛି। ଫଳରେ ୮ ଜଣ କମ୍ବୋଡିଆ ସୈନିକ ପ୍ରାଣ ହରାଇଥିବା ବେଳେ ଲଞ୍ଚରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ବେଳେ ତାହା ଭାଇରାଲ ହୋଇଛି।

ଏହି ଦୁର୍ଘଟଣା ସେତେବେଳେ ହୋଇଛି ଯେତେବେଳେ କମ୍ବୋଡିଆ ସେନା ଥାଇଲ୍ୟାଣ୍ଡ ଉପରକୁ ଆକ୍ରମଣ ପ୍ରସ୍ତୁତି କରୁଥିଲେ। ହେଲେ ଚୀନ୍ ନିର୍ମିତ ଅସ୍ତ୍ର ଧୋକା ଦେଇଛି। ଏହି ବିସ୍ଫୋରଣ ପୁଣି ଥରେ ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ରର କ୍ୱାଲିଟି ଓ ବିଶ୍ୱସନିୟତା ଉପରେ ଅନ୍ତର୍ଜାତୀୟ ପ୍ରଶ୍ନବାଚୀ ଲଗାଇଛି। ରିପୋର୍ଟ ଅନୁସାରେ କମ୍ବୋଡିଆ



ସୈନିକ ଚୀନ ନିର୍ମିତ ୯୦-ବି ମଲ୍ଟି ଲଞ୍ଚ ରକେଟ ସିଷ୍ଟମ (ଏମଏଲଆରଏସ)ରୁ ଥାଇଲ୍ୟାଣ୍ଡ ଉପରକୁ ରକେଟ ମାଡ଼ କରିବାକୁ ଉଦ୍ୟମ କରୁଥିଲେ। ଅଚାନକ ଲଞ୍ଚର ପାଇପରେ ରକେଟ ବିସ୍ଫୋରଣ ହୋଇଥିଲା। ଫଳରେ ପୂରା ଟ୍ରକ ନିଆଁ ଗୋଳାରେ ପରିଣତ ହୋଇଥିବା ବେଳେ ଟ୍ରକ ପାଖରେ ଛିଡା ହୋଇଥିବା ୮ ଜଣ ସୈନିକ ପ୍ରାଣ ହରାଇଛନ୍ତି।

ଏହି ଦୁର୍ଘଟଣାର ଲାଇଭ ରେକର୍ଡ ହୋଇଛି। ଏଣୁ ଯୁଦ୍ଧରେ ଚୀନ ଅସ୍ତ୍ର 'ଫୁସ୍' ହେଉଥିବା ଏବେ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ଯୁଦ୍ଧ ଭୂମିରେ ଚୀନ୍ ଅସ୍ତ୍ରଶସ୍ତ୍ର ଧୋକା ଦେବା କିଛି ନୂଆ କଥା ନୁହେଁ। ଏହା ପୂର୍ବରୁ ମେ ୨୦୨୫ରେ ଅପରେସନ ସିନ୍ଦୂର କାଳରେ ପାକିସ୍ତାନ ଉପଯୋଗ କରିଥିବା ଚୀନ୍ ଡ୍ରୋନ ନା କେବଳ ବିଫଳ ହୋଇଥିଲା ବରଂ ଏଥି ପାଇଁ ଚୀନର ସମାଲୋଚନା ମଧ୍ୟ ହୋଇଥିଲା। କମ୍ବୋଡିଆ ସେନାରେ ହୋଇଥିବା ଏହି ଦୁର୍ଘଟଣା ପ୍ରତିରକ୍ଷା ବିଶେଷଜ୍ଞଙ୍କୁ ପୁଣି ଥରେ ଚିନ୍ତା କରିବାକୁ ବାଧ୍ୟ କରିଛି। ଏହି ଘଟଣା କମ୍ବୋଡିଆ ସେନାରେ ଚୀନ୍ ପ୍ରତି ଅବିଶ୍ୱାସ ସୃଷ୍ଟି କରିଛି।

ତେବେ କମ୍ବୋଡିଆ ଓ ଥାଇଲ୍ୟାଣ୍ଡ ମଧ୍ୟରେ ସୀମାବର୍ତ୍ତି ଭୂମି ଓ ପ୍ରାଚୀନ ମନ୍ଦିର ଉପରେ ମାଲିକାନା ହକକୁ ନେଇ ବିବାଦ ଲାଗି ରହିଛି। ୨୦୨୫ରେ ଏହି ବିବାଦ ସେତେବେଳେ ଉଗ୍ରରୂପ ଧାରଣ କରିଥିଲା ଯେତେବେଳେ ଦୁଇ ଦେଶ ପରସ୍ପର ଉପରକୁ ଭୀଷଣ ଗୁଳିଗୋଳା ବର୍ଷା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇଥର ମଧ୍ୟସ୍ଥତା କରି ଯୁଦ୍ଧବିରାମ ଉଦ୍ୟମ କରିଥିଲେ। ହେଲେ ଏବେ ଏବେ ହୋଇଥିବା ବୁଝାମଣା ମାତ୍ର କିଛି ଦିନ ମଧ୍ୟରେ ଭାଙ୍ଗିଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୋନାସିକା କେନ୍ଦୁଝର ମହୋତ୍ସବ ଉଦଘାଟିତ

# ୨୦୩୬ ସୁଦ୍ଧା ୫ ଶ୍ରେଷ୍ଠ ରାଜ୍ୟରେ ରହିବ ଓଡ଼ିଶା



**କେନ୍ଦୁଝର,୨୬।୧୨(ସଂଚାର ବ୍ୟୁରୋ):** ଆଜିଠୁ ଏଠାରେ ଗୋନାସିକା-କେନ୍ଦୁଝର ମହୋତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି। ଓଡ଼ିଶାକୁ ସମୃଦ୍ଧ କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଆସନ୍ତା ୧୦ ବର୍ଷ ମଧ୍ୟରେ ଅର୍ଥାତ ୨୦୩୬ ସୁଦ୍ଧା ଓଡ଼ିଶା ଦେଶର ପ୍ରଥମ ୫ଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶାର ନୂତନ ନିର୍ମାଣର ଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ଆମ ସରକାର ରେକର୍ଡ ୬୫ ହଜାର କୋଟିରୁ ବି ଅଧିକ ଟଙ୍କାର ବ୍ୟବସ୍ଥା କରିଛନ୍ତି। ଆଜି ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ରେଳ ସଂଯୋଗ, ଉନ୍ନତ ରାସ୍ତା ସଂଯୋଗ ପାଇଁ କାର୍ଯ୍ୟ ଚାଲୁଛି। ଆମ ସରକାର ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ସବୁ ଗାଁକୁ ବିଜୁଳି ଓ ସବୁ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ 'ମିଶନ ପାୱାର' ଗଠନ କରିଛନ୍ତି। ରାଜ୍ୟରେ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। କ୍ଷମତାକୁ ଆସିବାର ମାତ୍ର ୭ ମାସ ମଧ୍ୟରେ ରାଜ୍ୟ ବିଭିନ୍ନ ପ୍ରକଳ୍ପ ପାଇଁ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଥିଲା ଉତ୍କର୍ଷ ଓଡ଼ିଶା ମାଧ୍ୟମରେ। ଏହା ଫଳରେ ୧୩ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ହେବ। ଉତ୍କର୍ଷ ଓଡ଼ିଶାର ମାତ୍ର ୧୧ ମାସ ମଧ୍ୟରେ ଆଜି ରାଜ୍ୟରେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇସାରିଛି ଓ ଆଗାମୀ ଦିନରେ ଏଥିରୁ ୧.୫ ଲକ୍ଷ ରୋଜଗାର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନକୁ ସମୃଦ୍ଧ କରିବା ସହ ଗୋନାସିକା ମହୋତ୍ସବ ଏହାର ପ୍ରଚାର ପ୍ରସାର ଦିଗରେ ଏକ ପ୍ରଶଂସନୀୟ ଉଦ୍ୟମ। ପ୍ରତି ବର୍ଷ ଏହି ମହୋତ୍ସବ ମାଧ୍ୟମରେ ପୂର୍ବପୁରୁଷଙ୍କ ସ୍ମୃତିଚାରଣ ସହିତ ଆଗାମୀ ପିଢ଼ିଙ୍କୁ ସଂସ୍କୃତିମନସ୍କ ହେବା ପାଇଁ ପ୍ରୋତ୍ସାହନ ମଧ୍ୟ ମିଳେ। କେନ୍ଦୁଝରର ସଂସ୍କୃତି ଓ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ଭାବେ ସାବ୍ୟସ୍ତ ହୋଇଛି। ଲୋକଙ୍କ ସହ ମିଶିବାର ଏକ ପ୍ରକୃଷ୍ଟ ମାଧ୍ୟମ ଓ ଲୋକଙ୍କ ଗହଣରେ କିଛି ମୁହୂର୍ତ୍ତ ବିତେଇବା ପାଇଁ ଏହି ମଞ୍ଚ ସୁଯୋଗ ଦେଇଥାଏ। ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହେଉଛି 'ବିବିଧତା ଭିତରେ ଏକତା'। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ଡକ୍ଟର ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଡିଆଇଜି ବ୍ରିଜେଶ ରାଏ, ଏସପି ନୀତିନ କୁଶଲକର ଉପସ୍ଥିତ ଥିଲେ।

ସମ୍ବଲପୁରରେ ପିଏମ୍ ଆବାସ ଯୋଜନା କାର୍ଯ୍ୟାଦେଶ ବିତରଣ

# 'ଗରିବ ଲୋକଙ୍କୁ ସୁରକ୍ଷିତ ଜୀବନ ଦେବା ଆମର ଲକ୍ଷ୍ୟ'

- ୮୫୫ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ
- ୩୦ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ପିଏମ ସ୍ୱନିଧି, ମଧୁବାବୁ ପେନ୍‌ସନ ଯୋଜନାରେ ସହାୟତା ପ୍ରଦାନ

**ସମ୍ବଲପୁର,୨୬।୧୨(ସଂଚାର ବ୍ୟୁରୋ):** ଗରିବ ଲୋକଙ୍କୁ ସୁରକ୍ଷିତ ଏବଂ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି ବୋଲି ଆଜି ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) କାର୍ଯ୍ୟାଦେଶ ଏବଂ ବିଭିନ୍ନ ଯୋଜନାର ସୁବିଧା ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାରର ଲକ୍ଷ୍ୟ ହେଉଛି ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ସରକାରୀ ସୁବିଧା ପହଞ୍ଚାଇବା। ଆଜି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୮୫୫ ଜଣ ହିତାଧିକାରୀଙ୍କୁ ୨.୫ କୋଟି ଟଙ୍କା ମୂଲ୍ୟର ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ଆମ ସହରର ଅର୍ଥନୀତିର ଅଭିନ୍ନ ଅଙ୍ଗ ହେଉଛନ୍ତି ଆମର ଉଠାଦୋକାନୀ। ସମ୍ବଲପୁର ସହରରେ ଏପର୍ଯ୍ୟନ୍ତ ୫,୬୭୮ ଜଣ ପ୍ରଥମ କିସ୍ତି, ୧,୯୫୫ ଜଣ ଦ୍ୱିତୀୟ କିସ୍ତି ଏବଂ ୪୨୩ ଜଣ ହିତାଧିକାରୀ ତୃତୀୟ କିସ୍ତି ସହାୟତା ପାଇସାରିଛନ୍ତି। ଆଜି ୧୦ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ବିନା ବନ୍ଧକରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ପ୍ରଦାନ କରାଯାଇଛି। ୩୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ୩୮ ଜଣ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ପ୍ରାୟ ୧୨.୬୩ କୋଟି ଟଙ୍କା ବ୍ୟୟରେ ୩୦ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସମ୍ବଲପୁରର ଭବିଷ୍ୟତକୁ ଆହୁରି ଉଜ୍ଜ୍ୱଳ କରିବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ସମ୍ବଲପୁର ମହାନଗର ନିଗମରେ ସ୍ୱଚ୍ଛ ପାନୀୟ ଜଳଠାରୁ ଆରମ୍ଭ କରି ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତାଘାଟ, ରେଳ, ଆନୁଷଙ୍ଗିକ ଭିତ୍ତିଭୂମି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସୁଛି। ସମ୍ବଲପୁରରେ ୪୫୦ କୋଟି ଟଙ୍କା ବ୍ୟୟରେ ୨୪ ଘଣ୍ଟିଆ ପାନୀୟ ଜଳ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ୧୬୦ କୋଟି ଟଙ୍କାର ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ପାଇଁ ଟେଣ୍ଡର କାମ ଶୀଘ୍ର ଶେଷ ହେବ। ୫୫୦ କୋଟି ଟଙ୍କା ବ୍ୟୟରେ ନୂଆ ଅଯୋଧ୍ୟାସାଗର ନିର୍ମାଣ କାମ ପାଇଁ ଟେଣ୍ଡର ହୋଇସାରିଛି। ମୋଦୀ ସରକାର ଏଠାରେ ୧୦୦ଟି ଇଲେକ୍ଟ୍ରିକ୍ ବସ ଚଳାଚଳ କରିବାର ବ୍ୟବସ୍ଥା କରିଛନ୍ତି। ୩୦୦ କୋଟି ଟଙ୍କାର ସ୍ୱରେଜ ପ୍ରକଳ୍ପ, ୨୦୦ କୋଟି ଟଙ୍କାର ଡ୍ରେନେଜ ପ୍ରକଳ୍ପର କାମ ଚାଲୁରହିଛି। ପରଲିପାଲିରେ ସୁଲଭ ଘର ପ୍ରକଳ୍ପ ଅଧୀନରେ ବଡ ହାଉସିଂ କମ୍ପ୍ଲେକ୍ସ ନିର୍ମାଣର ଯୋଜନା ରହିଛି। ହୀରାକୁଦର ବିକାଶ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ସରକାର ଦେଇଛନ୍ତି। ସେହିପରି ସହରରେ ୧୩୦୦ କୋଟି ଟଙ୍କା ବ୍ୟୟରେ ରିଙ୍ଗ ରୋଡ ନିର୍ମାଣ ବ୍ୟତୀତ ବିମାନବନ୍ଦର, ରେଳ କ୍ଷେତ୍ରରେ ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମିର କାମ ହେଉଛି।



## ତୃଣମୂଳରେ ଅଭିନେତ୍ରୀ ପର୍ଣ୍ଣୋ ମିତ୍ର



**କୋଲକାତା,୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ ବଡ଼ ଆଶ୍ଚର୍ଯ୍ୟ। ଶୁକ୍ରବାର ଅଭିନେତ୍ରୀ ତଥା ବିଜେପି ନେତ୍ରୀ ପର୍ଣ୍ଣୋ ମିତ୍ର ତୃଣମୂଳ ଶିବିରରେ ଯୋଗ ଦେଇଛନ୍ତି। ଶୁକ୍ରବାର ରାଜ୍ୟ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଯୋଗଦାନ ପ୍ରକ୍ରିୟା ସମାପ୍ତ ହୋଇଛି। ପର୍ଣ୍ଣୋ ବିଜେପି ପାଇଁ ବରାହନଗରରୁ ୨୦୨୧ ମସିହା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେତେବେଳେ ତାପସ ରାୟ ତାଙ୍କ ବିରୁଦ୍ଧରେ ତୃଣମୂଳ କଂଗ୍ରେସ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ପରିସ୍ଥିତି ୨୦୨୫ ମସିହାରେ ବଦଳି ଯାଇଥିଲା। ବର୍ତ୍ତମାନ ସାୟନ୍ତିକା ବାନାର୍ଜୀ ତୃଣମୂଳ କଂଗ୍ରେସ ବିଧାୟକ ଭାବରେ ବରାହନଗରର ଦାୟିତ୍ୱ ତୁଲାଉଛନ୍ତି।

● ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ

## ଶିଆଲଦାରେ ଜୋରଦାର ବିକ୍ଷୋଭ

**କୋଲକାତା,୨୬।୧୨(ସଂଚାର ବ୍ୟୁରୋ):** ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ନିର୍ମମ ଭାବରେ ମାଡ଼ମାରିବା ଏବଂ ସେହି ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଲଗାତାର ଆକ୍ରମଣ ହିଂସାତ୍ମକ ରୂପ ନେଇଛି। ଶୁକ୍ରବାର ଶିଆଲଦା ଷ୍ଟେସନ ପରିସରରୁ ହଜାର ହଜାର ଜନତାଙ୍କ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ପାରମ୍ପରିକ ସଂଗଠନ ଏବଂ ହିନ୍ଦୁତ୍ୱ ଗୋଷ୍ଠୀଙ୍କ ଡାକରାରେ ଆୟୋଜିତ ଏହି ଶୋଭାଯାତ୍ରା ପାର୍କ ସର୍କସ ସଂଲଗ୍ନ ବାଂଲାଦେଶ ଡେପୁଟି ହାଇକମିଶନ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ବେକବାଗାନ ପରିସରରେ ବିଶାଳ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ହାଇ କମିଶନ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସ୍ତରରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା।

## ଜଳିଗଲା ୩ ଦୋକାନ

**କୋଲକାତା,୨୬।୧୨(ସଂଚାର ବ୍ୟୁରୋ):** ପୂର୍ବ ମେଦିନୀପୁରର ରାମନଗର ବଜାରରେ ଦୁଇଟି ମିଠା ଦୋକାନ ଏବଂ ଗୋଟିଏ ଷ୍ଟେସନାରୀ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନଗୁଡ଼ିକରେ କିପରି ନିଆଁ ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ, ପ୍ରାରମ୍ଭିକ ଭାବରେ ଅନୁମାନ କରାଯାଉଛି ଯେ, ସର୍ଟସର୍କିଟ୍ ଯୋଗୁଁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଦୀଘା ନିକଟସ୍ଥ ରାମନଗରର ବୋଲୋକବର ବଜାରରେ ଏକ ମିଠା ଦୋକାନରେ ନିଆଁ ଲାଗିଯାଇଥିଲା। ସେହି ଦୋକାନରେ ଥିବା ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ନିଆଁ ଆହୁରି ଗୁରୁତର ରୂପ ଧାରଣ କରିଥିଲା।

## ବହୁଭାଷୀ ଆଭାସୀ ଶୀତ କବିତା ଆସର

**କୋଲକାତା,୨୬।୧୨(ସଂଚାର ବ୍ୟୁରୋ):** ପବ୍ଲିଶିଂ ଏବଂ ମହୀୟସୀ ଲେଖିକା ମିଳିତ ଆନୁକୂଲ୍ୟରେ ବହୁଭାଷୀ ଆଭାସୀ ଶୀତ କବିତା ଆସର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ପ୍ରାୟ ୩୦ ଜଣ କବୟିତ୍ରୀ ଯୋଗ ଦେଇଥିଲେ। ବମ୍ବେ, ଦିଲ୍ଲୀ, ପଶ୍ଚିମବଙ୍ଗ, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱରରୁ ଲେଖିକାମାନେ ହିନ୍ଦୀ, ବଙ୍ଗଳା, ମରାଠୀ, ଇଂରାଜୀ, ଓଡିଆ ଭାଷାରେ କବିତା ପାଠ କରିଥିଲେ। ଏଥିରେ ଡଃ ମନୋରମା ବିଶ୍ୱାଳ ମହାପାତ୍ର, ମମତା ଦାଶ, ସୁଷମା ମିଶ୍ର, କମଳା ଶତପଥୀ, ଡ଼କ୍ଟର ଅରୁନ୍ଧତୀ ମହାନ୍ତି, ମୈତ୍ରେୟୀ କମିଳା, ଡଃ ପ୍ରଭାତ ନଳିନୀ ମହାପାତ୍ର, କଲ୍ୟାଣୀ ନନ୍ଦୀ, ବିଦ୍ୟୁତପ୍ରଭା ଗନ୍ତାୟତ, ସୁମିତ୍ରା ମିଶ୍ର ଆଦି କବିମାନେ ଯୋଗଦେଇ ଆସରକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଚାଳନା କରିଥିଲେ ଶୃତକୀର୍ତ୍ତି ତ୍ରିପାଠୀ ଏବଂ ଡଃ ସରୋଜିନୀ ପାଣି।

## ସାମ୍ବାଦିକ ପ୍ରଶାନ୍ତ ରାଉଳଙ୍କୁ 'ଭାରତ ଜ୍ୟୋତି' ସମ୍ମାନ



**କୋଲକାତା, ୨୬।୧୨ (ସଂଚାର ବ୍ୟୁରୋ):** କୋଲକାତାର ଓଡିଆ ସଂଗଠକ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ରାଉଳଙ୍କୁ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ବଡଦିନ ଅବସରରେ ପୁରୀର ଅର୍ଣ୍ଣପୁର୍ଣ୍ଣା ଥିଏଟର ହଲରେ ସମ୍ବର୍ଦ୍ଧିତ କରାଯାଇଛି। 'ଭାରତ ଜ୍ୟୋତି' ସମ୍ମାନରେ ତାଙ୍କୁ ଡଃ ଉପେନ୍ଦ୍ର କୁମାର ଶର୍ମା, ନାଟ୍ୟ କଳାକାର ତୁଷାରକାନ୍ତ ବେହେରା, ଶରତ ମହାନ୍ତି, ମୁଖ୍ୟ ଅତିଥି ପ୍ରସନ୍ନ ମିଶ୍ର, ଅରୁଣ କୁମାର ପାତ୍ର ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଶାନ୍ତ କୁମାର ରାଉଳ ଦୀର୍ଘ ୧୮ ବର୍ଷ ଧରି କୋଲକାତାରେ ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ପିତା ହୃଷୀକେଶ ରାଉଳ ଓ ମାତା ମଞ୍ଜୁଲତା ରାଉଳଙ୍କ ସନ୍ତାନ ପ୍ରଶାନ୍ତ କୁମାର ରାଉଳ କୋଲକାତାରେ ଏବେ ଜଣେ ସାମ୍ବାଦିକ ଭାବରେ ପରିଚିତ। ତାଙ୍କୁ ପ୍ରବାସୀ ଓଡିଆ ସମାଜ ପକ୍ଷରୁ ଅଭିନନ୍ଦିତ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜ୍ୟୋତ୍ସ୍ନାଙ୍କୁ...

କ୍ଷେତ୍ରରେ ଏସୀୟ ରେକର୍ଡ ସ୍ଥାପନ କରିବା ସହ ବିଶ୍ୱସ୍ତରରେ ପଦକ ଜିତି ସେ ରାଜ୍ୟ ପାଇଁ ଅପୂର୍ବ ଗୌରବ ଆଣିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ଆମ ଯୁବପିଢ଼ିର ଦୃଢ଼ ସଂକଳ୍ପ ଓ ଅସୀମ ସାମର୍ଥ୍ୟର ପ୍ରତିଫଳନ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ନିରନ୍ତର ସଫଳତା କାମନା କରୁଛି।

ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସାରା ଦେଶରୁ କେବଳ ୨୧ ଜଣ ଶିଶୁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଓଡ଼ିଶାରୁ ଜ୍ୟୋତ୍ସ୍ନା ଏକମାତ୍ର ଓଡ଼ିଆ। ଏଥିସହ ସେ ଏହି ପୁରସ୍କାର ପାଇବାରେ ଗଜପତି ଜିଲ୍ଲାରୁ ପ୍ରଥମ ଶିଶୁ ହୋଇଛନ୍ତି। ଜ୍ୟୋତ୍ସ୍ନା ଭାରୋତ୍ତୋଳନ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଗୌରବଜନକ ସଫଳତା ଅର୍ଜନ କରିଛନ୍ତି। ୨୦୧୯ରୁ ସେ ନିୟମିତ ଭାବେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ସୋସିଏଲ ସାଇନ୍ସ (କିସ୍)ରେ ଶିକ୍ଷା ଲାଭ ସହ କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନରେ ପ୍ରଶିକ୍ଷଣ ଗ୍ରହଣ କରିଆସୁଛନ୍ତି। ଜ୍ୟୋତ୍ସ୍ନାଙ୍କ ଏହି ସଫଳତାରେ ସମଗ୍ର ଗଜପତି ଜିଲ୍ଲା ଓ ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି।

### ପ୍ରଥମ...

ନାରାୟଣ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ରାୟଗଡ଼ା ପାଇଁ ବିରଜା ପ୍ରସାଦ ପାତ୍ର, କୋରାପୁଟ ପାଇଁ ପି. ସନ୍ୟାସୀ ରାଓ, ଜଗତସଂହପୁର ପାଇଁ ଶିବ ପ୍ରସାଦ ମାଝୀ, କେନ୍ଦୁଝର ପାଇଁ ସଞ୍ଜୟ କୁମାର ପାଇକରାୟ, ଅନୁଗୁଳ ପାଇଁ ଦିଲ୍ଲୀପ କୁମାର ଦାସ, ଦେବଗଡ଼ ପାଇଁ ସଚିକାନ୍ତ ଦାଶ, କେନ୍ଦ୍ରାପଡ଼ା ପାଇଁ ନେହୁର କୁମାର ସାହୁ, ସୁବର୍ଣ୍ଣପୁର ପାଇଁ ବିପିନ ବିହାରୀ ବିଦ୍ୟାଧର ଓ ଝାରସୁଗୁଡ଼ା ପାଇଁ ରାଜ କୁମାର ଶ୍ରୀୱାସଙ୍କୁ ନିଯୁକ୍ତି ଦେଇଛି ଆଇନ ବିଭାଗ।

### ୨ କୋଠା...

୪୦୫୦ ବର୍ଗଫୁଟ୍), ଭୁବନେଶ୍ୱରର ପ୍ରମୁଖ ସ୍ଥାନ ସହ ଜଗତସିଂହପୁର ସହର ଓ ସେମିଳିଗୁଡ଼ାରେ ମୋଟ ୭ଟି ଦାମୀ ପ୍ଲଟ୍ ରହିଥିବା ବେଳେ। ସେମିଳିଗୁଡ଼ାରେ ତାଙ୍କର ଗୋଟିଏ ଘର (ପ୍ରାୟ ୧୨୫୦ ବର୍ଗଫୁଟ୍) ବି ରହିଛି।

ତା'ଛଡ଼ା ତାଙ୍କ ଘରୁ ପ୍ରାୟ ୧ କିଲୋ ଓଜନର ସୁନା ଅଳଙ୍କାର ଜବତ କରାଯାଇଛି। ଘରୁ ମଧ୍ୟ ରୁପା ହାତୀ ସମେତ ଅନେକ ରୁପା ସାମଗ୍ରୀ ଜବତ ହୋଇଛି। ନଗଦ ୮ ଲକ୍ଷ ୭୦ ହଜାର ଟଙ୍କା ସହ କିଛି ବିଦେଶୀ ମୁଦ୍ରା ମଧ୍ୟ ଜବତ କରାଯାଇଥିବା ବେଳେ ଶ୍ରୀ ଶତପଥୀଙ୍କ ନାମରେ ନାମରେ ଗୋଟିଏ ଟାଟା ହାରିଅର୍ ଚାରିଚକିଆ ଗାଡ଼ି ଓ ୩ଟି ଦୁଇଚକିଆ ଗାଡ଼ି ରହିଛି। ସୂଚନାଯୋଗ୍ୟ, ଶ୍ରୀ ଶତପଥୀ ୧୯୮୮ ଜାନୁଆରୀ ୨୫ ତାରିଖରେ ମାତ୍ର ୬୨୫ ଟଙ୍କା ପ୍ରାରମ୍ଭିକ ମାସିକ ଦରମାରେ କୋରାପୁଟ ବନଖଣ୍ଡରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ଇତିମଧ୍ୟରେ ଚାକିରି ଜୀବନର ୩୭ ବର୍ଷ ମଧ୍ୟରେ ସେ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଚଢ଼ାଉ ପରେ ପ୍ରମାଣିତ ହୋଇଛି। ତେବେ ତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟାଙ୍କନ ଭିଜିଲାନ୍ସ ବୈଷୟିକ ବିଭାଗ ପକ୍ଷରୁ ଜାରି ରହିଛି। ଚଢ଼ାଉ ଜାରି ରହିଥିବାରୁ ତାଙ୍କ ନାମରେ ଆହୁରି ଅନେକ ସମ୍ପତ୍ତି ବାହାରିବାର ସମ୍ଭାବନା ରହିଛି।

### ମାନବ...

ହଜାର ବର୍ଷ ତଳେ ଏଠାକାର 'ରକ୍ ଆର୍ଟ' ବା ଶୈଳଚିତ୍ର ପ୍ରମାଣ ଦିଏ ଯେ ସେତେବେଳେ ମଧ ମଣିଷ କୌଣସି ନା କୌଣସି 'ଟୁଲ୍' ବ୍ୟବହାର କରି ନିଜର ଅଭିବ୍ୟକ୍ତିକୁ ପ୍ରକାଶ କରୁଥିଲା। ସେହି ଐତିହ୍ୟକୁ ଆଧାର କରି ଆଜିର ଆଧୁନିକତା ଶିଖର ଛୁଇଁବା ଦରକାର।

'ସମ୍ବେଦନଶୀଳତା' ହିଁ ଭିସୁଟ୍‌ର ମୂଳ ଚରିତ୍ର ଓ ଓଡ଼ିଶାକୁ ବିକଶିତ କରିବାର ଚାବିକାଠି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଖରେ ଅଛି। ଆଜିର ଟେକ୍ନୋଲୋଜି ଯୁଗରେ ଆମେ ସମ୍ବଲପୁରଠାରେ ଏକ 'କ୍ୱାଣ୍ଟମ ସେଣ୍ଟର'ର ପରିକଳ୍ପନା କରିଛୁ। ଭିସୁଟ୍ ହିଁ ଓଡ଼ିଶାର ନବନିର୍ମାଣର ପ୍ରକୃତ ମଞ୍ଜି। ଯଦି ଭିସୁଟ୍ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବ, ତେବେ ଏହି ଅନୁଷ୍ଠାନ ବିଶ୍ୱର ଅନେକ ଜଟିଳ ସମସ୍ୟାର ସମାଧାନ କେନ୍ଦ୍ର ପାଲଟିବ, ଏଥିରେ କୌଣସି ସନ୍ଦେହ ନାହିଁ। କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଏହି ଶିକ୍ଷାନୁଷ୍ଠାନ ପରିସରରେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୯ରେ...

ହଜାର ହଜାର କର୍ମୀ ଓ ନେତା। ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଓଇଆର୍‌ସି ସହମତିରେ ଟାଟା ପାୱାର ଏଏସ୍‌ଡି ସଂଗ୍ରହ କରୁଛି ବୋଲି ଆୟୋଗର ବରିଷ୍ଠ ପଦାଧିକାରୀଙ୍କ ସହ ଆଜି ଶ୍ରୀ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଆଲୋଚନା କରିବା ପରେ ଏ ସଂକ୍ରାନ୍ତରେ ଆଜିର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିସହ କଂଗ୍ରେସର ବରିଷ୍ଠ ନେତାମାନେ ରାଜ୍ୟ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି।

ଏଥିସହ ଶ୍ରୀ ଦାସ ଟାଟା ପାୱାର୍ ତୁରନ୍ତ ଏଏସ୍‌ଡି ବାବଦ ନୋଟିସ୍ ପ୍ରତ୍ୟାହାର କରିବା ସହ ଚାଷୀମାନଙ୍କୁ ମାଗଣାରେ ବିଦ୍ୟୁତ୍ ଦେବା ସକାଶେ ଦାବି କରିଛନ୍ତି। ସେ କହିଛନ୍ତି ଯେ ବାହାର ରାଜ୍ୟରେ ଚାଷୀମାନଙ୍କୁ ମାଗଣା ବିଜୁଳି ଦିଆଯାଉଛି। କିନ୍ତୁ ଓଡ଼ିଶାରେ କାହିଁକି ରାଜ୍ୟ ସରକାର ଏନେଇ ପଦକ୍ଷେପ ନେଉନାହାନ୍ତି। ଏପରି ଏକ ନିଷ୍ପତ୍ତି ଦ୍ୱାରା ସରକାର ରାଜ୍ୟରେ ଏକ କୋଟି ୨୫ ଲକ୍ଷ ଲୋକଙ୍କ ଦୁଃଖ ଦୂର କରିପାରିବେ। ପଞ୍ଜାବ ଓ ଦିଲ୍ଲୀ ଭଳି ରାଜ୍ୟ ବିଦ୍ୟୁତ୍ କିଣିବା ସତ୍ତ୍ୱେ ଯଦି ଚାଷୀମାନଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେଉଛନ୍ତି, ତା'ହେଲେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବା ବେଳେ ଏହାକୁ ମାଗଣାରେ ଦେଇପାରୁନାହିଁ, ଏହା ପଛରେ କେବଳ ଆନ୍ତରିକତାର ଅଭାବ ଏକମାତ୍ର କାରଣ ହୋଇପାରେ। ଓଡ଼ିଶାରେ ଶିଳ୍ପପତିଙ୍କୁ ବିଦ୍ୟୁତ୍ କ୍ଷେତ୍ରରେ ସବ୍‌ସିଡି ଦିଆଯାଉଛି, କିନ୍ତୁ କୃଷିଭିତ୍ତିକ ଶିଳ୍ପ, ହ୍ୟାଣ୍ଡଲୁମ୍ ଶିଳ୍ପ, କୁଟୀର ଶିଳ୍ପକୁ ଏଥିରୁ କାହିଁକି ବଞ୍ଚିତ କରାଯାଉଛି। ଯଦି ମାଗଣାରେ ବିଜୁଳି ପ୍ରଦାନ କରାଯାଇନାହିଁ, ତା'ହେଲେ ଅଧିକ କୋଇଲା କାହିଁକି ଉତ୍ପାଦନ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏଥିସହ ଦଳ ପକ୍ଷରୁ ଆଗତ ଉପରୋକ୍ତ ଦାବି ପୂରଣ ଦିଗରେ ତୁରନ୍ତ ସରକାର ପଦକ୍ଷେପ ନ ନେଲେ, ପୂର୍ବ ଘୋଷଣା ଅନୁସାରେ ଦଳ ୨୯ ତାରିଖରେ ପ୍ରତି ବ୍ଲକ୍, ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଦଳ ପକ୍ଷରୁ ପଞ୍ଜାବ, ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ୩ ଶହ ୟୁନିଟ ବିଜୁଳି ମାଗଣାରେ ରାଜ୍ୟ ସରକାର ପ୍ରଦାନ କରନ୍ତୁ, ନିର୍ବାଚନ ପୂର୍ବରୁ ବିଜେପି ଘୋଷଣା କରିଥିବା ୩ ଶହ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା ପ୍ରଦାନ ଦିଗରେ ପଦକ୍ଷେପ ନେବା ସକାଶେ ଦାବି କରାଯାଇଛି। ଏଥିସହ ଟାଟା ପାୱାର୍‌ର ଏଏସ୍‌ଡିକୁ ଜିଜିଆ କର ସହ ତୁଳନା କରିଛନ୍ତି ଶ୍ରୀ ହରିଚନ୍ଦନ କହିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ କମ୍ପାନୀ ପ୍ରୀତି ପାଇଁ ଗ୍ରାହକଙ୍କ ଜମା ରାଶି ବାବଦ ସୁଧର ପରିମାଣ ସାଢ଼େ ୬ ପ୍ରତିଶତ ହୋଇଥିବା ବେଳେ କମ୍ପାନୀ କାହିଁକି ଉପଭୋକ୍ତାଙ୍କ ବକେୟା ବାବଦ ଦେୟ ୧୫ ପ୍ରତିଶତ ଗଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସବୁବେଳେ ଲୋକଙ୍କ ସହ ରହିଛି ଓ ଏଏସଡି ପ୍ରସଙ୍ଗରେ ମଧ୍ୟ ଗ୍ରାହକଙ୍କ ସହ ରହିବ ବୋଲି ଶ୍ରୀ କାନୁନଗୋ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଉତ୍ତରାଧିକାରୀ...

ପଟ୍ଟନାୟକ ପରାମର୍ଶ ଦେବା ସହ ରାଜନୀତିରେ ହାର୍‌ଜିତ୍ ଲାଗିରହିଛି ଏବଂ ଦଳକୁ ନେଇ ସୃଷ୍ଟି ହେଉଥିବା ଗୁଜବ ପ୍ରତି କେହି ବି କର୍ଣ୍ଣପାତ ନ କରିବା ଉଚିତ ବୋଲି କହିଛନ୍ତି।

ସେ କହିଛନ୍ତି ଯେ ଗତ ୨୦୨୪ ନିର୍ବାଚନରେ ଦଳର ପରାଜୟ ପରେ ଏହା କ୍ରମଶଃ ଦୁର୍ବଳ ହେଉଛି ଓ କିଛି ଦିନ ଭିତରେ ଏହା ଭୁଶୁଡ଼ି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏହାକୁ କଦାପି ଗୁରୁତ୍ୱ ଦେବା ଅନୁଚିତ। ସମସ୍ତେ ମନେ ରଖିବା ଉଚିତ ଯେ ବିଜେଡି ଓଡ଼ିଶାବାସୀଙ୍କ ଦଳ। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶାଆକାଂକ୍ଷା ଓ ସ୍ୱାଭିମାନ ସହ ବିଜେଡି ଜଡ଼ିତ ରହିଆସିଛି। ଆଗାମୀ ଦିନରେ ମଧ୍ୟ ଏହା ଜନସାଧାରଣଙ୍କ ଆସ୍ଥାଭାଜନ ହେବ ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ଶ୍ରୀ ପଟ୍ଟନାୟକ ବିଜେଡିକୁ ଏକ ସଫଳ ଆଞ୍ଚଳିକ ଦଳ ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ୧୯୯୭ରୁ ଦଳ ବିଜୁବାବୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରିଆସିଛି। ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି କ୍ଷମତାରେ ରହିବା ଅମଳରେ ରାଜ୍ୟର ଯଥେଷ୍ଟ ବିକାଶ ହୋଇଛି। ବିଜେଡି ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ସଫଳତାପୂର୍ବକ ଲଢ଼େଇ କରିଛି। ଓଡ଼ିଶାକୁ ନୂଆ ଏହି ଦଳ ପରିଚୟ ଦେବାରେ ସକ୍ଷମ ହୋଇଛି। ମା'ମାନଙ୍କୁ ସଶକ୍ତ କରିବା ସହ ଦଳ ଚାଷୀଙ୍କ ରୋଜଗାର ବୃଦ୍ଧି କରିଛି। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟସେବାର ସୁଫଳ ରାଜ୍ୟବାସୀ ପାଇଛନ୍ତି। ରାଜ୍ୟକୁ ପୁଞ୍ଜିନିବେଶକଙ୍କ ସୁଅ ଛୁଟିଥିଲା। ଯୁବ ସମାଜକୁ ମଧ୍ୟ ଆଶାନୁପାତରେ ନିଯୁକ୍ତି ମିଳିଥିଲା। ଓଡ଼ିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିସହ ବର୍ତ୍ତମାନର ବିଜେପି ସରକାରକୁ ସମାଲୋଚନା କରିବାକୁ ଯାଇ ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ ହଜିଯାଇଛି। ଏବେ ନା ଚାଷୀକୁ ସାର ମିଳୁଛି ନା ଚାଷୀମାନେ ମଣ୍ଡିରେ ସେମାନଙ୍କ ଧାନ ବିକିପାରୁଛନ୍ତି। ମିଶନ ଶକ୍ତି ମା'ମାନେ ହଇରାଣ ହରକତ ହେଉଛନ୍ତି। ନିଯୁକ୍ତି ଅଭାବରୁ ଯୁବ ସମାଜ ଆଜି ହତାଶ। ଗତ ୧୮ ମାସରେ ୧୮ରୁ ଊର୍ଦ୍ଧ୍ୱ ଥର ନିଯୁକ୍ତି ପରୀକ୍ଷାପ୍ରଶ୍ନ ପ୍ରଘଟ ହୋଇସାରିଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ପୂରାପୂରି ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପହଞ୍ଚିଗଲାଣି। ବିଶେଷକରି ମହିଳାଙ୍କ ଉପରେ ଅତ୍ୟାଚାର ଓ ନିର୍ଯାତନା ଘଟଣା ଥମିବାର ନାଁ ଧରୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟରେ ସରକାର ଚାଲୁଥିବା ପରି ମନେ ହେଉନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ଶ୍ରୀ ପଟ୍ଟନାୟକ ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବେ ବର୍ଣ୍ଣନା କରି ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର ବୋଲି କହିଛନ୍ତି। ବିକାଶ ବିଜେଡିର ପରିଚୟ ହୋଇଥିବା ବେଳେ ଦଳର ଯୁବବନ୍ଧୁମାନେ ସୋସିଆଲ୍ ମିଡିଆରେ ସକ୍ରିୟ ରହିବା ସହ ଦଳ ବିରୋଧରେ ଚାଲିଥିବା ଅପପ୍ରଚାରର ଉଚିତ ମୁକାବିଲା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ରାଜନୀତିରେ ଧୈର୍ଯ୍ୟର ଯଥେଷ୍ଟ ଗୁରୁତ୍ୱ ରହିଥିବାରୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

### ଚାଷୀଙ୍କ...

ସ୍ୱଚ୍ଛତାର ସହ ଚାଲିବ। ଏଥିରେ ଅବହେଳା ହେଲେ ନିଶ୍ଚିତ ଭାବେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଧାନ ସହ ଅଣଧାନ ଫସଲରେ ମଧ୍ୟ ଚାଷୀମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଉପରେ ଆଲୋଚନା ଚାଲିଛି। କାରଣ ରାଜ୍ୟରେ ଫସଲର ବିବିଧକରଣ ଉଦ୍ଦେଶ୍ୟରହିଛି। ଚାଷୀମାନେ କେବଳ ଧାନ ଚାଷ ନ କରି ଡାଲି ଓ ତୈଳବୀଜ ଜାତୀୟ ଫସଲ କରିବା ଦରକାର। ମାଣ୍ଡିଆ ଚାଷ ବି ସେମାନେ କରିବାର ଆବଶ୍ୟକତା ରହିଛି। ଏଥିରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବ ଓ ଆଗାମୀ ଦିନରେ ରାଜ୍ୟ ସରକାର ଆହୁରି ଅଧିକ ସହାୟତା ଦେବା ପାଇଁ ଚିନ୍ତା କରୁଛନ୍ତି। ଏସବୁ ଚାଷ ଦ୍ୱାରା ଦେଶର ୩ଟି ଫାଇଦା ହେବ। ପ୍ରଥମତଃ ଏହିସବୁ ଶସ୍ୟ, ବିଶେଷକରି ଡାଲି ଓ ତେଲ ଜାତୀୟ ଶସ୍ୟ ସକାଶେ ଆଉ ରାଜ୍ୟ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କାରଣ ଆମ ରାଜ୍ୟର ଚାଷୀମାନେ ଏହି ଫସଲ ମାଧ୍ୟମରେ ରାଜ୍ୟ ସହ ଦେଶକୁ ଏ କ୍ଷେତ୍ରରେ ଆତ୍ମନିର୍ଭର କରିବେ। ସେହିପରି ଦ୍ୱିତୀୟତଃ ପୁଷ୍ଟି ସୁରକ୍ଷା ସମ୍ଭବପର ହୋଇପାରିବ। ପୁଷ୍ଟିହୀନତା ଦେଶର ଏକ ମୁଖ୍ୟ ସମସ୍ୟା ଭାବେ ରହିଆସିଥିବାରୁ ମିଲେଟ୍ ବା ମାଣ୍ଡିଆ ଜାତୀୟ ଶସ୍ୟର ଅଧିକ ଆବଶ୍ୟକତା ରହିଛି। ବିଭିନ୍ନ ପ୍ରକାରର ଡାଲି ଜାତୀୟ ଖାଦ୍ୟଶସ୍ୟ ମଧ୍ୟ ଜରୁରୀ। ତେଣୁ ଏହାଦ୍ୱାରା ପୁଷ୍ଟି ସୁରକ୍ଷା ହାସଲ କରିବାରେ ସହାୟତା ମିଳିବ। ତୃତୀୟତଃ ଚାଷୀମାନଙ୍କର ମଧ୍ୟ ଏହାଦ୍ୱାରା ରୋଜଗାର ବଢ଼ିପାରିବ, ଯାହାକି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବ।

ଧାନ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା ଦେବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ୍ମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ରାଜ୍ୟରେ ୧,୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ କରାଯାଇଛି ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କା ସିଡ୍ ମନି ବା ମୂଳଧନ ମଧ୍ୟ ଦିଆଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକୁ ୱାନ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଚାଷୀମାନେ ଗୋଟିଏ ସ୍ଥାନରେ ସବୁପ୍ରକାର ସୁବିଧା ପାଇପାରିବେ। ୧୫ ଲକ୍ଷ ହେକ୍ଟର ଜମିକୁ ଆଗାମୀ ତିନି ବର୍ଷରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏଥିସହ କାନପୁର ଜଳସେଚନ ପ୍ରକଳ୍ପ ଆଉ ମାତ୍ର ୨ରୁ ୩ ମାସରେ ଉଦ୍‌ଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କୃଷକଙ୍କ ହିତ ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ। ଜାନୁଆରୀ ୧୦ ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଧାନକିଣା ଆରମ୍ଭ ହେବ। ଗତ ବର୍ଷ ପ୍ରାୟ ୨୦ ଲକ୍ଷ ଚାଷୀ ୭ ହଜାର କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ପାଇଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ଆହୁରି ବଢ଼ିବାର ଆଶା କରାଯାଉଛି। ଏଥିସହ ଚାଷ ପାଇଁ ଅନେକ ଯୋଜନା ମଧ୍ୟ ରହିଛି। ଜନକଲ୍ୟାଣ କ୍ଷେତ୍ରରେ ଆମର ଯେଉଁ ଯୋଜନା ରହିଛି ସେଥିରେ ଅଧିକାଂଶ ସୁବିଧା ଚାଷୀମାନେ ପାଉଛନ୍ତି। ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ଯେଉଁ ୧୦ ହଜାର ଟଙ୍କା ଦିଆଯାଉଛି, ସେଥିରେ ଅଧିକାଂଶ ହେଉଛନ୍ତି ଚାଷୀ ପରିବାରର। ଏଥିସହ ପିଏମ କିଷାନ ଓ ସିଏମ କିଷାନ ମିଶି ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି। ଏଥିସହ ଚାଷୀମାନଙ୍କ ପିଲାଙ୍କୁ ମଧ ଉଚ୍ଚଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଉଛି। ଏହିପରି ସବୁ ସହାୟତା ମିଶାଇଲେ ଚାଷୀ ପରିବାରମାନଙ୍କୁ ବର୍ଷକୁ ପ୍ରାୟ ୬୦ ହଜାର ଟଙ୍କା ଅଧିକ ରୋଜଗାର ହେଉଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

### ମିଳିବ...

ପକ୍ଷରୁ ବସ୍ ରୁଟ ଓ ଟାଇମିଂରେ ସଂଶୋଧନ କରାଯିବ। ସଂଶୋଧିତ ରୁଟ୍‌ରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ମାଗଣା ବସ୍ ସେବା ପାଇବା ସକାଶେ ସର୍ବାଧିକ ସ୍କୁଲ ଥିବା ରାସ୍ତାକୁ ସାମିଲ କରାଯିବ ବୋଲି କୁହାଯାଇଛି।

### ଓଡ଼ିଶା...

ଇତିହାସ ରଚିବାକୁ ଯାଉଛନ୍ତି। କାରଣ ଶ୍ରୀମତୀ ଗର୍ଗ ହେବେ ଓଡ଼ିଶା ଶାସନରେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ। ଓଡ଼ିଶା ପ୍ରଶାସନରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା, ଦକ୍ଷତା, ସଚ୍ଚୋଟତାକୁ ପରଖି ମୋହନ ସରକାର ତାଙ୍କ ଉପରେ ଭରସା ପ୍ରକଟ କରିଛନ୍ତି। ଚତୁର୍ଥ କ୍ଷମତା କେନ୍ଦ୍ର ହେଉଛନ୍ତି ୨୦୦୬ ବ୍ୟାଚ୍‌ର ଆଇଏଏସ୍ ଅଫିସର ରୂପା ରୋଶନ ସାହୁ। ଶ୍ରୀମତୀ ସାହୁ ଏବେ ରାଜ୍ୟପାଳଙ୍କ ସଚିବ ପଦବୀରେ ରହିଛନ୍ତି। ରାଜ୍ୟପାଳଙ୍କ ସଚିବ ଦାୟିତ୍ୱ ତୁଲାଇବାରେ ଶ୍ରୀମତୀ ସାହୁ ହେଉଛନ୍ତି ପ୍ରଥମ ମହିଳା ଅଫିସର। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଏବଂ ଦକ୍ଷିଣାଞ୍ଚଳ ଆରଡିସି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ କାର୍ଯ୍ୟ କରିସାରିଛନ୍ତି। ଶ୍ରୀମତୀ ସାହୁଙ୍କ ଦକ୍ଷତା ଉପରେ ଭରସା କରି ତାଙ୍କୁ ରାଜଭବନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିଯୁକ୍ତି ମିଳିଛି। ରାଜ୍ୟର ଏହି ସର୍ବୋଚ୍ଚ ୪ଟି ପଦବୀରେ ମହିଳାଙ୍କୁ ଦାୟିତ୍ୱ ଦେଇ ମୋହନ ସରକାର ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି, ତାହା ଏବେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନେକ ରାଜ୍ୟ ପାଇଁ ଓଡ଼ିଶା ଏ କ୍ଷେତ୍ରରେ ଉଦାହରଣ ହେବାକୁ ଯାଉଥିବା ବେଳେ ମହିଳା ପ୍ରସଙ୍ଗରେ ମୋହନ ସରକାର ବିରୋଧୀଙ୍କ ମୁହଁରେ ବି ଏକପ୍ରକାର ତୁଣ୍ଡି ଦେବାରେ ସଫଳ ହୋଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ବିତର୍କ...

ସେ କହିଛନ୍ତି ଯେ ବିଜେଡି ଚାଷୀଙ୍କୁ ୧୦୦ ଟଙ୍କା ବି ଦେଇପାରିଲାନି। କିନ୍ତୁ ଆମେ କ୍ଷମତାକୁ ଆସିବାର କେଇ ଦିନ ଭିତରେ ଏ ବାବଦରେ ୮୦୦ ଟଙ୍କା ଦେଲୁ। ସେହିପରି ମହିଳାକୁ ବର୍ଷକୁ ୧୦ ହଜାର ଟଙ୍କା ଦେଉଛୁ। ନବୀନ ଯଦି କହୁଛନ୍ତି ଯେ ବିଜେଡି ଲୋକଙ୍କ ହୃଦୟରେ ଅଛି, ତା'ହେଲେ ଛବିରାଣି ଓ ବେବିନା ହୃଦୟରେ କାହିଁକି ରହିପାରିଲେନି ବୋଲି ପ୍ରଶ୍ନ କରିଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ ବିଜେପି କେବେ ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରିନି। ସେମାନଙ୍କ ନେତା ଆମ ଯୋଗାଯୋଗରେ ଅଛନ୍ତି। ତା'ହେଲେ ଆମେ କ'ଣ କରିବୁ। କ୍ଷମତା ହେଉଛି ଫେବିକଲ୍। ଯାହା ଚାଲିଗଲେ ସବୁ ଭାଙ୍ଗିଯାଏଁ। ସେମାନେ ତାଙ୍କ ନେତା ଓ କର୍ମୀଙ୍କୁ ବିଶ୍ୱାସ ଦିଅନ୍ତୁ। ନବୀନ ସବୁବେଳେ ନେତାଙ୍କୁ ମାରିଛନ୍ତି। କେବେ କାହାକୁ ତିଆରି କରିନାହାନ୍ତି, ଏହାକୁ ସେ ମନେ ରଖିବା ଉଚିତ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ବିଲ ମଝିରୁ ଅଚିହ୍ନା କଙ୍କାଳ ଉଦ୍ଧାର



**ଯାଜପୁର, ୨୬।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ ଆଜି ସକାଳେ ଘଟିଥିବା ଏକ ରହସ୍ୟମୟ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏକ ବିଲ ମଝିରୁ ଉଦ୍ଧାର ହୋଇଥିବା ପରିତ୍ୟକ୍ତ ଅଚିହ୍ନା କଙ୍କାଳ ଘଟଣାକୁ କେନ୍ଦ୍ର କରି ଆତଙ୍କ ଓ ସନ୍ଦେହର ପରିବେଶ ଛାଇଯାଇଛି। ସୂଚନା ଅନୁଯାୟୀ, ବାଛଳ ପଞ୍ଚାୟତ ଅନ୍ତର୍ଗତ ବନଦେବପୁର ଗ୍ରାମର ବାସିନ୍ଦା ଶ୍ରୀଧର ମଲ୍ଲିକ ପ୍ରାୟ ଦୁଇ ମାସ ଧରି ନିଖୋଜ ଥିଲେ। ଆଜି ସକାଳେ ତାଙ୍କ ଘରଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଏକ ବିଲ ମଝିରୁ ମିଳିଥିବା କଙ୍କାଳଟି ଶ୍ରୀଧରଙ୍କର ହେବା ସମ୍ଭାବନା ନେଇ ପରିବାର ସଦସ୍ୟମାନେ ଗଭୀର ସନ୍ଦେହ ପ୍ରକାଶ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଶ୍ରୀଧରଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇପାରୁ ନାହିଁ। ନିଖୋଜ ହେବା ପରେ ଏଭଳି ଅବସ୍ଥାରେ ବିଲ ମଝିରୁ କଙ୍କାଳ ମିଳିବା ଘଟଣା ସନ୍ଦେହକୁ ଆହୁରି ଗାଢ଼ କରିଛି। ଘଟଣା ସମ୍ପର୍କରେ ଖବର ପାଇ ବିଞ୍ଝାରପୁର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଁଚି ସାଇଣ୍ଟିଫିକ ଟିମର ସହଯୋଗରେ ତଦନ୍ତ ଆରମ୍ଭ କରିଛି।

### ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ

# କୁଲଡିହା ଅଫିସ ଆଗରେ ଗଣଧାରଣା

**ନୀଳଗିରି, ୨୬।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜରଙ୍କ ଅଫିସ ଆଗରେ ଦୁଇ ଦଫା ଦାବୀରେ ଗଣଧାରଣା ଦିଆଯାଇଥିଲା।

ସୂଚନା ଯୋଗ୍ୟ ଗତ ୧୩ ତାରିଖରେ କିଶୋରଚନ୍ଦ୍ରପୁର ପଞ୍ଚାୟତର କଇମହୁଡ଼ି ଗ୍ରାମର ମକରା ସୋରେନକୁ ଜଙ୍ଗଲରେ ଗୟଳ ମାରିଦେଇ ଥିଲା । ଉକ୍ତ ଘଟଣାକୁ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ କ୍ଷତିପୂରଣ ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ। ତତ୍‌ସହିତ ବିଭାଗୀୟ ଅଧିକାରୀମାନେ କୌଣସି କାରଣ ନ ଥାଇ ନିରୀହ ଶାନ୍ତିକାମୀ ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଯାହାକି




ଆଦିବାସୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ମକରା ସୋରେନ ପରିବାରକୁ କ୍ଷତି ପୂରଣ ଦେବା ସହିତ ଆଦିବାସୀମାନଙ୍କ ଉପରେ ରେଞ୍ଜରଙ୍କ ଅତ୍ୟାଚାର ବନ୍ଦ କରିବା ପାଇଁ ଆଜି ଗଣଧାରଣାର ମୁଖ୍ୟ ପ୍ରସଙ୍ଗ ଥିଲା। ଉକ୍ତ ଧାରଣାରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ।

ପ୍ରଥମେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ଶ୍ରୀ ପାତ୍ର ଡବଲ ଇଞ୍ଜିନ ସରକାରର ଜନବିରୋଧି ନୀତି ବିରୁଦ୍ଧରେ ଉପସ୍ଥିତ ଜନତାଙ୍କୁ କହିବା ସହିତ ରେଞ୍ଜରଙ୍କ ମନମାନି କାର୍ଯ୍ୟକୁ ସମାଲୋଚନା କରିଥିଲେ। ମୃତ ମକରା ସୋରେନ ପରିବାରକୁ କ୍ଷତି ପୂରଣ ପୂରଣ ଦେବା ପାଇଁ ପ୍ରଶାସନ ଠାରେ ଦାବି କରିଥିଲେ। ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସହିତ ରେଞ୍ଜର ସୁବ୍ରତ ବେହେରା ଓ ତାଙ୍କର ସମସ୍ତ କର୍ମଚାରୀ ଧାରଣାସ୍ଥଳକୁ ଆସି ଉପସ୍ଥିତ ସମସ୍ତ ନେତୃତ୍ୱଙ୍କ ସହ ଆଲୋଚନା କରିଥିଲେ। ମୃତ ମକରା ସୋରେନଙ୍କ ପରିବାରକୁ ପନ୍ଦର ଦିନ ଭିତରେ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତଥସହିତ ଜଙ୍ଗଲ ଆଇନ୍ ଉପରେ ଅଭୟାରଣ୍ୟରେ ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରି ଜନଗଣ ଓ ବନ ବିଭାଗ ଭିତରେ ଭାଇଚାରା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ନକଲି ହାତୀଦାନ୍ତ ପ୍ରସ୍ତୁତ ଘଟଣା**

## ପୁଣି ୩ ଶିକାରୀ ଗିରଫ



**ନୀଳଗିରି, ୨୬।୧୨ (ସଂଚାର ବ୍ୟୁରୋ):** କୁଲଡିହା ଜଙ୍ଗଲରେ ପୋତା ଯାଇଥିବା ମୃତ୍ୟୁ ହାତୀ ହାଡ଼ରୁ ନକଲି ହାତୀଦାନ୍ତ ପ୍ରସ୍ତୁତ ଘଟଣାରେ ଆଜି ପୁଣି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଗିରଫ ସଂଖ୍ୟା ୨୫କୁ ଛୁଇଁଛି। ସେମାନଙ୍କ ଠାରୁ ହାତୀର ତିନି ଗୋଟି କଳ ଦାନ୍ତ ଉଦ୍ଧାର କରାଯାଇଛି ଯାହାର ଆନୁମାନିକ ଓଜନ ୧୫ କି:ଗ୍ରା ହେବ ବୋଲି ଜଣା ପଡ଼ିଛି। ଜୈନିକ ୩ ଅଭିଯୁକ୍ତଙ୍କ ଘର କୁଲଡିହା-ସୋର ରେଞ୍ଜ ଅଧିନ ମଙ୍ଗଳପୁର ଅଞ୍ଚଳର ହୋଇଥିବା ବେଳେ ତଦନ୍ତକୁ ମଜବୁତ କରିବା ପାଇଁ ନାମ ଗୋପନ ରଖାଯାଇଥିବା କଥା ବାଲେଶ୍ୱର ଏସିଏଫ ଦିଗନ୍ତ ଶୋଭନ ଚାନ୍ଦ ପ୍ରକାଶ କରିଛନ୍ତି। ସେମାନଙ୍କ ନାମରେ ୧୫/୨୦୨୫ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତା ଶନିବାର ଦିନ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

## ହାଟରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବଟି ଆଦାୟକୁ ନେଇ ଉତ୍ତେଜନା

**ଯାଜପୁର, ୨୬।୧୨ (ସଂଚାର ବ୍ୟୁରୋ):** ଯାଜପୁରର ବହୁ ପ୍ରାଚୀନ ଓ ଐତିହାସିକ ବିରଜା ଆମ୍ରେଶ୍ୱର ହାଟରେ ନିର୍ଦ୍ଦିଷ୍ଟ ଗୋଷ୍ଠି ଦ୍ୱାରା ବଟି ଆଦାୟ ଅଭିଯୋଗକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ହାଟ ସ୍ଥାନାନ୍ତରକୁ ବିରୋଧ କରି ବ୍ୟବସାୟୀମାନେ ହାଟକୁ ପୁନର୍ବାର ମୂଳ ସ୍ଥାନକୁ ଫେରାଇ

**ଥାନାରେ ଏତଲା, ତଦନ୍ତ ଜାରି**

ଆଣିଥିବା ବେଳେ, ସେହି ବ୍ୟବସାୟୀ ଓ ଚାଷୀମାନଙ୍କ ଠାରୁ ବଟି ଆଦାୟ କରାଯାଉଥିବା ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ପୂର୍ବରୁ ବିଜେଡି ସହ ସଂପୃକ୍ତ ଥିବା କିଛି ଛଦ୍ମବେଶୀ ବିଜେପି ନେତା ହାଟରେ ଆତଙ୍କରାଜ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଗତକାଲି ବିଜେପି ଯାଜପୁର ନଗର ସମ୍ପାଦକ ବବଲୁଙ୍କ ନେତୃତ୍ୱରେ ଏକ ମିଟିଂ ସମ୍ପର୍କିତ ଲିଫଲେଟ୍ ବାଣ୍ଟୁଥିବା ଜଣେ ମହିଳାଙ୍କୁ ଆଜି ବଟି ଆଦାୟ ଟିମର ସଞ୍ଜୟ ସାହୁ ଅଶ୍ଳୀଳ ବ୍ୟବହାର



କରିଥିବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ପଚାରିବାକୁ ଯାଇଥିବା ବେଳେ ବିଜେପି ନଗର ସମ୍ପାଦକ ବବଲୁଙ୍କୁ ସଞ୍ଜୟ ସାହୁ ତାଙ୍କର ଧର୍ମ ଓ ସଂଖ୍ୟାଲଘୁ ସାମ୍ପ୍ରଦାୟକୁ ନେଇ ଅପମାନଜନକ ଟିପ୍ପଣୀ କରିଥିବା ସହ ହିନ୍ଦୁ–ମୁସଲିମ ଦଙ୍ଗା ଘଟାଇଦେବା ଧମକ ଦେଇଥିବା ନେଇ ବବଲୁ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି।

ଅନ୍ୟପକ୍ଷରେ, ସଞ୍ଜୟ ସାହୁ ମଧ ଘଟଣା ସମ୍ପର୍କରେ ପୃଥକ ଏକ ଅଭିଯୋଗ ଥାନାରେ ଦାଖଲ କରିଛନ୍ତି। ଉଭୟପକ୍ଷର ଏତଲା ଗ୍ରହଣ କରି ପୋଲିସ ତଦନ୍ତ ଆରମ୍ଭ କରିଛି ଏବଂ ଘଟଣାର ସତ୍ୟାସତ୍ୟ ଯାଞ୍ଚ ଚାଲିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ହାଟର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ହାଟର ସୁରକ୍ଷା ଓ ନିରବିଘ୍ନ ବ୍ୟବସାୟ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ଉଠିଛି।

## ଦନ୍ତ ଡାକ୍ତରଙ୍କୁ ମିଳୁଛି ମାନସିକ ଯନ୍ତ୍ରଣା

### ମିଳିଲା ନାହିଁ ସୁରକ୍ଷା, ଛାଡ଼ିଲେ ମେଡ଼ିକାଲ୍

**ଆନନ୍ଦପୁର, ୨୬।୧୨(ସଂଚାର ବ୍ୟୁରୋ):** ଯେଉଁମାନେ ଡାକ୍ତରଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଥିବା ବେଳେ କିଛି ସ୍ଥାନରେ ଡାକ୍ତରଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ହୋଇଛି। ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦନ୍ତ ବିଭାଗରେ ଥିବା ଡ଼ାକ୍ତର ସୌଭାଗ୍ୟ ରଞ୍ଜନ କରଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଉକ୍ତ ମେଡ଼ିକାଲ୍‌ରେ ଥିବା ମେଡ଼ିକାଲ୍ ଅଫିସରଙ୍କ କଥା ଭୁଲ୍ ହେଉ ଅବା ଠିକ୍ ହେଉ ଯିଏ ନ ମାନିଚି ସେ କୁଆଡ଼େ ମେଡ଼ିକାଲ୍‌ରୁ ବିଦା ହୋଇଛି। ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଦନ୍ତ ଡ଼ାକ୍ତର ଶ୍ରୀ କର କହିଛନ୍ତି ମୁଁ ଡିଉଟି କରୁଛି। ହେଲେ ମୁଁ ଡିଉଟି କରୁନାହିଁ ବୋଲି ମେଡ଼ିକାଲ୍ ଅଫିସର୍ କହୁଛନ୍ତି। ଏବଂ ଉଦ୍ଦେଶ୍ୟ ମୂଳକ ଭାବେ ମୋ ଉପରେ ଆରୋପ ଲଗାଯାଇଛି। ଏ ଘଟଣାରେ ମୁଁ କେନ୍ଦୁଝର ସିଡିଏମଓଙ୍କୁ ଦୁଇ ମାସ




ପୂର୍ବେ ଜଣାଇଥିଲି। ସେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏ ସଂପର୍କରେ କେନ୍ଦୁଝର ସିଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି ଏ ବିଷୟରେ ମୁଁ ଅବଗତ ଅଛି କାର୍ଯ୍ୟ ବ୍ୟସ୍ତତା ଭିତରେ ରହି ଏହାର ତଦନ୍ତ କରାଯାଇ ନାହିଁ। ଖୁବ୍ ଶୀଘ୍ର ଏକ ଟିମ୍ ଗଠନ କରି ଏହାର ତଦନ୍ତ କରାଯାଇ ସମସ୍ୟା ସମାଧାନ କରାଯିବ। ତେବେ ଦେଖିବାକୁ ବାକି ରହିଲା ଲୋକଙ୍କୁ ସଠିକ୍ ସେବା ଯୋଗାଉଥିବା ଡ଼ାକ୍ତର ଶ୍ରୀ କର ନ୍ୟାୟ ପାଉଛନ୍ତି କି ନାହିଁ।

ଏପଟେ ଅଞ୍ଚଳବାସୀ ଡାକ୍ତର ଶ୍ରୀ କରଙ୍କୁ ସମର୍ଥନ କରି ପୁନର୍ବାର କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଦିଅନ୍ତୁ ବୋଲି ଦାବି କରିଛନ୍ତି।

● **ନିଶାଗ୍ରସ୍ତ ସ୍ୱାମୀର ଉନ୍ମୁକ୍ତ କାଣ୍ଡ**

## ମାଂସ ପାଇଁ ଟଙ୍କା ନଦେବାରୁ ସ୍ତ୍ରୀକୁ ପିଟି ପିଟି ମାରିଦେଲା

**ବାରିପଦା, ୨୬।୧୨ (ସଂଚାର ବ୍ୟୁରୋ):** ନିଶାଗ୍ରସ୍ତ ସ୍ୱାମୀର ଉନ୍ମୁକ୍ତ କାଣ୍ଡ । ଗତକାଲି ଗୁରୁବାର ରାତ୍ରିରେ ମାଂସ ଆଣିବା ପାଇଁ ଟଙ୍କା ମାଗିଥିଲା ସ୍ତ୍ରୀ କୁ । ମାତ୍ର ସ୍ତ୍ରୀ ପାଖରେ ଟଙ୍କା ନଥିବାରୁ ସିଏ ମନା କରିଦେଇଥିଲା। ଏହାପରେ ଅଭିଯୁକ୍ତ ସ୍ୱାମୀ ଦେବେନ୍ଦ୍ର ସିଂ ସ୍ତ୍ରୀ ନିନି ମୁଣ୍ଡାକୁ ଏକ ଠେଙ୍ଗାରେ ନିର୍ଘାତ ପିଟିଥିଲା । ଫଳରେ ସ୍ତ୍ରୀ ନିନି ଅଚେତ ହୋଇ ତଳେ ପଡ଼ିଯାଇଥିଲା । ଆଜି ସକାଳୁ ତାର ମୃତ୍ୟୁ ହୋଇଥିବାର ଜଣାପଡିଥିଲା। ଏହିଭଳି ଏକ ଦୁଃଖଦ ଘଟଣା ଘଟିଅଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ସିମଲା ଠାରେ । ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି । ଏଥି ସହିତ ଅଭିଯୁକ୍ତକୁ ଥାନାରେ ଅଟକ ରଖିବା ସହ ଅଧିକ ତଦନ୍ତ ଜାରିରଖିଅଛି ।

## ହିଞ୍ଜିଳି ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



**ହିଞ୍ଜିଳିକାଟୁ, ୨୬।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳି ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଦୁର୍ଗା ମାଧବ ମହାନ୍ତି ଓ ପୌରାଞ୍ଚଳ ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ମିଳିତ ନେତୃତ୍ୱରେ ମିନି ଷ୍ଟାଡିୟମ ଠାରୁ ଏକ ଶୋଭାଯାତ୍ରା ବାହାରି ବିଜେଡି କର୍ମୀ ଓ ମହିଳାମାନେ ନଗର ପରିକ୍ରମା କରି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପ୍ରତି ଘରକୁ ଘର ବିଜେଡି ନେତା ଓ କର୍ମୀମାନେ ଯାଇ ବିଗତ ୨୪ବର୍ଷର ନବୀନ ବାବୁଙ୍କ ଶାସନ, ଜନ କଲ୍ୟାଣକାରୀ ଯୋଜନା, ଆଇନ ଶୃଙ୍ଖଳା, ଦରଦାମ ନିୟନ୍ତ୍ରଣ ସହ ଦେଢ଼ ବର୍ଷର ବିଜେପି ସରକାରରେ ଡବଲ ଇଂଜିନ ଫେଲ, ଅସଫଳତା ଓ ନାରୀଙ୍କ ସୁରକ୍ଷାକୁ ନେଇ ଜନଜାଗରଣ ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ଓଡ଼ିଆ ଅସ୍ମିତା,୩୦୦ୟୁନିଟ ମାଗଣା ବିଜୁଳି,ବାର୍ଦ୍ଧକ୍ୟ ଭତ୍ତା ୩,୫୦୦, ଶ୍ରୀମନ୍ଦିର ରତ୍ନଭଣ୍ଡାରର ବିକାଶମୂଳକ କାର୍ଯ୍ୟ ଆଦିର ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ପୌରାଧ୍ୟକ୍ଷ ସୁବାଷ ପୋଲାଇ, ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଜିଲ୍ଲା ପରିଷଦ ସଭ୍ୟ ଏ ସୁଦର୍ଶନଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ଯୁବ, ଛାତ୍ର ବିଜେଡି ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ବାଂଲାଦେଶରେ ଦୀପୁଚନ୍ଦ୍ର ହତ୍ୟା ପ୍ରସଙ୍ଗ**

# ଜିଲ୍ଲାରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

**ଖୋର୍ଦ୍ଧା, ୨୬।୧୨ (ସଂଚାର ବ୍ୟୁରୋ):** ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ ବିନା ଦୋଷରେ ଇସଲାମ କଟ୍ଟରପନ୍ଥୀମାନେ ଗଛରେ ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରିବା ପରେ ତାଙ୍କ ମୃତଦେହରେ ନିଆଁ ଲଗାଇ ଜାଳି

**ଭିଏଚପି ଓ ବଜରଙ୍ଗ ଦଳର ବିକ୍ଷୋଭ**

**୭ଦିନ ମଧ୍ୟରେ ପଦକ୍ଷେପ ନହେଲେ ଆନ୍ଦୋଳନ ଧମକ**

ଦେଇଥିଲେ। ଏହି ଘଟଣାକୁ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଖୋର୍ଦ୍ଧା ଜିଲା ଦୃଢ଼ ନିନ୍ଦା କରୁଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏନେଇ ଭିଏଚପି, ବଜରଙ୍ଗ ଦଳର ଶତାଧିକ କର୍ମୀ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ।

ଖୋର୍ଦ୍ଧାରେ ରୋହିଙ୍ଗା ବାଂଲାଦେଶୀଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲ୍ଲାରେ ଏମାନଙ୍କୁ ଚିହ୍ନଟ କରି ହଟାଇବା ଦାବିରେ ଏସପିଙ୍କ କାର୍ଯ୍ୟାଳୟ ମଧ ଘେରାଉ କରିଥିଲେ। ବାଂଲାଦେଶୀ ହଟାଅ, ଦେଶ ବଞ୍ଚାଅ




ସ୍ଲୋଗାନ ଦେଇଥିଲେ। ଜିଲ୍ଲାର ସବୁଠି ବାଂଲାଦେଶୀ ନକଲି ପ୍ରମାଣପତ୍ରରେ ଆଧାର ଓ ଭୋଟରକାର୍ଡ ହାତେଇ ସମସ୍ତ ସରକାରୀ ସୁବିଧା ପାଉଛନ୍ତି। ସରକାରୀ, ବେସରକାରୀ ଜମିରେ ଘର କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ଅଛନ୍ତି। ବହୁ ବାଂଲାଦେଶୀ ଅନୁପ୍ରବେଶକାରୀ ଫେରିବାଲା, ବେଲୁନବାଲା, ଘର ସାଜସଜ୍ଜା ଜିନିଷ ବିକ୍ରି ଆଳରେ ଟିଏଲସି ରୋଡ ସମେତ ସହର ସାରା ଫୁଟପାଥରେ ଆଡ୍ଡା ଜମାଇ ରହିଛନ୍ତି। ସହରର ଏକାଧିକ ଦୋକାନରୁ ଚୋରି ପଛରେ ଏମାନଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଆଗାମୀ ସପ୍ତାହ ମଧ୍ୟରେ ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାନଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# କ୍ୟାରିୟର ନିଷ୍ପତ୍ତି ପିଲା ନିଅନ୍ତୁ

● **ଉତ୍ତମ ନାଗରିକ ଗଠନ କରିଥାଏ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

**କାକଟପୁର/ଅସ୍ତରଙ୍ଗ, ୨୬।୧୨ (ସଂଚାର ବ୍ୟୁରୋ):** କ୍ୟାରିୟର ଗଠନ ନିଷ୍ପତି ପିଲାଙ୍କୁ ନେବାକୁ ଦିଅନ୍ତୁ। ସମସ୍ତେ ଡାକ୍ତର, ଇଞ୍ଜିନିଅର, ବୈଜ୍ଞାନିକ ହେବାକୁ ସ୍ୱପ୍ନ ନ ଦେଖି ସଫଳ ମଣିଷଟିଏ ହେବାକୁ ଚେଷ୍ଟା କରନ୍ତୁ। ବଡ଼ ଲୋକ ନୁହେଁ, ଭଲ ମଣିଷ ହେବା-ସମୃଦ୍ଧ ଓଡିଶା ଓ



ବିକଶିତ ଭାରତ ଗଠନ କରିବା। ଏ କ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ସମସ୍ତେ ସଂକଳ୍ପ ନେବା। ଜନ୍ମମାଟି, ଭାଷା ଓ ସଂସ୍କୃତିକୁ ଭଲ ପାଇବା ବୋଲି କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଛାତ୍ର, ଛାତ୍ରୀ ଓ ଅଭିଭାବକ ଙ୍କୁ କହିଛନ୍ତି।

ପରିଚାଳନା ସମିତି ସଭାପତି ଶିକ୍ଷାବିତି ପ୍ରମୋଦ କିଶୋର ପୃଷ୍ଟିଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ୨୫ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟ ଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ତାଙ୍କ ଅଭିଭାଷଣ ରେ କହିଥିଲେ, ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ଏହି ବିଦ୍ୟାଳୟ ସୁନାମ ରହିଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେବଳ ପ୍ରତିଭା ସମ୍ପର୍ଣ୍ଣ ବିଦ୍ୟାର୍ଥୀ ବନେଇ ନଥାଏ। ବିଦ୍ୟାର୍ଥୀ ଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିକ୍ଷାଦାନ କରି ଉତ୍ତମ ନାଗରିକ ମଧ ଗଠନ କରିଥାଏ। ଏହି ବିଦ୍ୟାଳୟ ଯଥାର୍ଥ ରେ ଏହାକୁ ପ୍ରତିପାଦନ କରୁଛି ବୋଲି ବିଧାୟକ କହିଥିଲେ।

ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ବିଧାୟକ ଓ ଅନ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହା ସହ କାକଟପୁର ସାରଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାତଃରୁ ଗୀତା ପାଠ ଯଂଜ୍ଞ, ମା ମଙ୍ଗଳା ପୀଠରୁ ଜ୍ୟୋତି ଆଗମନ ସହ ଉଦ୍‌ଘାଟନ ସମାରୋହ ଫଳକ ଉନ୍ମୋଚନ ଓ ସ୍ମାଟ କ୍ଲାସ ଉଦ୍‌ଘାଟନ ହୋଇଥିଲା ଅତିଥିଙ୍କ ଦ୍ୱାରା।

## କାକଟପୁର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

**କାକଟପୁର/ଅସ୍ତରଙ୍ଗ, ୨୬।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁରରୁ ବିଜେଡି ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଶଙ୍ଖନାଦ କରିଛି। ବିଧାୟକ, ଜିଲ୍ଲାପରିଷଦ, ପଂଚାୟତ ସ୍ତରୀୟ ନେତା ଓ



କର୍ମୀମାନେ ବିଜେଡିର ୨୯ବର୍ଷ ପୂର୍ତ୍ତି ଅବସରରେ ନବୀନଙ୍କ ରାଜନୀତିର ସଫଳତା ବଖାଣିଥିଲେ। ରାଜ୍ୟରେ ବିଜେଡି ସୁଶାସନ ମଞ୍ଜି ବୁଣିବା ସହ ଦାରିଦ୍ର୍ୟ, ଅନାହାର ମୃତ୍ୟୁ ଭଳି ଦୁର୍ଦ୍ଦଶାକୁ ମୁକ୍ତ କରିଛି ବୋଲି ନେତା ମାନେ ଦାବୀ କରିଛନ୍ତି। ସେ ୧୯୯୯ମହାବାତ୍ୟା ହେଉ କି ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ, ସବୁର ଦୃଢ଼ ମୁକାବିଲା କରିବା ସହ ଲୋକଙ୍କ ପାଇଁ ସାହାରା ସାଜି ବଂଚିବାର ବାଟ ଦେଖାଇଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଖବର ମୁତାବକ, ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଟ୍ରଷ୍ଟ କାର୍ଯ୍ୟାଳୟରେ ଅସ୍ତରଙ୍ଗ, କାକଟପୁର, ଗୋପ ଓ କୋଣାର୍କ ଅଂଚଳର ଶତାଧିକ କର୍ମୀ ମାନଙ୍କୁ ନେଇ ବିଜେଡି ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି।

ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ନିଜ ବକ୍ତବ୍ୟ ରେ କହିଥିଲେ ବିଜୁ ବାବୁଙ୍କ ସ୍ୱପ୍ନର ଓଡିଶା ଗଠନ ପାଇଁ ବିଜେଡି ଗଠନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ ଦଳର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆଜି ସବୁ କ୍ଷେତ୍ରରେ ସଫଳତାର ଶିଖର ଛୁଇଁଛି। ଓଡିଶା ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଜୁ ବାବୁଙ୍କ ଆବର୍ତ୍ତନମାନରେ ଓଡିଶାରେ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଥିଲା। ସମୟର ଆହ୍ୱାନରେ ନବୀନ ବାବୁ ତାଙ୍କ ବଳିଷ୍ଠ ନେତୃତ୍ୱ ମାଧ୍ୟମରେ ତାହା ପୂରଣ କରିଛନ୍ତି।

## ଅଟଳ ବିଚାର ମଞ୍ଚ ପକ୍ଷରୁ ସୁଶାସନ ଦିବସ ପାଳିତ

**ହିଞ୍ଜିଳିକାଟୁ, ୨୬।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ସଂଯୋଜକ ଆକାଶ ପଟ୍ଟନାୟକଙ୍କ ପୌରାହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଚଳଚ୍ଚିତ୍ର ବୋର୍ଡର ପୂର୍ବତନ ଉପଦେଷ୍ଟା ଶ୍ରୀକାନ୍ତ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ନେତା ନଗେନ୍ଦ୍ର ନାଥ ମହାରଣା,ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସ୍ତମ୍ଭକାର ସତ୍ୟ ନାରାୟଣ ପାଣିଗ୍ରାହୀ ଯୋଗ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସୁଶାସନ ଦିବସର ଆଲୋକପାତ କରିଥିଲେ। ସ୍ମୃତିଚାରଣ ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ଆବାହକ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ଯୋଗ ଦେଇ ହିଞ୍ଜିଳିକାଟୁ ଅଞ୍ଚଳରେ ଆଗାମୀ ଦିନରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନିକ ସ୍ତରରେ ଉଦ୍ୟମ ପାଇଁ ନିବେଦନ କରିଥିଲେ। ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ଆଇନଜୀବୀ ଉପସ୍ଥିତ ଥିବା ବେଳେ ଶେଷରେ ଆଲୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ଫସଫେଟ ଲିମିଟେଡ୍ ପକ୍ଷରୁ ଚାଷୀଙ୍କୁ ମାର୍ଗଦର୍ଶନ

**ଉମରକୋଟ, ୨୬।୧୨ (ସଂଚାର ବ୍ୟୁରୋ):** ପାରାଦୀପ ଫସଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଯୁଭି୧୧-ନାୟକଗୁଡା ଠାରେ ଅନୁଷ୍ଠିତ ହୋଇଥିଲା। ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ




ଲାଗିଲାଣି ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା, ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକଶ୍ରୀ୨ ଏବଂ ଟିଏସପି୪୬ କୁ ବ୍ୟବହାର ବିଷୟରେ ଆଲୋଚୋନା ହୋଇଥିଲା ଏବଂ ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତାର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି। ପାରାଦୀପ ଫସଫେଟ ପକ୍ଷରୁ କମ ଦାମରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି ଯାହା ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ,ଯଗ ସାନ୍ତା,ଅନ୍ତ ସାନ୍ତା,ହେମନ୍ତ ରାଏ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

**ଶୀତ ଋତୁରେ ଅତିଥିଙ୍କ ଆଗମନ**

# ଉପକୂଳରେ ଶୁଭିଲାଣି ପକ୍ଷୀଙ୍କ କଳରବ



**କାକଟପୁର/ଅସ୍ତରଙ୍ଗ,୨୬।୧୨ (ସଂଚାର ବ୍ୟୁରୋ):** ଶୀତ ଋତୁର ଆଗମନ ସାଙ୍ଗକୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି ଅସ୍ତରଙ୍ଗ ଉପକୂଳ ଦେବୀ ନଦୀ ନିକଟରେ। ପର୍ଯ୍ୟଟନସ୍ଥଳ ସାଙ୍ଗକୁ ଅସ୍ତରଙ୍ଗ ଅଞ୍ଚଳ ସୁଦୀର୍ଘ ବେଳାଭୂମି, ହେନ୍ତାଳ ବଣ ସବୁଠି ପର୍ଯ୍ୟଟକଙ୍କ ଆସର ଜମୁଛି। ପ୍ରାକୃତିକ ପରିବେଶରେ ଭରପୁର ଅସ୍ତରଙ୍ଗ ଅଂଚଳରେ ଦେଖିବାକୁ ମିଳିଲାଣି ବିଦେଶୀ ପକ୍ଷୀଙ୍କ ସମ୍ଭାର। ଅସ୍ତରଙ୍ଗ ଅଂଚଳର ଜଳାଶୟ ସମେତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଗୁଡିକରେ ବିହଙ୍ଗମାନଙ୍କ କଳରବ ଶୁଣିବାକୁ ମିଳୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରାକୃତିକ ପରିବେଶରେ ଭରି ରହିଛି। ଏଠାରେ ସାମୁଦ୍ରିକ ଜଳବାୟୁ ସାଙ୍ଗକୁ ଘଞ୍ଚ ଜଙ୍ଗଲ, ନଦୀ ଭରି ରହିଛି। ଉତ୍କୃଷ୍ଟ ଜୈବ ବିବିଧତା କାରଣରୁ ଏହି ସ୍ଥାନରେ ବିରଳ ଅଲିଭି ରିଡଲେ କଇଁଛ ସାଙ୍ଗକୁ ବିଭିନ୍ନ ଜୀବ ଜନ୍ତୁ ଓ ପକ୍ଷୀ ଭରି ରହିଛନ୍ତି। ପ୍ରତି ବର୍ଷ ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ସମାଗମ ହୁଏ। ଏହା ସହିତ ଦେବୀ ମୁହାଁଣ, କେଳୁଣୀ ମୁହାଁଣ, ଗଙ୍ଗା ଦେବୀ, ନାସି ସମେତ ବିଭିନ୍ନ ଜଳ ଭଣ୍ଡାରକୁ ପକ୍ଷୀମାନେ ସୁରକ୍ଷିତ ସ୍ଥାନ ଭାବେ ବାଛନ୍ତି। ଖାଦ୍ୟ ଅନେଷ୍ୱଣରେ ଏସିଆ ମହାଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ପକ୍ଷୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ରହିଛି। ଏହାକୁ ନେଇ ଡିସେମ୍ବର ପହିଲାରୁ ବିଭିନ୍ନ ସ୍ଥାନରେ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇଛି। ଆଗକୁ ଅଧିକ ସଂଖ୍ୟାରେ ପକ୍ଷୀ ଦେଖିବାକୁ ମିଳିବ ବୋଲି ବନ ବିଭାଗ ଅନୁମାନ କରିଛି। ଚଳିତ ବର୍ଷ ଦେବୀ ମୁହାଁଣ ଅଂଚଳରେ ପେଇଣ୍ଟେଡ, ଷ୍ଟର୍କ, ସାଣ୍ଡ ପ୍ଲୋଭର ଭଳି ପକ୍ଷୀ ଦେଖିବାକୁ ମିଳିଛି। ଏହି ବର୍ଷ ଅସ୍ତରଙ୍ଗ ଅଂଚଳରେ ଅଧିକ ସଂଖ୍ୟକ ପକ୍ଷୀଙ୍କ ସମାଗମ ଦେଖାଯିବ ବୋଲି ପରିବେଶବିତି ମତ ବ୍ୟକ୍ତ କରିଛନ୍ତି।

## ନିଳଗିରିରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

**ନିଳଗିରି, ୨୬।୧୨ (ସଂଚାର ବ୍ୟୁରୋ):** ନିଳଗିରି ବିଜୁ ଜନତା ଦଳ ପକ୍ଷରୁ ଆଜି ୨୯ତମ ପ୍ରତିଷ୍ଠା ଦିବସ ନିଳଗିରି ଦଳ କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନିଳଗିରର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଜେଡ଼ିର ବରିଷ୍ଠ ନେତା, କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ନିଳଗିରି ବାଇ ପାସ୍ ରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ନିଳଗିରି ମେଡିକାଲରେ ରୋଗୀ ମାନଙ୍କୁ କମଳ ବଣ୍ଟନ କରିଥିଲେ। ପରେ ପାର୍ଟି କାର୍ଯ୍ୟ ଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ନେତା, ନିର୍ବାଚିତ ପ୍ରତିନିଧି ମାନେ ନିଜ ନିଜ ବକ୍ତବ୍ୟରେ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାର ବରପୁତ୍ର। ତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ୨୯ବର୍ଷରେ ବିଜୁ ଜନତା ଦଳ ପଦାର୍ପଣ କରିଛି। ବିଜୁ ଜନତା ଦଳର ୨୪ ବର୍ଷ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କିଭଳି ଭାବରେ ଲୋକ ସୁଶାସନ ପାଉଥିଲେ ସେ ବିଷୟରେ ବର୍ଣ୍ଣନା କରିଥିଲେ।

ପୁଷ୍ପ ଅବଶେଷରୁ କଳାକୃତି ଦ୍ୱାରା ନାରୀ ସଶକ୍ତିକରଣ ଶିବିର

# ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ସଶକ୍ତ ମାଧ୍ୟମ

- ପୁଷ୍ପକୃଷି ମିଶନ ଅଧୀନରେ ତାଲିମ ନେବେ ମହିଳା
- ସ୍ଥାନୀୟ ସମ୍ବଳର ସଦୁପଯୋଗ ସହ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ହେବ
- ପଞ୍ଚାୟତ ସ୍ତରରେ 'କୃଷିଭିତ୍ତିକ ମାଷ୍ଟରପ୍ଲାନ୍' ପ୍ରସ୍ତୁତ ଲାଗି ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ
- କୃଷିଭିତ୍ତିକ ଅର୍ଥନୀତିକୁ ବ୍ୟବସାୟିକ ରୂପ ଦେବାକୁ ପଡ଼ିବ



ନୀଲଡୁଙ୍ଗୁରି/ସମ୍ବଲପୁର, ୨୬।୧୨ (ସଂଚାର ବ୍ୟୁରୋ): ସମ୍ବଲପୁରର ନିଲଡୁଙ୍ଗୁରୀ ଠାରେ 'ପୁଷ୍ପ ଅବଶେଷରୁ କଳାକୃତି, ଅଗରବତୀ ଓ ରଙ୍ଗ ପ୍ରସ୍ତୁତି ଦ୍ୱାରା ନାରୀ ସଶକ୍ତିକରଣ ପ୍ରଶିକ୍ଷଣ ଶିବିର' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମର ମା' ଭଉଣୀମାନଙ୍କୁ ସ୍ୱାବଲମ୍ବୀ କରିବାର ଏକ ସଶକ୍ତ ମାଧ୍ୟମ ବୋଲି ଏହାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସିଏସଆଇଆର-ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ, ଲକ୍ଷ୍ନୌ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ହ୍ୟାଣ୍ଡସ୍-ଅନ୍-ଟ୍ରେନିଂ ପ୍ରଶିକ୍ଷଣ ଶିବିରକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ- ପୁଷ୍ପକୃଷି ମିଶନ ଅଧୀନରେ ଏଠାରେ ଆମର ମାଆ ଭଉଣୀମାନେ ଅବଶେଷ ଫୁଲରୁ ନିମନ୍ତ୍ରଣ ପତ୍ର, ଅନ୍ୟାନ୍ୟ କଳାକୃତି ସାମଗ୍ରୀ ତିଆରି କରିବେ। ଆଜିର ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଉଦ୍ୟୋଗୀ ହେବେ। ସ୍ଥାନୀୟ ସମ୍ବଳର ସଦୁପଯୋଗ ହେବା ସହ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ। ଏହି ପ୍ରଶଂସନୀୟ ପ୍ରୟାସ ପାଇଁ ଶ୍ରୀ ପ୍ରଧାନ ସିଏସଆଇଆର-ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

ସେ କହିଛନ୍ତି, ଆମ ସମ୍ବଲପୁରର ଯୁଜୁମୁରା ମାଟିର ଚାଷୀ ଭାଇମାନେ ଡାଲି, ବାଦାମ, ଛତୁ, ବିଭିନ୍ନ ଫଳ ଏବଂ ପନିପରିବା ଚାଷରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। କିନ୍ତୁ ଏହି ଦକ୍ଷତାକୁ ଏକ ବଡ଼ ବ୍ୟବସାୟିକ ରୂପ ଦେବା ପାଇଁ ଆମକୁ କିଛି ଦୃଢ଼ ପଦକ୍ଷେପ ନେବାକୁ ହେବ। ଆମକୁ ପ୍ରତିଟି ପଞ୍ଚାୟତ ସ୍ତରରେ ଏକ 'କୃଷିଭିତ୍ତିକ ମାଷ୍ଟରପ୍ଲାନ୍' ପ୍ରସ୍ତୁତ କରିବାକୁ ପଡ଼ିବ। ମୁଁ ଜିଲ୍ଲା ପ୍ରଶାସନକୁ ଏହି ଦାୟିତ୍ୱ ଦେଉଛି ଯେ, ଯୁଜୁମୁରା ଅଞ୍ଚଳରେ ଜଳସେଚନ ପ୍ରକଳ୍ପଗୁଡ଼ିକୁ କିପରି ତ୍ୱରାନ୍ୱିତ କରାଯିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। କୃଷିଭିତ୍ତିକ ଅର୍ଥନୀତିକୁ ଏକ ବ୍ୟବସାୟିକ ରୂପ ଦେବାକୁ ପଡ଼ିବ। ଫୁଲ ଚାଷ ହେଉ ବା ପନିପରିବା ଚାଷ, ଏହାର ଦୁଇଟି ମୂଳ ସର୍ତ୍ତ ହେଲା ଠିକ୍ ପ୍ରଶିକ୍ଷଣ ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା। ଅର୍ଥାତ୍ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପାଇବା ଆବଶ୍ୟକ।

୩ ମାସ ହେଲା ମିଳିନି ଦରମା

# ମେଡିକାଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଚମ୍ପୁଆ, ୨୬।୧୨(ସଂଚାର ବ୍ୟୁରୋ): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାୟ ତିନିମାସର ଦରମା ପାଇ ନଥିବାରୁ ସଫେଇ ଓ ଆଟେଣ୍ଡାଣ୍ଟ ଓ ହେଲ୍ଥଡେସ୍କ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଯାହାଫଳରେ ଡାକ୍ତରଖାନା ସଫେଇ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଚମ୍ପୁଆ ଡାକ୍ତରଖାନାରେ ସଫେଇ, ହେଲ୍ଥଡେସ୍କ ନିୟୋଜିତ କରିଥିବା କ୍ୟାପିଟାଲ ଆଉଟସୋର୍ସିଂ ଏଜେନ୍ସୀ ଏଠାରେ କାର୍ଯ୍ୟ କରୁଥିବା ପ୍ରାୟ ୪୦ରୁ ଅଧିକ କର୍ମଚାରୀଙ୍କ ତିନି ମାସରୁ ଅଧିକ ହେବ ଦରମା ପାଇନଥିବାରୁ ଏହି କର୍ମଚାରୀମାନେ ଆଜି କାର୍ଯ୍ୟ ବନ୍ଦକରିବା ସହ ଆନ୍ଦୋଳନରେ ସାମିଲ ହେଇଛନ୍ତି। ଏପରିକି ଏମାନଙ୍କ ଠାରୁ ଏଜେନ୍ସୀ କାର୍ଯ୍ୟ ବାବଦକୁ ଦରମା କାଟି ରଖିବାକୁ କହୁଥିବାରୁ କର୍ମଚାରୀ ଏହାକୁ ବିରୋଧ କରିବା ସହ ଏହାକୁ ନେଇ ତାଙ୍କ ମଧ୍ୟରେ ଅସନ୍ତୋଷ ଉପୁଜିଛି। ଏମାନଙ୍କ କାର୍ଯ୍ୟବନ୍ଦ ଯୋଗୁ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେଇଛି। ଡାକ୍ତରଖାନାରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଡାକ୍ତରଖାନାକୁ ପାଣି ଯୋଗାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମଧ୍ୟ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହେଇଥିବାରୁ ଡାକ୍ତରଖାନାକୁ ପାଣି ଯୋଗାଣ ବନ୍ଦ ରହିଛି। ଏମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଇଥିବା ଦେଖାଯାଇଛି।

## ଜେଲ ଗଲା ନାବାଳିକା ଦୁଷ୍କର୍ମକାରୀ

ଭଦ୍ରକ, ୨୬।୧୨(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନସ୍ଥ ବାଲିଗାଁ ପଞ୍ଚାୟତ ଅଫିସ୍ ନିକଟରେ ଥିବା ଜଙ୍ଗଲରୁ ମିଳିଥିବା ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ଜନିତ ହତ୍ୟା ଘଟଣାରେ ଜଡିତ ଯୁବକ ବବଲୁ ଦାସକୁ ପୁଲିସ ୧୨ ଘଣ୍ଟା ମଧ୍ୟରେ ତାର ଶ୍ୱଶୁର ଘର ଜଗତସିଂହପୁର ଶବର ସାହିରୁ ଗିରଫ ପରେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ଭଦ୍ରକ ଆଣି ଗୋପନ ସ୍ଥାନରେ ରଖିଥିଲା। ଗତକାଲି ତାକୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ବିଳମ୍ବିତ ରାତିରେ ଭଦ୍ରକ ଜେଲକୁ ଫରୱାର୍ଡ଼ କରିଛି।

● ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୬।୧୨(ସଂଚାର ବ୍ୟୁରୋ): ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲାରେ ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ରାୟ। ଘଟଣାର ମାତ୍ର ୧୬୫ ଦିନରେ ମାମଲାର ତ୍ୱରିତ ବିଚାର କରି ଦୋଷୀକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ୨୦୨୫ ମସିହାରେ ବନ୍ଧୁଗାଁ ଥାନା ଅଞ୍ଚଳରେ ଘଟିଥିବା ୬ ବର୍ଷିୟା ଶିଶୁକନ୍ୟା ଦୁଷ୍କର୍ମ ମାମଲାର ବିଚାର କରି ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୪୪ ଗୋଟି ଦସ୍ତାବିଜକୁ ଭିତିକରି ଆଜି ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ବନ୍ଧୁଗାଁ ଥାନାର ଡ୍ୱେଙ୍ଗା ପୀଡ଼ିକା(୩୦)କୁ ପୋକ୍ସ ଆଇନର ଧାରା ୪(୨) ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଏବଂ ଧାରା ୬ ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ଦୋଷୀକୁ ୧୨ ମାସ ଅଧିକା କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ଼କ୍ଟର ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

'ସୃଜନ'ର ଶୁଭାରମ୍ଭ କଲେ ମନ୍ତ୍ରୀ

## ଜ୍ଞାନର ଆଦାନପ୍ରଦାନ ଓ ସହଯୋଗକୁ ପ୍ରୋତ୍ସାହିତ କରିବ



ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଖାରବେଳ ଭବନଠାରେ 'ସୃଜନ'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ଏହା ଦ୍ୱାରା ସୃଜନଶୀଳତା, କଥାବାର୍ତ୍ତା ଏବଂ ସୁଆଦିଆ ବ୍ୟଞ୍ଜନର ସମନ୍ୱୟ ଘଟିବା ସହ ଏକ ଜୀବନ୍ତ ତଥା ସହଭାଗୀ କର୍ମସଂସ୍କୃତି ଗଢ଼ିଉଠିବ। ଏହା ଅଧିକାରୀ, କର୍ମଚାରୀ ଏବଂ ପରିଦର୍ଶକମାନଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ, ନୂତନ ଚିନ୍ତାଧାରା ଓ ସହଯୋଗକୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପରିସରରେ ଏକ ଅତ୍ୟାଧୁନିକ କ୍ୟାଣ୍ଟିନ, ଅନୌପଚାରିକ ଆଲୋଚନା ପାଇଁ ଏକ ଲାଉଞ୍ଜ ଏବଂ ଏକ 'ସ୍କିଲ୍ଡ-ଇନ୍-ଓଡ଼ିଶା' ଷ୍ଟଲ୍ ରହିଛି। ଗୁଣବତ୍ତା ଏବଂ ଉତ୍ତମ ଆତିଥ୍ୟ ସେବା ନିଶ୍ଚିତ କରିବା ପାଇଁ ଆଇଆରସିଟିସି ମାଧ୍ୟମରେ ଏହାର ପରିଚାଳନା କରାଯାଇଛି।

## କମ୍ପୁଛି ବରଗଡ଼, ଚାଲିଛି କଂସଙ୍କ ଶାସନ

ବରଗଡ଼,୨୬।୧୨(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର କମ୍ପୁଛି ବରଗଡ଼। ମହାରାଜ କଂସ ନଗର ଭ୍ରମଣ କରିବା ସହ ରଙ୍ଗମହଲର ଉଦଘାଟନ ହୋଇଛି। ସେପଟେ ଭଗବାନ ଶ୍ରୀକୃଷ୍ଣ ମାତା ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ହୋଇସାରିଛନ୍ତି। କୃଷ୍ଣ ଜନ୍ମ ଓ ନନ୍ଦୋତ୍ସବ ସହ ବିଜୁଳି କନ୍ୟା ଶୂନ୍ୟବାଣୀ ଦେଖିବେ ଦର୍ଶକ। ମହାରାଜା କଂସ ନଗର ପରିଭ୍ରମଣରେ ବାହାରି ପ୍ରଜାଙ୍କ ସୁଖ ଦୁଃଖ ବୁଝିଥିଲେ। ରଙ୍ଗମହଲର ଦାୟିତ୍ୱ ମହାମନ୍ତ୍ରୀ ସାର୍ଭଜିଙ୍କୁ ଦେଇ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ନୃତ୍ୟ ପରିବେଷଣ ପାଇଁ ଆଦେଶ ଦେଇଥିଲେ କଂସ। ପରେ ଦୂର୍ମିଳାପୁର ରାକ୍ଷସଙ୍କୁ ହତ୍ୟା, ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ରଖି ବିଜୁଳି କନ୍ୟାଙ୍କ ସହ ବସୁଦେବ ମଥୁରା ପ୍ରତ୍ୟାବର୍ତ୍ତନର ଦୃଶ୍ୟକୁ ବେଶ୍ ଉପଭୋଗ କରିଛନ୍ତି ଦର୍ଶକ। ଧନୁଯାତ୍ରାର ତୃତୀୟ ଦିନରେ ମହାରାଜ କଂସ ଶ୍ୟାମେଶ୍ୱର ମହାଦେବଙ୍କ ଦର୍ଶନ ସହ ବିଜୁଳି କନ୍ୟାଙ୍କ ଶୂନ୍ୟବାଣୀ, କଂସଙ୍କ ଦ୍ୱାରା ଗୋପପୁରକୁ ପୁତନା ରାକ୍ଷସୀଙ୍କ ସହ ସଡମଲ୍ଲ ପ୍ରେରଣ। ଗୋପପୁରରେ କୃଷ୍ଣ ଜନ୍ମ ଓ ନନ୍ଦୋତ୍ସବ ଆରମ୍ଭ ହେବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଚଗୀତର ମଧ୍ୟ ଆୟୋଜନ କରାଯାଉଛି।

● ପୁରୀରେ ଜିରୋ ନାଇଟ୍ ଓ ନୂଆବର୍ଷ ପାଇଁ ସୁରକ୍ଷାର ସମୀକ୍ଷା

## ଭକ୍ତଙ୍କୁ ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ



ପୁରୀ,୨୬।୧୨(ସଂଚାର ବ୍ୟୁରୋ): ଆସନ୍ତା ନୂଆବର୍ଷ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଛୁଟିବ ଭକ୍ତଙ୍କ ସୁଅ। ୩୧ ତାରିଖ ରାତିରେ ଜିରୋ ନାଇଟ୍ ସେଲିବ୍ରେସନ୍ ସହ ନୂଆବର୍ଷରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସକାଶେ ଏଠାକୁ ପାଖାପାଖି ୪ ଲକ୍ଷ ଲୋକ ଆସିବେ ବୋଲି ଆକଳନ କରାଯାଉଛି। ଏମାନଙ୍କ ସୁରକ୍ଷା ପାଇଁ କ'ଣସବୁ ପଦକ୍ଷେପ ନିଆଯିବ, ସେନେଇ ଆଜି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ସମୀକ୍ଷା କରିଛନ୍ତି। ଭକ୍ତମାନେ ଯେପରି ନୂଆବର୍ଷକୁ ବିନା ବାଧାରେ ପାଳନ କରିବେ, ସେଥିପାଇଁ ପୁରୀରେ ୬୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଅତିରିକ୍ତ ଭାବେ ୧୦ ଜଣ ଏସ୍‌ପି, ୩୩ ଜଣ ଡିଏସ୍‌ପି, ୬୨ ଜଣ ଇନ୍ସପେକ୍ଟର ଓ ୨୪୫ ଜଣ ସବ୍-ଇନ୍ସପେକ୍ଟର ମଧ୍ୟ ସୁରକ୍ଷା ଦାୟିତ୍ୱର ନିରୀକ୍ଷଣ କରିବେ। ଏହାଛଡ଼ା କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ଲାଇଫଗାର୍ଡ, ଓଡ୍ରାଫ୍ ଓ ଏସ୍‌ଟିଏଫ୍ ୟୁନିଟ୍ ସହରରେ ମୁତୟନ ରହିବେ। ପୁରୀକୁ ଆସୁଥିବା ଭକ୍ତମାନଙ୍କ ସକାଶେ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ ଓ କୌଣସି ପ୍ରକାର ନିଶାଦ୍ରବ୍ୟ କାରବାର କ୍ଷେତ୍ରରେ ଏନ୍‌ଏସ୍‌ଏ ଲାଗୁ କରାଯିବା ବୋଲି ଉକ୍ତ ବୈଠକରୁ ଜଣାପଡ଼ିଛି।

## ଆଜିଠୁ ସିଇସି ଜ୍ଞାନେଶ କୁମାରଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ): ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଡିସେମ୍ବର ୨୭ ତାରିଖରେ ସେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ମହାପ୍ରଭୁଙ୍କ ଦର୍ଶନ ପରେ ସେ କୋଣାର୍କ ଗସ୍ତ କରିବେ। ଡିସେମ୍ବର ୨୮ ତାରିଖରେ ସେ ରଘୁରାଜପୁର, ଧଉଳି ଶାନ୍ତି ସ୍ତୂପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ନିର୍ବାଚନ କମିଶନର ଡିସେମ୍ବର ୨୯ ତାରିଖ ଅପରାହ୍ନ ୩.୦୦ ଘଟିକାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରି ସେମାନଙ୍କୁ ସମ୍ବୋଧନ କରିବେ ଏବଂ ସେହିଦିନ ରାତିରେ ଭୁବନେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## ହାତୀ ଆକ୍ରମଣରେ ମହିଳା ମୃତ

ଲାଠୋର,୨୬।୧୨(ସଂଚାର ବ୍ୟୁରୋ) : ବଲାଙ୍ଗୀର ଜିଲ୍ଲା ଲାଠୋର ରେଞ୍ଜ ଅଧୀନ ଖପ୍ରାଖୋଲ ଥାନା ଚହକୋପଡା (ହାତୀପଡା) ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ଶାଶୂ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଗତ ଦୁଇ ଦିନ ଧରି ଲାଠୋର ରେଞ୍ଜ ଅଞ୍ଚଳରେ ପ୍ରାୟ ୩୦ଟିକିଆ ହାତୀପଲ ଉତ୍ପାତ କରିଆସୁଥିଲେ। ଗୁରୁବାର ରାତିରେ ଏହି ହାତୀପଲ ଚହକୋପଡା ହାତୀପଡାର ଏକ ଘର ଉପରେ ଆକ୍ରମଣ କରି ଘରକୁ ଭାଙ୍ଗି ଦେଇଥିଲେ। ଘରର କାନ୍ଥ ପଡ଼ି ଯିବାରୁ ଫୁଲମତି ନାଗ ନାମକ ୪୫ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଫୁଲମତି ନାଗଙ୍କ ଶାଶୂ ଖୁଦ ନାଗ ଓ ସ୍ୱାମୀ ଗୌତମ ନାଗ ଗୁରୁତର ଆହତ ହୋଇଥିବା ବେଳେ, ସ୍ଥାନୀୟ ଲୋକ ବନ ବିଭାଗର ସହଯୋଗରେ ଦୁହିଁଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ମାଧ୍ୟମରେ ଖପ୍ରାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ହାତୀ ପଲକୁ ଜଙ୍ଗଲ ଅଞ୍ଚଳକୁ ଫେରାଇବା ପାଇଁ ପ୍ରୟାସ ଜାରି ରହିଛି। ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ସତର୍କ ରହିବା ସହ ରାତି ସମୟରେ ଘରୁ ବାହାରକୁ ନ ବାହାରିବାକୁ ଅନୁରୋଧ କରିଛି।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ବାଙ୍ଗିରିପୋଷି,୨୬।୧୨(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ଶିମିଳା ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ହତ୍ୟାକାଣ୍ଡ। ସ୍ୱାମୀର ମାଡ଼ରେ ସ୍ତ୍ରୀ ନିଧି ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତ ସ୍ୱାମୀ ନରେନ୍ଦ୍ର ସିଂଙ୍କୁ ଗିରଫ କରିଛି। ପୁଲିସର ସୂଚନା ଅନୁସାରେ, କୌଣସି କାରଣକୁ ନେଇ ଗତରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ଉତ୍ତେଜିତ ହୋଇ ସ୍ୱାମୀ ନରେନ୍ଦ୍ର ସିଂ ଏକ ବାଡ଼ିରେ ନିଧି ମୁଣ୍ଡାଙ୍କୁ ନିର୍ଦ୍ଧୁମ ପିଟିବା କାରଣରୁ ତାଙ୍କ ତାଙ୍କ ମୃତ୍ୟୁ ହୋଇଛି ବୋଲି ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି। ସୂଚନା ପାଇ ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ, ୨୬।୧୨(ସଂଚାର ବ୍ୟୁରୋ): ବିଲ ଭିତରେ ଯୁବକଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ। ବାପ ପୁଅଙ୍କ ଆକ୍ରମଣରେ ଘାଇଲା ହେଲେ ଜଣେ ଯୁବକ। ପୁରୀ ମେରାଇନ୍ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ଉର ଗ୍ରାମର ସାରଥୀ ବେହେରା। ସାରଥୀଙ୍କ କାନ ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତ କିଛି ଦିନ ତଳେ ଧାନକଟାକୁ କେନ୍ଦ୍ରକରି ସାରଥୀଙ୍କ ସହିତ କିଛି ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ କରିଛନ୍ତି ସାରଥୀ। ତେବେ ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

# ରାଜ୍ୟ ପୁଲିସ ଆନ୍ତଃବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା



ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ): ଆଜି ସ୍ପେଶାଲ ଅପରେଶନ ଗ୍ରୁପ (ଏସଓଜି) ଚନ୍ଦକାଠାରେ ୮ମ ରାଜ୍ୟ ପୁଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବିଭିନ୍ନ ବାଟାଲିୟନ ଓ ଶ୍ରେଷ୍ଠ କମାଣ୍ଡୋମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି ପ୍ରତିଯୋଗିତାରେ ଓଏସଏପି ଷଷ୍ଠ ବାଟାଲିୟନ, କଟକ ଚାମ୍ପିୟନ ଦଳ ଭାବେ ପୁରସ୍କୃତ ହୋଇଥିବା ବେଳେ ୮ମ ସ୍ୱତନ୍ତ୍ର ଆଇଆରବିଏନ, ଭଞ୍ଜନଗର ରନର୍ସ-ଅପ୍ ଦଳ ଭାବେ ପୁରସ୍କୃତ ହୋଇଥିଲା। ସେହିପରି ୪ର୍ଥ ଆଇଆରବିଏନ, ଦେଓଗଡ଼ ହାର୍ଡ ଲାଇନର୍ ଟ୍ରଫି ହାସଲ କରିଛି। ଏହା ବ୍ୟତୀତ ଶ୍ରେଷ୍ଠ କମାଣ୍ଡୋ ଭାବେ କପୁର ଚନ ଭୁଏ, ହାବିଲଦାର କେଶବ ଧରୁଆ ଦ୍ୱିତୀୟ ଶ୍ରେଷ୍ଠ କମାଣ୍ଡୋ ଏବଂ କପୁର ଚନ ଭୁଏ ଚିତା ଟ୍ରଫି ମୁଖ୍ୟ ଅତିଥିଙ୍କ ନିକଟରୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ବିଭିନ୍ନ ସଶସ୍ତ୍ର ବାଟାଲିୟନ୍‌ର ୧୭ ଟି ଟିମର ୪୦୨ ଜଣ କମାଣ୍ଡୋ ଅଂଶଗ୍ରହଣ କରିଥିଲେ। ଓବଷ୍ଟାକଲ୍ କୋର୍ସ, ୫ କିଲୋଗ୍ରାମ ଓଜନର ବ୍ୟାକପ୍ୟାକ୍ ପିନ୍ଧି କନଫିଡେନ୍ସ କୋର୍ସରେ ୧.୩ କିଲୋମିଟର ଦୌଡ଼, ୫ କିଲୋଗ୍ରାମ ଓଜନର ବ୍ୟାକପ୍ୟାକ୍ ସହିତ କ୍ରସ୍-କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଭଳି ପ୍ରତିଯୋଗିତାରେ କମାଣ୍ଡୋମାନେ ଅଂଶଗ୍ରହଣ କରି ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ସଶସ୍ତ୍ର) ରାଜେଶ କୁମାର, କମାଣ୍ଡାଣ୍ଟ,ଏସଓଜି, ଲୋଚନ ପଶାୟତ, କ୍ରୀଡା ଅଧିକାରୀ, ନୀଳ ମାଧବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

● ବଙ୍ଗୋପସାଗରରେ ଲଘୁଚାପ

## ନୂଆବର୍ଷକୁ ଫିକା କରିପାରେ ବର୍ଷା

ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ): ଭିଜିବ ନୂଆବର୍ଷ। ଫିକା ପଡିବ ଜିରୋ ନାଇଟ୍ ସିଲେବ୍ରିସେନ୍। ଜାନୁଆରୀ ପହିଲାରୁ ରହିଛି ବର୍ଷା ସମ୍ଭାବନା। ବଙ୍ଗୋପସାଗରର ସମ୍ଭାବ୍ୟ ଘୂର୍ଣ୍ଣିବଳୟ ନେଇ ଆଶଙ୍କାରେ ପାଣିପାଗବିତ୍। ଆଉ ୪ ଦିନ ପରେ ଆରମ୍ଭ ହେବ ୨୦୨୬। ଏବେଠୁ ଲୋକଙ୍କ ନାନା ପ୍ଲାନ୍। ପିକନିକ୍ ଏବଂ ଏକ୍ସକର୍ସନ୍ ପାଇଁ ସବୁ ଜାଗାରେ ଭିଡ଼। ନୂଆବର୍ଷରେ ଆହୁରି ଜମିବ ବଣଭୋଜି। ତେବେ ଏଥର ନୂଆବର୍ଷକୁ ଫିକା କରିପାରେ ବର୍ଷା। କାରଣ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ପାଣିପାଗବିତଙ୍କ ଆକଳନ ଅନୁସାରେ, ଡିସେମ୍ବର ୩୧ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ପରେ ଏହା ଲଘୁଚାପର ରୂପ ନେଇପାରେ। କିନ୍ତୁ ଏବେଠୁ ସବୁ କିଛି ଆକଳନ କରିବା ସମ୍ଭବପର ନୁହେଁ। ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା କମ୍ ରହିଛି। ତେବେ ସମୁଦ୍ରରେ ୭ ଦିନ ଯାଏଁ ଘୂର୍ଣ୍ଣିବଳୟ ସକ୍ରିୟ ରହିବ। କିନ୍ତୁ କେତେ ଘନୀଭୂତ ହେବ ତାହା କହିବା ମୁସ୍କିଲ। ଘୂର୍ଣ୍ଣିବଳୟ ସୃଷ୍ଟି ହୋଇନଥିବାରୁ ଏହାର ତୀବ୍ରତା ସହ ଗତିପଥ ବାବଦରେ ଏବେଠୁ କିଛି କହିହେବ ନାହିଁ। ଆଶଙ୍କା କରାଯାଉଛି ଯେ, ଘୂର୍ଣ୍ଣିବଳୟ ଯଦି ଅବପାତର ରୂପ ନିଏ ତାହାଲେ ଭାରତ ଉପରେ ଏହାର ପ୍ରଭାବ ପଡିବା ସମ୍ଭାବନା କମ୍ ରହିଛି। ଏହା ଇଣ୍ଡୋନେସିଆ କିମ୍ବା ଶ୍ରୀଲଙ୍କା ଆଡେ ମୁହାଁଇପାରେ। ତେଣୁ ସାଧାରଣ ଲୋକେ ଏବେଠୁ ଛାନିଆ ହେବା ଅନୁଚିତ। ଓଡିଶା ଉପରେ ମଧ୍ୟ ଏହାର ସେତେଟା ପ୍ରଭାବ ପଡିବ ନାହିଁ। ପୂର୍ବରୁ ନଭେମ୍ବରରେ ବଙ୍ଗୋପସାଗରରେ ଦୁଇଟି ବାତ୍ୟା ଆସିଥିଲା। ଅଧିକ ପବନ ହୋଇନଥିଲେ ବି ପ୍ରବଳ ବର୍ଷା ହୋଇଥିଲା।

ସାଇବର ଠକେଇର ଶିକାର ମହିଳା

## ପୋଷ୍ଟାଲ୍ ଖାତାରୁ ଆବାସ ଟଙ୍କା ଗାଏବ୍

କେନ୍ଦୁଝର, ୨୬।୧୨(ସଂଚାର ବ୍ୟୁରୋ): ଘଟଗାଁ ବ୍ଲକ କାସିବେଡ଼ା ଗାଁର ପ୍ରମିଳା ନାଏକ। ୨୦୨୩ ମେ' ୨୫ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଲା। ଏଥିପାଇଁ ପୋଷ୍ଟାଲ ଖାତାକୁ ଆସିଲା ପ୍ରଥମ କିସ୍ତି ୪୦ ହଜାର ଟଙ୍କା। ପୂରା ପରିବାର ଖୁସି ହୋଇଗଲେ। ପ୍ରଥମେ ୧୦ ହଜାର ଟଙ୍କା ଉଠାଇ ଘର କାମ ଆରମ୍ଭ କଲେ, ବାକି ଟଙ୍କା ଖାତାରେ ଥିଲା। ସେହି ୩୦ ହଜାର ଟଙ୍କାକୁ ପ୍ରମିଳାଙ୍କ ଅଜାଣତରେ କେହି ଉଠାଇନେଇଛନ୍ତି। ଟଙ୍କା ଉଠାଇବାକୁ ଯିବାରୁ ଏନେଇ ଜାଣିବାକୁ ପାଇ ପ୍ରମିଳା ସାଇବର୍ ଥାନା ଅଭିଯୋଗ କରିଥିଲେ। ସାଇବର ସେଲ୍ ତଦନ୍ତ ଆଳରେ ପ୍ରମିଳାଙ୍କ ବ୍ୟାଙ୍କ ଖାତାକୁ ଫ୍ରିଜ କରିଦେଇଛନ୍ତି। ଆକାଉଣ୍ଟ ଫ୍ରିଜ୍ ହୋଇଯିବାରୁ ସେଥିରେ ଜମାଥିବା ଟଙ୍କା, ସୁଭଦ୍ରା ଟଙ୍କା ଓ ପିଏମ କିଷାନ ଟଙ୍କା ବି ଉଠାଇ ପାରୁନାହାନ୍ତି। ଅନ୍ୟପଟେ ସରକାରଙ୍କ ନୂଆ ନିୟମ ପରେ ବ୍ଲକ ପକ୍ଷରୁ ୨ ମାସ ହେବ ଚାଉଳ ବନ୍ଦ କରିଦିଆଯାଇଛି। ସରକାରୀ ସ୍ତରରେ ଘଟଣାର ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ସହ ପ୍ରମିଳାଙ୍କ ବ୍ୟାଙ୍କ ଖାତାକୁ ଚାଲୁ କରିବାକୁ ଦାବି ହୋଇଛି।

# ପ୍ରତିଷ୍ଠା ଦିବସରେ ମାମଲତକାରଙ୍କୁ ନାଲିଆଖି

ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ): ବିଜେଡି ପ୍ରତିଷ୍ଠା ଦିବସରେ ନବୀନ ପଟ୍ଟନାୟକ ଉତ୍ତରାଧିକାରୀଙ୍କ ନାଁ ଘୋଷଣା ନକରି କର୍ମୀଙ୍କୁ ହତାସ କରିଛନ୍ତି। ସେପଟେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ସାଂସଦ ମୁନା ଖାଁ କାହାରି ନାଁ ନନେଇ କିଛି ନେତାଙ୍କୁ ଚେତାବନୀ ଦେବା ବିଜେଡି ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଭାତ ବିଶ୍ୱାଳ ନିଜକୁ କ୍ଷୀର ଭଳି ସଫା ଦର୍ଶାଇ କିଛି ହାରୁ ନେତାଙ୍କୁ ଟାର୍ଗେଟ କରିଥିଲେ। ଆଉ ମୁନା ଖାଁ କିଛି ନେତା ଓ ଅଫିସରଙ୍କୁ ଦୋମୁଣ୍ଡିଆ ଦୁଇ ଗୋଟିଆଙ୍କ ପ୍ରତି ବିଜୁ ବାବୁଙ୍କ ନୀତି ଆପଣେଇବାକୁ ସଭାପତିଙ୍କ ଅନୁମତି ଲୋଡିଥିଲେ।



> ଦଳୀୟ ବ୍ୟାପରରେ ମୁଣ୍ଡ ନପୂରାନ୍ତୁ ହାରୁ ନେତା : ପ୍ରଭାତ
>
> ଦୋ ମୁଣ୍ଡିଆଙ୍କୁ ସାବାଡ କରିବ ବିଜୁ ଫର୍ମୁଲା : ମୁନା ଖାଁ



୨୦୧୨ ମେ ୨୯ ବିଜେଡି ବିଭାଜନର ଅନ୍ୟତମ କାର୍ପିଟଦାର ଥିବା ପ୍ରଭାତ ବିଶ୍ୱାଳ ଆଜି ସେଦିନର ଘଟଣା ମନେପକେଇ ଏହାକୁ କିଛି ନେତୃତ୍ୱ ଲୋଭୀଙ୍କ ଚକ୍ରାନ୍ତ ବୋଲି କହିଛନ୍ତି। ପ୍ରଣବ ପ୍ରକାଶ ଦାସ, ଦେବୀ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମାଙ୍କ ଭଳି ହାରୁ ନେତାଙ୍କୁ ନାଲି ଆଖି ଦେଇ ନିଜ ନିଜ ନିର୍ବାଚନମଣ୍ଡଳୀ ବୁଝିବାକୁ ତାଗିଦ କରିଛନ୍ତି। ଦଳୀୟ ବ୍ୟାପର ବିଷୟରେ ବେଶି ମୁଣ୍ଡ ନପୂରେଇବା ଚେତାବନୀ ଦେଇଛନ୍ତି। ତାଙ୍କ କହିବାର ଅର୍ଥ ଥିଲା ଏଇ ନେତାମାନେ ହିଁ ଦଳର ନେତୃତ୍ୱ ନେବାକୁ ସେତେବେଳେ ପ୍ୟାରୀ ମହାପାତ୍ରଙ୍କୁ ନବୀନ ଦେଇଥିବା ଜାଗିରକୁ ଚୋରେଇ ନେବାକୁ ଚେଷ୍ଟା କରିଥିଲେ। ତେଣୁ ବେଶୀ ଦଳୀୟ ବ୍ୟାପରରେ ମୁଣ୍ଡ ପୂରାନ୍ତୁ ନାହିଁ, ନହେଲେ ସେମାନଙ୍କ ବିରୋଧରେ ବିଦ୍ରୋହ ଚୌଦ୍ୱାର-କଟକରୁ ଆରମ୍ଭ ହେବ।

ସେହିଭଳି ରାଜ୍ୟସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବର୍ଷିଛନ୍ତି ସାଂସଦ ମୁନା ଖାଁ। ସେ କହିଛନ୍ତି ଯେ, ବିଜେଡିରେ ଅଛନ୍ତି କିଛି ଦି ଗୋଡିଆ ଦୋ ମୁଣ୍ଡିଆ। ସେମାନଙ୍କ ବିଷୟରେ ସଭାପତିଙ୍କୁ ମୁଁ କହିଦେଇଛନ୍ତି। କାହାରି ନାଁ ନନେଇ ସେ କହିଛନ୍ତି, ଏହି ଦୋ ମୁଣିଆଙ୍କ ଦରକାର ବିଜୁ ବାବୁଙ୍କ ଫର୍ମୁଲା। ଦୁଇ ମୁଣ୍ଡିଆ ଦୁଇ ପଟେ ଚାଲାକି ଦେଖାଇଲେ ଆଉ ଚଳିବ ନାହିଁ। ଯେଉଁ ଦଳକୁ ଆମେ ପରିଶ୍ରମ କରି ଏତେ ବାଟ ପର୍ଯ୍ୟନ୍ତ ଆଣିଛୁ ସମସ୍ତଙ୍କୁ ଅନୁରୋଧ କରୁଛି, ଆସନ୍ତୁ ଆମେ ନବୀନ ବାବୁଙ୍କ ସହ ରହିବା। କାହା ଅଣ୍ଡରରେ ରହିବା ନାହିଁ। ନବୀନ ପଟ୍ଟନାୟକଙ୍କ ଅଣ୍ଡରରେ ରହିବା ଆଉ ତାଙ୍କ ନିର୍ଦ୍ଦେଶରେ କାମ କରିବା ବୋଲି ମୁନ୍ନ ଖାଁ କହିଛନ୍ତି। ସେ କହିଛନ୍ତି, ବିଜୁ ବାବୁ କହୁଥିଲେ ଯେଉଁ ଅଫିସର କାମ କରୁନି ତାଙ୍କୁ ଚାପୁଡ଼ା ମାର। ଆମ ନେତା ନବୀନ ପଟ୍ଟନାୟକ ଆମକୁ ଶାନ୍ତି ଶୃଙ୍ଖଳାର ପାଠ ପଢ଼ାଇଥିଲେ। କିନ୍ତୁ ତାହା ଏବେ ଆଉ ଚଳିବ ନାହିଁ। ଦୁଇ ମୁଣ୍ଡିଆଙ୍କୁ ଆମେ ଛାଡ଼ିବୁ ନାହିଁ। ଯାହା ହେବ ଦେଖାଯିବ। ଆମେ ବିଜୁ ବାବୁଙ୍କ ଫର୍ମୁଲା ପ୍ରୟୋଗ କରିବୁ। ପାଟିରେ କହିବିନି, ତାଙ୍କୁ ଗୋଲ କରିବୁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୦,୦୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୮,୩୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୮,୩୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୦,୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୮,୩୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୦,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୮,୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୦,୬୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୮,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୦,୦୨୦ ଓ ୧,୨୮,୩୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ହୁ ହୁ ହୋଇ ବଢ଼ୁଛି ଅଣ୍ଡା ଦର

## ଖାଉଟି ଓ ବେପାରୀ ଉଭୟଚିନ୍ତାରେ

**ନୂଆଦିଲ୍ଲୀ,୨୬।୧୨:** ସଣ୍ଡେ ହୋ ୟା ମଣ୍ଡେ ରୋଜ୍ ଖାଓ ଅଣ୍ଡେ। ହେଲେ ଏବେ ରୋଜ୍ ଅଣ୍ଡା ଖାଇବା ଆଉ ସମ୍ଭବ ନୁହେଁ। କାରଣ ଦର ଏମିତି ବଢ଼ୁଛି, ଯେ ଅଣ୍ଡା କିଣିବା ପୂର୍ବରୁ ଖାଉଟି, କେବଳ ପକେଟ୍‌ରେ ଥରେ ଦୁଇ ଥର ହାତ ବୁଲାଇ ଆଣି ସନ୍ତୁଷ୍ଟ ହୋଇଯାଉଛି। ଖାଲି ଖାଉଟି କାହିଁକି ? ବେପାରୀ ବି ଚିନ୍ତାରେ...ଦର ବଢ଼ିବା ଯୋଗୁ ବିକ୍ରି ବି କମୁଛି। ଭୁବନେଶ୍ୱରରେ ଅଣ୍ଡା ଗୋଟି ୯ ଟଙ୍କା ହେଲାଣି। ଏ ଅବସ୍ଥା କେବଳ ଭୁବନେଶ୍ୱରରେ ନୁହେଁ। ଭାରତର ଅଧିକାଂଶ ରାଜ୍ୟରେ ଏଭଳି ସ୍ଥିତି। ବିହାରର ପାଟନା ଠାରୁ ଦିଲ୍ଲୀ... ମହାରାଷ୍ଟ୍ରର ମୁମ୍ବାଇ ଠାରୁ ଝାଡ଼ଖଣ୍ଡର ରାଞ୍ଚି ସବୁଠି ଅଣ୍ଡା ଦରବୃଦ୍ଧି ଚିନ୍ତା। ଖୁଚୁରା ମାର୍କେଟ୍ର ଗୋଟି ୯ ଟଙ୍କା। ଶୀତ ଦିନରେ ଅଣ୍ଡା ଦର ଏତେ ବଢ଼ିବା ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସାଧାରଣତଃ ଅଣ୍ଡା ଦର ୭ ଟଙ୍କାରେ ବିକ୍ରି ହେଉଥିଲା। ହେଲେ ଶୀତରେ ଏହା ଟଙ୍କାଟେ ବଢ଼ି ୮ ଟଙ୍କା ଓ ୮.୫୦ ହେଲା। ଆଉ ଏବେ ୯ ଟଙ୍କା ଗୋଟିଏ ଅଣ୍ଡାର ଦାମ। ଡିସେମ୍ବର ମାସ ଯାଉଛି ଜାନୁଆରୀ ଆସୁଛି। ଅଣ୍ଡା ଦର ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଅଗଷ୍ଟ ଏବଂ ସେପ୍ଟେମ୍ବର ତୁଳନାରେ, ଅନେକ ବଜାରରେ ଅଣ୍ଡା ମୂଲ୍ୟ ପୂର୍ବରୁ ହିଁ ୨୫ ରୁ ୫୦% ବୃଦ୍ଧି ହୋଇଛି। ମାର୍କେଟ୍ର ଗତିକୁ ଦେଖି ବ୍ୟବସାୟୀମାନେ କହିଛନ୍ତି, ଯେହେତୁ ଶୀତ ଆଉ କିଛିଦିନ ରହିଛି ତେଣୁ ଅଣ୍ଡା ଦର ଫ୍ଲକଚୁଏଟ୍ ହୋଇପାରେ। ମୂଲ୍ୟ ସ୍ଥିର ରହିପାରେ କିମ୍ବା ସ୍ୱଳ୍ପ ସମୟ ପାଇଁ ଆହୁରି ବଢ଼ିପାରେ।

**କ'ଣ କହିଲେ ଏକ୍ସପର୍ଟ ?** କୁକୁଡ଼ା ଚାଷ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଅଣ୍ଡା ଦରରେ ଏହି ବୃଦ୍ଧି ହଠାତ୍ ନୁହେଁ। ଗତ ବର୍ଷ, କିଛି ଅଞ୍ଚଳରେ ଯୋଗାଣ ଏତେ କମ୍ ଥିଲା ଯେ ଗ୍ରାହକମାନେ ଅଣ୍ଡା ଖୋଜିଲେ ବି ମିଳୁ ନଥିଲା। ସବୁ ଦର ବଢ଼ୁଛି ହେଲେ ଅଣ୍ଡା ଦର ଦୀର୍ଘ ସମୟ ଧରି ସ୍ଥିର ରହିଥିଲା। ତେବେ ଚଳିତ ବର୍ଷ ଏହି ବୃଦ୍ଧି ବଜାର ମୂଲ୍ୟର ସଂଶୋଧନ ବୋଲି ବିଶେଷଜ୍ଞ କହିଛନ୍ତି। ଭୁବନେଶ୍ୱରରେ ବ୍ୟବସାୟୀଙ୍କ କହିବା କଥା ହେଲା ଡିମାଣ୍ଡ ଅନୁସାରେ ସପ୍ଲାଏ ହେଉ ନାହିଁ, ତେଣୁ ମୂଲ୍ୟ ବଢ଼ୁଛି। ତେଣୁ ଅଣ୍ଡା ଦର ବୃଦ୍ଧିର ବଡ଼ କାରଣ ହେଲା ଏହାର ପ୍ରବଳ ଡିମାଣ୍ଡ। ଅନ୍ୟ ରାଜ୍ୟ କଥା ଦେଖିଲେ ଉତ୍ତର ପ୍ରଦେଶର କୁକୁଡ଼ା ସଂଘର ସଭାପତି ଆଡଭୋକେଟ୍ ନବାବ ଆକବର ଅଲି କହିଛନ୍ତି, ଡିସେମ୍ବର ଆରମ୍ଭ ହେବା ମାତ୍ରେ ଅଣ୍ଡାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଏ।। ଏହି ଟ୍ରେଣ୍ଡ କେବଳ ଗୋଟିଏ ସହରର କିମ୍ବା ରାଜ୍ୟରେ ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଦେଖାଯାଏ। ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟରେ ଡିସେମ୍ବର ମାସରେ ଯେତିକି ଡିମାଣ୍ଡ ରହିଛି, ତା ଠାରୁ ସପ୍ଲାଏ ବହୁତ କମ ରହୁଛି। ତେଣୁ ରାଜ୍ୟରେ ଅଣ୍ଡାର ଖୁଚୁରା ମୂଲ୍ୟ ୮ରୁ ୧୦ ଟଙ୍କା ରହିଛି। ହେଲେ ହୋଲ୍ସେଲରେ ଅଣ୍ଡା ଗୋଟି ୭.୫ ଟଙ୍କା ରହିଛି। ଡିମାଣ୍ଡ-ସପ୍ଲାଏ କମ୍ ବେଶି ହେଉଥିବା ବେଳେ ଟ୍ରାନ୍ସପୋର୍ଟ ଖର୍ଚ୍ଚ ଦର ବୃଦ୍ଧିକୁ ଆହୁରି ବଢ଼ାଇ ଦେଉଛି। ତେଣୁ ବଜାର ପର୍ଯ୍ୟବେକ୍ଷକମାନେ କହିଛନ୍ତି ହୋଲ୍ସେଲ୍ ମୂଲ୍ୟରେ ପ୍ରତି ଅଣ୍ଡାରେ ଆହୁରି ୧୫ ରୁ ୨୦ ପଇସା ବଢ଼ିପାରେ। ତେବେ ଫେବୃଆରୀ ମାସରୁ ଅଣ୍ଡା ଦର ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଦର ବୃଦ୍ଧିରେ କୃଷକ ଖୁସି, କହିଲେ ଦର ଠିକ୍ ଅଛି ଇଣ୍ଡଷ୍ଟ୍ରୀ ଲିଡରଙ୍କ କହିବା କଥା ହେଲା ୮ ଟଙ୍କାରେ ମିଳୁଥିବା ଅଣ୍ଡାକୁ ମହଙ୍ଗା କୁହାଯାଇପାରିବ ନାହିଁ। କୁକୁଡ଼ା ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ରଣପାଲ ଧଣ୍ଡା କହିଛନ୍ତି ଯେ ଏହି ଦର କୁକୁଡ଼ା ଚାଷୀମାନଙ୍କୁ କିଛିମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି।



## ଭାରତରେ ଏବେ ୧୦୦୦୦୦ ପେଟ୍ରୋଲ ପମ୍ପ

ନୂଆଦିଲ୍ଲୀ,୨୬।୧୨: ଦେଶରେ ୧ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ସହ ଭାରତ ଦୁନିଆର ତୃତୀୟ ସବୁଠୁ ବଡ଼ ଫୁଏଲ ରିଟେଲ ମାର୍କେଟ ହୋଇଛି। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିମସି)ର ରିପୋର୍ଟ ଅନୁସାରେ, ନଭେମ୍ବର ଶେଷ ସୁଦ୍ଧା ଦେଶରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୦୦, ୨୬୬ରେ ପହଞ୍ଚିଛି। ସୂଚନା ଅନୁସାରେ, ଜାତୀୟ ରାଜପଥ ଏବଂ ଗ୍ରାମୀଣ ଅଞ୍ଚଳରେ ବଢ଼ୁଥିବା ଚାହିଦାକୁ ପୂରଣ କରିବା ପାଇଁ ସରକାର ଏବଂ ଘରୋଇ କମ୍ପାନିମାନେ ଗତ ଏକ ଦଶନ୍ଧିରେ ସେମାନଙ୍କର ନେଟଓ୍ୱର୍କକୁ ପ୍ରାୟ ଦୁଇଗୁଣା କରିଛନ୍ତି। ବର୍ତ୍ତମାନ ସବୁଠୁ ଅଧିକ ପେଟ୍ରୋଲ ପମ୍ପ ଥିବା ଦେଶଙ୍କ ମଧ୍ୟରେ ୧ ନମ୍ବରରେ ରହିଛି ଆମେରିକା। ତା' ପଛକୁ ରହିଛି ଚୀନ। ଆମେରିକାରେ ସବୁଠୁ ଅଧିକ ପେଟ୍ରୋଲ ପମ୍ପ ସୂଚନାଥାଉକି, ଦୁନିଆରେ ସବୁଠୁ ବଡ଼ ପେଟ୍ରୋଲ ପମ୍ପ ନେଟଓ୍ୱର୍କ ଆମେରିକାରେ ରହିଛି। ଅବଶ୍ୟ ଆମେରିକାରେ ବର୍ତ୍ତମାନ କେତେ ପେଟ୍ରୋଲ ପମ୍ପ ରହିଛି ? ତାହାର ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ। କିନ୍ତୁ ୨୦୨୪ର ଏକ ରିପୋର୍ଟ ଅନୁସାରେ ଦେଶରେ ରିଟେଲ ପେଟ୍ରୋଲ ପମ୍ପର ସଂଖ୍ୟା ୧,୯୬, ୬୪୩ ରହିଥିଲା। ସେବେଠାରୁ କିଛି ପମ୍ପ ବନ୍ଦ ମଧ୍ୟ ହୋଇଥିବ। ସେହିଭଳି ଗତ ବର୍ଷର ଏକ ରିପୋର୍ଟ ଅନୁସାରେ ଚୀନ୍ରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୧୫, ୨୨୮ ଥିଲା। ୩୦,୦୦୦ରୁ ଅଧିକ ପମ୍ପ ସହ ଚୀନ୍ କମ୍ପାନି ଚାଇନା ପେଟ୍ରୋକେମିକାଲ୍ସ କର୍ପୋରେସନ (ସିନୋପେକ) ସହ ସେଠିକାର ସବୁଠୁ ବଡ଼ ରିଟେଲର। ହେଲେ ଭାରତର ଏଲଓସି ର ନେଟଓ୍ୱର୍କ (୪୧, ୬୬୪) ସିନୋପେକ ଠାରୁ ମଧ୍ୟ ଅଧିକ ବଡ଼। ୧୦ ବର୍ଷରେ ପେଟ୍ରୋଲ ପମ୍ପର ସଂଖ୍ୟା ୨ ଗୁଣ ଦେଶରେ ପେଟ୍ରୋଲ ପମ୍ପ ନେଟୱାର୍କ ଖୁବ୍ ଦ୍ରୁତ ଭାବରେ ବଢ଼ୁଛି। ୨୦୧୫ରେ ଭାରତରେ ମୋଟ ୫୦, ୪୫୧ ପେଟ୍ରୋଲ ପମ୍ପ ଥିଲା, ଯାହା ଏବେ ୨୦୨୫ ଶେଷ ସୁଦ୍ଧା ବଢ଼ି ୧ ଲକ୍ଷରୁ ଅଧିକ ହୋଇଛି। ଏହି ବିସ୍ତାରରେ ସରକାରୀ କମ୍ପାନିଙ୍କ ସହ ଘରୋଇ କମ୍ପାନି ମଧ୍ୟ ନିଜର ଯୋଗଦାନ ବଢ଼ାଇଛନ୍ତି। ଘରୋଇ କମ୍ପାନିରଙ୍କ ମାର୍କେଟ ସେୟାର ୨୦୧୫ରେ କେବଳ ୫.୯% ଥିଲା। ଯାହା ଏବେ ବଢ଼ି ୯.୩% ହୋଇଛି।




## ବଢ଼ିଲା ରେଳ ଭଡ଼ା, ଜନତାଙ୍କୁ ପୁଣି ମହଙ୍ଗା ମାଡ଼



ନୂଆଦିଲ୍ଲୀ,୨୬।୧୨: ବଢ଼ିଲା ରେଳ ଭଡ଼ା। ଏନେଇ ଆଜି ଭାରତୀୟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର (ଡିସେମ୍ବର ୨୬) ଠାରୁ ବର୍ଦ୍ଧିତ ଦର ଲାଗୁ ହେବ ବୋଲି ରେଳବାଇ କହିଛି। ଚଳିତ ବର୍ଷ ଏହା ଦ୍ୱିତୀୟ ଭଡ଼ା ବୃଦ୍ଧି। ଏହା ପୂର୍ବରୁ ଜୁଲାଇ ମାସରେ ବି ଭଡ଼ା ବଢ଼ାଇଥିଲା ଭାରତୀୟ ରେଳବାଇ।

ତେବେ ଡିସେମ୍ବର ୨୬ ପୂର୍ବରୁ ଟିକେଟ ବୁକ୍ କରିଥିବା ଯାତ୍ରୀମାନଙ୍କଠାରୁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ କି ବର୍ଦ୍ଧିତ ଦର ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ବୋଲି ରେଳବାଇ ସ୍ପଷ୍ଟ କରିଛି। ସୂଚନା ଥାଉକି ଡିସେମ୍ବର ୨୧ ତାରିଖରେ, ରେଳବାଇ ଦୀର୍ଘ ଦୂର ଯାତ୍ରା ପାଇଁ ରେଳ ଭଡ଼ା ବୃଦ୍ଧି ଘୋଷଣା କରିଥିଲା। ଯାହା ଡିସେମ୍ବର ୨୬ ତାରିଖରୁ ଲାଗୁ ହେଉଛି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରେଳ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇ ଆଣ୍ଡ ପି) ଦିଲୀପ କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଡିସେମ୍ବର ୨୬ ତାରିଖରେ କିମ୍ବା ତା'ପରେ ଟିଟିଇଙ୍କ ଦ୍ୱାରା ଜାରି କରାଯାଇଥିବା ଟିକେଟରେ ବର୍ଦ୍ଧିତ ଭଡ଼ା ଲାଗୁ ହେବ।

ନୂଆ ଦର ଅନୁସାରେ, ୨୧୫ କିଲୋମିଟରରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଏବେ ପ୍ରତି କିଲୋମିଟରପାଇଁ ୧ ରୁ ୨ ପଇସା ଅଧିକ ଦେବାକୁ ପଡିବ। ରେଳବାଇ ଆକଳନ ଅନୁସାରେ, ଏହି ପରିବର୍ତ୍ତନ ଯୋଗୁ ବାର୍ଷିକ ୬୦୦ କୋଟି ଅତିରିକ୍ତ ରାଜସ୍ୱ ମିଳିବ।

ତେବେ ୨୧୫ କିଲୋମିଟରରୁ କମ୍ ଯାତ୍ରା କରୁଥିବା ଏବଂ ମାସିକ ସିଜନ୍ ଟିକେଟଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରଖାଯାଇଛି। ସେମାନଙ୍କ ପାଇଁ କୌଣସି ଭଡ଼ା ବଢ଼ିବ ନାହିଁ।

ତେବେ କାହିଁକି ଭଡ଼ା ବଢ଼ାଇଲା ରେଳବାଇ ?

ରେଳ ମନ୍ତ୍ରଣାଳୟର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଟ୍ରେନ୍ ପରିଚାଳନାରେ ଖର୍ଚ୍ଚ ବଢ଼ିଛି। ତେଣୁ ଖର୍ଚ୍ଚକୁ ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଏହି ଭଡ଼ା ବୃଦ୍ଧି କରାଯାଇଛି।

ରେଳବାଇ ଏହାର ସେବାକୁ ଉନ୍ନତ କରିବା, ନୂଆ ଟ୍ରେନ୍ ପ୍ରଚଳନ କରିବା ଏବଂ ଷ୍ଟେସନଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି।

ତେଣୁ ଅଧିକ ପାଣ୍ଠିର ଆବଶ୍ୟକ ହେଉଛି। ଏହି ଭଡ଼ା ବୃଦ୍ଧି ଦ୍ୱାରା ସଂଗ୍ରହ ହେଉଥିବା ୬୦୦ କୋଟି ଅତିରିକ୍ତ ରାଜସ୍ୱ ଏହି ଉଦ୍ଦେଶ୍ୟରେ ବିନିଯୋଗ ହେବ। ରେଳବାଇ ଦେଶର ଦ୍ୱିତୀୟ ବୃହତ ନିଯୁକ୍ତିଦାତା ଏବଂ ଏହାର ନେଟୱାର୍କ ବଜାୟ ରଖିବା ଅତ୍ୟନ୍ତ ମହଙ୍ଗା। ତେଣୁ ଦର ବୃଦ୍ଧି ଏହାର କାରଣ।

ଏହା ପୂର୍ବରୁ, ଚଳିତ ବର୍ଷ ଜୁଲାଇ ୧ ତାରିଖରେ ସରକାର ରେଳ ଭଡ଼ା ବୃଦ୍ଧି କରିଥିଲେ। ନନ୍-ଏସି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ଭଡ଼ା ପ୍ରତି କିଲୋମିଟର ପାଇଁ ୧ ପଇସା ଏବଂ ଏସି କ୍ଲାସ ଭଡ଼ା ପ୍ରତି କିଲୋମିଟର ପାଇଁ ୨ ପଇସା ବୃଦ୍ଧି କରାଯାଇଥିଲା। ପୂର୍ବରୁ ୨୦୨୦ ମସିହାରେ ଯାତ୍ରୀ ଭଡ଼ା ବୃଦ୍ଧି କରାଯାଇଥିଲା।

## ଭାରତୀୟଙ୍କ ପସନ୍ଦ ରୁଷ ମଦ

# ୧୦ ମାସରେ ପିଇଛନ୍ତି ୫୨୦ ଟନ୍

ନୂଆଦିଲ୍ଲୀ: ଭାରତରେ ରୁଷ ମଦର ଚାହିଦା ବଢ଼ିଛି । ଏହାର ଅନୁମାନ ଏଥିରେ କରାଯାଇପାରେ ଯେ, ୨୦୨୫ର ପ୍ରଥମ ମାସରେ ଭାରତରେ ୫୨୦ ଟନ୍ ହ୍ୱିସ୍କି, ଜିନ୍, ଭୋଡକା ଏବଂ ଅନ୍ୟ ପ୍ରଡକ୍ଟ ଆମଦାନୀ ହୋଇଛି। ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୪ ଗୁଣ ଅଧିକ। ଏକ ଗଣମାଧମ ରିପୋର୍ଟ ଅନୁସାରେ, ଏବର୍ଷ ପ୍ରଥମ ୧୦ ମାସରେ ଭାରତକୁ ରୁଷ ସ୍ପିରିଟର ରପ୍ତାନୀ, ଗତ ବର୍ଷର ଏହି ଅବଧି ତୁଳନାରେ ପ୍ରାୟ ଚାରି ଗୁଣ ବୃଦ୍ଧି ହୋଇଛି। ଏହାଦ୍ୱାରା ଭାରତ ରୁଷ ରପ୍ତାନିକାରୀଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ ବିକଶିତ ବଜାର ହୋଇଛି। ରୁଷ କୃଷି ମନ୍ତ୍ରଣାଳୟର ସଂଘୀୟ କୃଷି ରପ୍ତାନୀ ବିକାଶ କେନ୍ଦ୍ର (ଏଗ୍ରୋଏକ୍ସପୋର୍ଟ)ର ତଥ୍ୟର ଉଦ୍ଧୃତି ଦେଇ ପ୍ରମୁଖ ଆର୍ଥିକ ଏବଂ ବାଣିଜ୍ୟିକ ସମ୍ବାଦପତ୍ର 'ବେଦୋମୋସ୍ତୀ' କହିଛି ଯେ, ଭାରତ ଭୋଡକା ଏବଂ ଅନ୍ୟ ମାଦକ ପେୟ ପଦାର୍ଥର ରପ୍ତାନୀରେ ରୁଷ ରପ୍ତାନିକାରୀ ଭାରତୀୟ ବଜାର ଖୁବ୍ ଆକର୍ଷଣୀୟ ରହିଆସିଛି। ରିପୋର୍ଟରେ କୁହାଯାଇଛି, ୨୦୨୫ ପ୍ରଥମ ୧୦ ମାସରେ ରୁଷ ସ୍ପିରିଟ



ଉତ୍ପାଦକ ଭାରତକୁ, ପ୍ରାୟ ୫୨୦ ଟନ୍ ସ୍ପିରିଟ୍ (ଭୋଡକା, ଜିନ୍, ହ୍ୱି ସ୍କି ଏବଂ ଲିକର ସମେତ)ର ରପ୍ତାନୀ କରିଛନ୍ତି। ଯାହାର ମୂଲ୍ୟ ୯ ଲକ୍ଷ ଆମେରିକା ଡଲାର ରହିଥିଲା। ଏହା ଗତ ବର୍ଷର ଏହି ଅବଧି ତୁଳନାରେ ଓଜନ ହିସାବରେ ତିନି ଗୁଣା ଏବଂ ଆର୍ଥିକ ଭାବରେ ଚାରି ଗୁଣ ଅଧିକ। ଆଗ୍ରୋଏକ୍ସପୋର୍ଟର ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ଭୋଡକା ରୁଷରୁ ଆସିଛି। ଆର୍ଥିକ ଦୃଷ୍ଟିରୁ ଏହି ୧୦ ମାସରେ ଏହାର ରପ୍ତାନୀର ମୂଲ୍ୟ ପ୍ରାୟ ୭୬୦,୦୦୦ ଆମେରିକୀୟ ଡଲାର ଥିଲା। ଅବଶ୍ୟ ଜାନୁଆରୀରେ ଅକ୍ଟୋବର ପର୍ଯ୍ୟନ୍ତ ରୁଷରୁ ମଦ ଆମଦାନୀକାରୀ କରୁଥିବା ସବୁଠୁ ବଡ଼ ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ କେବଳ ୧୪ ଥିଲା। ଟନ୍ ହିସାବରେ ଏହାର ଅଂଶ ୧.୩ ପ୍ରତିଶତ ଏବଂ ଆୟ ହିସାବରେ ୧.୪-୧.୫ ପ୍ରତିଶତ ଥିଲା। ଏହା ସତ୍ତ୍ୱେ ବି ରପ୍ତାନୀର ବୃଦ୍ଧି ହାର ସବୁଠୁ ଅଧିକ ରହିଥିଲା। ରୁଷ ମଦର ଅନ୍ୟ ପ୍ରମୁଖ ଆମଦାନିକାରୀଙ୍କ ମଧ୍ୟରେ କଜାକିସ୍ତାନ, ଜର୍ଜିଆ, ଚୀନ, ଅଜରବାଇଜାନ, ଆର୍ମେନିୟା ଏବଂ ବେଲାରୁଷ ରହିଛନ୍ତି।

## ଠାକୁର ଅଭିରାମ ପରମହଂସଙ୍କ ଆଶ୍ରମ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ



**କଣାସ,୨୬।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଧାମ ଆନନ୍ଦ ଆଶ୍ରମରେ ଆଜି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ହଠାତ ପହଁଚି ଠାକୁରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ବୁଲି ଦେଖିଥିଲେ। ଓ ସନ୍ୟାସୀ ମାନଙ୍କ ସହିତ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜାନୁଆରୀ ମାସ ୧୬/୧୭/୧୮ତାରିଖରେ ହେବାକୁ ଥିବା ଠାକୁର ଅଭିରାମ ପରମହଂସଙ୍କ ୧୨୩ ତମ ଜନ୍ମ ଜୟନ୍ତୀ ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ କିପରି ଜନ୍ମ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ ଭକ୍ତମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ପାଇଁ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ସହିତ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଅତିରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, ପାନୀୟ ଜଳ ଯୋଗାଣ ଉଚ୍ଚ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ ଓ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଥିଲେ।

## ଗୋପୀନାଥପୁରରେ ବୋମାମାଡ଼, ତିନି ଆହତ



**କଣାସ,୨୬।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦାଥାନା ପରିସରଭୁକ୍ତ ଗୋପୀନାଥପୁର ଗ୍ରାମରେ ଜମିରେ ପାଣିମଡାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗତ କାଲି ସଂନ୍ଧ୍ୟାରେ ବଚସା ହୋଇଥିଲା। ଆଜି ପ୍ରଭାତରୁ ଦିଲ୍ଲୀପ ପ୍ରଧାନ ଚା ପିଇବାକୁ ଯାଉଥିବାବେଳେ ଅନ୍ୟ ପରିବାରର ଟୁଲୁ ପ୍ରଧାନ ତିନୋଟି ବୋମା ମାଡ କରିଥିଲେ। ଯାହାଦ୍ୱାରାକି ଦିଲ୍ଲୀପ ପ୍ରଧାନ ଓ ପ୍ରକାଶ ପ୍ରଧାନ ଦୁଇ ଭାଇ ସାମାନ୍ୟ ଆହତ ହୋଇଥିବାବେଳେ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ ମଧ ବୋମା ମାଡରେ ଆହତ ହୋଇଥିଲେ। ତିନି ଆହତ ବ୍ୟକ୍ତି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଘଟଣା ସ୍ଥଳରେ ପହଁଚି ବୋମା ପକାଇଥିବା ଟୁଲୁ ପ୍ରଧାନକୁ ଧରି ଆଣି ଗଡ଼ିଶାଗୋଦା ଥାନାରେ ଅଟକ ରଖିଛନ୍ତି। ପ୍ରକାଶ ପ୍ରଧାନ ବୋମା ମାଡ ସମ୍ପର୍କରେ ଗଡ଼ିଶାଗୋଦା ଥାନାରେ ଏତଲା ଦେବା ପରେ ଗଡ଼ିଶାଗୋଦାଥାନା ଆଇଆଇସି ଗଡ଼ିଶାଗୋଦା ଥାନା କେସ ନମ୍ବର ୨୦୮/୨୦୨୫ ଏକ ମକଦମା ରୁଜ କରି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ ଟିମ ଆସି ପରୀକ୍ଷା ନିରୀକ୍ଷା କରି ଫେରି ଯାଇଛନ୍ତି।

## ଅଟଳ ସେନାର ପ୍ରତିଷ୍ଠା ଦିବସ ଓ ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳିତ

**ସାଲେପୁର,୨୬।୧୨ (ସଂଚାର ବ୍ୟୁରୋ):**ଅଟଳ ସେନାର ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମଜୟନ୍ତୀ ଉତ୍ସବ ସାଲେପୁର ମଧୁମଣ୍ଡପଠାରେ ପାଳିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡଃ ସତ୍ୟକାମ ମିଶ୍ର ଯୋଗଦେଇ ବାଜପେୟୀଙ୍କ ଜୀବନଦର୍ଶନକୁ ପାଥେୟ କରି ନିଜକୁ ଗଢ଼ିତୋଳିବାକୁ ଅଟଳ ସୈନିକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପର ପ୍ରାକ୍ତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇ ଅଟଳଜୀଙ୍କୁ ତ୍ୟାଗର ପ୍ରତୀକ



ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଡଃ ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ। ବୁଦ୍ଧିଜୀବୀ ସଂଘର ରାଜ୍ୟ ସଭାପତି ଡଃ ଉମେଶ ଚନ୍ଦ୍ର ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ କବି ତଥା ଲେଖକ ବିରଜା ରାଉତରାୟଙ୍କୁ ଅଟଳ ସାରସ୍ୱତ ସମ୍ମାନ, ବିଶିଷ୍ଟ ସମାଜସେବୀ ହରିଶ ଜେନାଙ୍କୁ ଅଟଳ ଜ୍ୟୋତି, ବିଶିଷ୍ଟ ଟେରାକୋଟା ଶିଳ୍ପୀ ଧର୍ମେନ୍ଦ୍ର ବେହେରାଙ୍କୁ ଅଟଳରତ୍ନ ଓ ସହୀଦ ଗୋପିନାଥ ମହାରଣାଙ୍କୁ ମରଣୋତ୍ତର ଅଟଳ ବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବାଜପେୟୀଙ୍କ ଜୀବନୀ ସମ୍ପର୍କରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମାଜସେବାକୁ ଜୀବନର ବ୍ରତ କରିଛନ୍ତି ତ୍ରିଲୋଚନ ଓ ସାଥୀ

**କାକଟପୁର/ଅସ୍ତରଙ୍ଗ,୨୬।୧୨ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ପୋଷିବା ପାଇଁ କୌଣସି ନା କୌଣସି ବୃତ୍ତିରେ ଥାଆନ୍ତି। କିନ୍ତୁ ଏମିତି କେତେ ଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପେସାରେ ଥାଇ ବି ବଳକା ସମୟରେ ଜନସେବାକୁ ଜୀବନର ବ୍ରତ ବୋଲି ମନେ କରି ନିଜସ୍ୱ ଉଦ୍ୟମରେ କିଛି ନିଆରା କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ଯେଉଁଠି ମଣିଷ ଆପଣାକୁ ଦେଖେ ନାହିଁ, ସେଇଠି ରାସ୍ତାରେ ବୁଲୁଥିବା ଗରିବ ଅସହାୟ ଓ ବୁଲା ଗାଈ ଗୋରୁ କଥା ପଚାରେ କିଏ ? ମନକୁ କଷ୍ଟ ହେଲେ ସେମାନେ କାହାକୁ କହି ପାରନ୍ତି ନାହିଁ। ଭୋକରେ ଦିନ ରାତି ବାହାରେ କାଳାତିପାତ କରୁଥିବା ବୁଲା ଗାଈଗୋରୁଙ୍କ ସୁରକ୍ଷା ଓ ଆହାର ଦେବା ପାଇଁ ଯେମିତି ଭଗବାନ ପାଲଟିଛନ୍ତି ତ୍ରିଲୋଚନ ମହାନ୍ତି ଓ ଯୁବ ସାଥୀମାନେ।



ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମର ତ୍ରିଲୋଚନ ମହାନ୍ତି ସମାଜ ସେବାକୁ ବ୍ରତ କରିଥିବା ବେଳେ ତାଙ୍କର ସହଯୋଗୀ ନଗର ଗ୍ରାମ ପଂଚାୟତର ଯଯାତି ପଲାଉରୀ, ରାଜୀବ ପଲାଉରୀ, କାହ୍ନା, ସୁଶାନ୍ତ ସାହୁ, ଈଶ୍ୱର ମହାରଣା, ସୁଧାର ବେହେରା, ପିଣ୍ଟୁ ମହାନ୍ତି ସମେତ ଯୁବକମାନେ ନିଜ ସ୍ୱଳ୍ପ ରୋଜଗାରରେ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରିବାରୁ ଆରମ୍ଭ କରିଥିଲେ ସମାଜ ସେବା କାର୍ଯ୍ୟ। ଯାହାକି ଲୋକଙ୍କ ସ୍ନେହ, ଆଶୀର୍ବାଦରେ ଯୁବ ସମାଜ ସେବୀମାନେ ଏକ ଅଟୋ ରିକ୍ସା କରି ଅସ୍ତରଙ୍ଗ ମୁଖ୍ୟ ବଜାରରେ ବୁଲା ଗାଈ ଗୋରୁଙ୍କୁ ରାତିରେ ଖାଦ୍ୟ ଦେଉଛନ୍ତି ପ୍ରତ୍ୟେକ ଦିନ। ସହଯୋଗ ଓ ସମର୍ପଣ ଭାବ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସେମାନେ ଆଉ ସାଉଣ୍ଟୁଛନ୍ତି ପ୍ରଶଂସା। ରାତି ହେଉ କି ଦିନ, ମେଡିକାଲରେ ଚିକିତ୍ସାଧୀନ ଓ ସାହାଯ୍ୟ ଚାହୁଁଥିବା ରୋଗୀଟିଏ ଯେବେ ତ୍ରିଲୋଚନ ମହାନ୍ତିଙ୍କ ସାହାଯ୍ୟ ଖୋଜନ୍ତି ଆଖି ପିଛୁଳାକେ ପହଂଚି ଯାଆନ୍ତି ଯୁବବନ୍ଧୁମାନେ। ଗୋପବନ୍ଧୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ପ୍ରାଥମିକତା ଦେଇଥାଆନ୍ତି।

ନିକଟରେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ପରିବାର ଲୋକଙ୍କ ନିକଟରେ ପହଂଚାଇବା ମାନବିକତାର ପରିଚୟ ଦେଇଛନ୍ତି। ବର୍ତ୍ତମାନ ସମାଜରେ ଯୁବ ପିଢ଼ି ମାନଙ୍କ ମଧ୍ୟରୁ ଅନେକ ଯୁବକ ଜୀବନ ଜୀବିକା ପାଇଁ ଚାକିରି ପଛରେ ଧାଉଁଥିବା ବେଳେ ତ୍ରିଲୋଚନ ମହାନ୍ତି ଓ ସାଥୀ ଯୁବକମାନେ ନିଜର କର୍ମମୟ ଜୀବନରୁ କିଛି ସମୟ ବାହାର କରି ଗୋସେବା ଓ ଅସହାୟ ବ୍ୟକ୍ତିଙ୍କ ସେବାରେ ନିଜକୁ ସମର୍ପିତ କରିବା ନିଶ୍ଚୟ ସମାଜ ପାଇଁ ଏକ ବିରଳ ଉଦାହରଣ।

## ୧୩ ଦଫା ଦାବି ନେଇ ଡାକ୍ତରମାନଙ୍କ ଏକ ଘଣ୍ଟା ବହିର୍ବିଭାଗ ବନ୍ଦ ପାଳନ

**ଧାମନଗର,୨୬।୧୨ (ସଂଚାର ବ୍ୟୁରୋ):** ଓମ୍ସା ଭଦ୍ରକ ଶାଖା ପକ୍ଷରୁ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ସୂଚନା ରୋଗୀ ସେବା ଡାକ୍ତର ମାନଙ୍କ ଧର୍ମ: କିନ୍ତୁ ରୋଗୀ ସେବାକୁ ଗୁରୁତ୍ୱ ଦେଇ ମାତ୍ର ଏକ ଘଣ୍ଟା ବହିର୍ବିଭାଗ ବନ୍ଦ କରିବା ପାଇଁ ବାଧ ହେଉଛୁ। ଦାବି ପୂରଣ ନହେବା ଯାଏ ଏହା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ସୂଚନା ଦେଇଛନ୍ତି। ତେବେ ଡାକ୍ତର ମାନଙ୍କର ଦୀର୍ଘ ଦିନ ଧରି ବିଭିନ୍ନ ଦାବି ପୂରଣ କରିବା ପାଇଁ ବାରମ୍ବାର ସରକାରଙ୍କୁ ଅନୁରୋଧ କଲେ ମଧ ସରକାର ଅଣଦେଖା ଓ ପ୍ରତାରଣା କରିଚାଲିଛନ୍ତି। ସାରା ରାଜ୍ୟରେ ମଞ୍ଜୁରୀ ପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ି ରହିଛି। ଡାକ୍ତର ମାନଙ୍କର ପଦବୀ





ପୂରଣ ସମେତ ୧୩ ଦଫା ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନ ଜୋର ଧରିଲାଣି। ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସ ପକ୍ଷରୁ ଡିସେମ୍ବର ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ୧୦ଟାରୁ ୧୧ଟା ଏକ ଘଣ୍ଟା ଧରି ବହିର୍ବିଭାଗ ବନ୍ଦ ପାଳନ ଆରମ୍ଭ କରିଛନ୍ତି। ଆଜି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏହି ଘଣ୍ଟାଏ ବନ୍ଦ କାର୍ଯ୍ୟକ୍ରମରେ ଡାକ୍ତର ମନମୟ ସାମନ୍ତ ସିଂହାର, ଡାକ୍ତର ଶିବାନନ୍ଦ ମହାନ୍ତି, ଡାକ୍ତର ମାଝୀ ମାଝି, ଡାକ୍ତର କାମିନୀ ପ୍ରମୁଖ ଉପସ୍ଥିତ ରହି ବନ୍ଦ ପାଳନ ଆରମ୍ଭ କରିଛନ୍ତି।

### ନୟାଗଡ଼ ଜିଲ୍ଲା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କୁ ମତୁଆଲା କଲେ ମାଟିର ଝିଅ ବର୍ଣ୍ଣାଳି

**ନୟାଗଡ଼,୨୬।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମହୋତ୍ସବ ତଥା ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ଦ୍ୱିତୀୟ ସନ୍ଧ୍ୟା ବେଶ ଆକର୍ଷଣୀୟ ହୋଇଛି। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ

**ଦର୍ଶକମାନଙ୍କୁ ହସାଇ ହସାଇ ନାକେଦମ୍ କଲେ ଶଙ୍କର ଓ ପ୍ରଜ୍ଞା**

ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଦ୍ୱିତୀୟ ସଂନ୍ଧ୍ୟାରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ।





ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଜିଲ୍ଲା ମହୋତ୍ସବ ହେଉଛି ହିସାବ ନିକାଶର ସ୍ଥାନ। ଜିଲ୍ଲାର ଉନ୍ନତି ହିଁ ଜିଲ୍ଲା ମହୋତ୍ସବରୁ ପ୍ରତିପାଦିତ ହୁଏ। ଗୋଟିଏ ଅଞ୍ଚଳର ଉତ୍ସବ ଐକ୍ୟ ଭାବକୁ ସାମ୍ନାକୁ ଆଣେ। ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ସୁଦୃଢ଼ ହୁଏ, ସେହି ଅଞ୍ଚଳର ବିକାଶ ସେତେ ମଜବୁତ୍ ହୁଏ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲି ପ୍ରଧାନ, ସଂଯୁକ୍ତା ପଢ଼ିଆରୀ, ଚିନ୍ମୟୀ ଦାଶ, ଉଜ୍ଜ୍ୱଳ ମହାରଣା, ନୟାଗଡ଼ ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଆଜିର ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ମାଟିର ଝିଅ ବର୍ଣ୍ଣାଳି ହୋତା ଓ ଗ୍ରୁପ ଦ୍ୱାରା ଦର୍ଶକ ବିମୋହିତ ହୋଇଥିଲେ। କମେଡି ଷ୍ଟାର ପ୍ରଜ୍ଞା ଓ ଶଙ୍କର ଦର୍ଶକଙ୍କୁ ମତୁଆଲା କରିଥିଲେ।

## ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗିର,୨୬।୧୨ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିଜାଖମନ ଠାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅରୁଣ ରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବ ସମ୍ମତିକ୍ରମେ ଅକ୍ଷୟ ରଣା (ବଲାଙ୍ଗିର) ପଶ୍ଚିମ ଓଡ଼ିଶା ସଭାପତି ଲାବଣ୍ୟ ରଣା (ବରଗଡ଼) ଓ ଇନ୍ଦଲ ରଣା (ନୂଆପଡ଼ା) କାର୍ଯ୍ୟକାରୀ ସଭାପତି ଏବଂ ବିଶ୍ୱନାଥ ରଣା (ନୂଆପଡ଼ା) ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ଡଃ ଦେବାଶିଷ ରଣା ମେମୋରିଆଲ ଟ୍ରଷ୍ଟ ବଲାଙ୍ଗିର ତରଫରୁ କୁମ୍ଭାର ସମାଜର ୮୦% ମାର୍କ ରଖି ଦଶମ ଓ ଦ୍ୱାଦଶ ଶ୍ରେଣୀ ଆଠଜଣ ଛାତ୍ର ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଟ୍ରଷ୍ଟ ଫାଉଣ୍ଡର ପୂର୍ଣ୍ଣଚନ୍ଦ୍ର ରଣା ଟ୍ରଷ୍ଟ ସଭାପତି ରଘୁରାଜ ରଣା, ବରିଷ୍ଠ ସମାଜସେବୀ ବିଶ୍ୱାମିତ୍ର ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ୧୪ଟି ବ୍ଲକ ସଭାପତି, ସମ୍ପାଦକ ଙ୍କ ସହ ବରଗଡ଼, ସୋନପୁର, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର ଜିଲ୍ଲା ସଭାପତି ସମ୍ପାଦକ ଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ ସମାଜ ପ୍ରେମୀ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଧର୍ମପତ୍ନୀଙ୍କ ବିୟୋଗ

**ଆନନ୍ଦପୁର,୨୬।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଖଲିଆମେଣ୍ଟା ପଂଚାୟତ ମହୁଲପସି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଜେନା ଙ୍କ ଧର୍ମପତ୍ନୀ ପାର୍ବତୀ ଜେନା ଙ୍କ ୭୭ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ନିଜ ବାସଭବନରେ ଶ୍ରୀମତି ଜେନା ଇହଧାମ ତ୍ୟାଗ କରିଛନ୍ତି। ଶ୍ରୀମତି ଜେନା ଅଞ୍ଚଳରେ ଜଣେ ପରୋପକାରୀ ମିଷ୍ଟଭାଷୀ କର୍ତ୍ତବ୍ୟ ପରାୟଣତା ମହିଳା ଥିଲେ। ତାଙ୍କ ମୃତ୍ୟୁ ଶରୀର ନିକଟରେ ଦୁଇ ପୁଅ, ଦୁଇ ବୋହୂ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ପ୍ରିୟଜନ ମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଗ୍ରାମ ସ୍ଥିତ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ମୁଖାଗ୍ନି କନିଷ୍ଠ ପୁତ୍ର ପ୍ରଶାନ୍ତ କୁମାର ଜେନା ଦେଇଥିଲେ।

## ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ୭୫ତମ ଜୟନ୍ତୀ ପାଳିତ



**ହିଞ୍ଜିଳିକାଟୁ,୨୬।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ତ୍ରୟୋଦଶ ସମ୍ମିଳନୀ ସହ ବିଦ୍ୟାଳୟର ୭୫ ତମ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶଙ୍ଖ, ଘଣ୍ଟ, ଧ୍ୱନି ସହ ବେଦଗାନରେ ପ୍ରକମ୍ପିତ ହୋଇଥିଲା ପୁରା ପରିବେଶ। ବୈୟୋଷ୍ଠ ସଦସ୍ୟ ତଥା ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ୭୫ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିବା ସହ ଜାତୀୟ ସଙ୍ଗୀତ ସହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଉପସ୍ଥିତ ପଦ୍ମନାଭ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢ଼ୀ, ସ୍ଥାନୀୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପାଣିଗ୍ରାହୀ,ଶରତ ଚନ୍ଦ୍ର ପାଠି, କାଳୀଚରଣ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୭୫ ତମ ଜୟନ୍ତୁତ୍ସବ କାର୍ଯ୍ୟକ୍ରମକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ କାର୍ଯ୍ୟକର୍ତ୍ତା ବିଭୁ ପ୍ରସାଦ ସାହୁ, ଇ ସୁବାସ ଚନ୍ଦ୍ର ସାବତ ଓ ଡ ପ୍ରଦୋଷ କୁମାର ପଣ୍ଡା ପ୍ରମୁଖ ବରିଷ୍ଠ ସଦସ୍ୟ ବିଭିନ୍ନ ଯୋଜନା ର ରୂପରେଖ ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

**ଯାଜପୁର,୨୬।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୁଶାସନ ଦିବସ-୨୦୨୫ ପାଳିତ ହୋଇଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏବଂ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଦାମୋଦର ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏକ ଜାତୀୟ ଚେତନାବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ସୁନ୍ଦର କବିତା ଆବୃତ୍ତି କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।





ଜିଲ୍ଲାପାଳ ଶ୍ରୀ କର ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଲୋକଙ୍କ ପାଖରେ ସୁଶାସନର ଫଳ ପହଞ୍ଚିବା ଦିଗରେ ପ୍ରୟାସ କରିବା ପାଇଁ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଦାମୋଦର ବେହେରା କହିଥିଲେ ଯେ ଅଟଳଜୀଙ୍କ ଚିନ୍ତା ଚେତନା ହିଁ ତାଙ୍କ ପରିଚୟ। ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ରାଷ୍ଟ୍ର ପ୍ରତି ତାଙ୍କ ଅବଦାନ, ଆଦର୍ଶ ଏବଂ ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ ଯେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ମହାନ୍ ଜନନାୟକ ଥିଲେ ଏବଂ ତାଙ୍କ ଆଦର୍ଶ ଆମକୁ ଅନୁପ୍ରାଣିତ କରିଆସୁଛି। ଉତ୍ତମ ପ୍ରଶାସକ ସୃଷ୍ଟି କରିବାରେ ପରିବାର, ସମାଜ ଏବଂ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

ଏହି ଅବସରରେ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ଏବଂ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିବା କବିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

### ବିଜୁ ଜନତା ଦଳର ବନ୍ଧୁମିଳନ

## ପରସ୍ପର ମଧ୍ୟରେ ଭାଇଚାରା ସହ ସଶକ୍ତ ହେଉଛି ବିଜେଡି





**କାକଟପୁର/ଅସ୍ତରଙ୍ଗ,୨୬।୧୨ (ସଂଚାର ବ୍ୟୁରୋ):** ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା ସହ ଖୁସିରେ ସମୟ ଅତିବାହିତ କରିବା ଉଦେଶ୍ୟରେ କାକଟପୁର ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକ ଧୂମାଳ ପଂଚାୟତ ବିଜୁ ଜନତା ଦଳର କର୍ମୀ ମାନଙ୍କୁ ନେଇ ଯୋଗେଶ୍ୱରପୁର ସ୍ଥିତ ମହାବୀର କଲ୍ୟାଣୀ ମଣ୍ଡପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପଂଚାୟତ ସଭାପତି ଆଲୋକ ରାୟ ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ଧୂମାଳ ପଂଚାୟତ ସରପଞ୍ଚ ମୋନାଲିସା ସିଂ, ସମିତି ସଭ୍ୟା ଭାନୁମତି ମାଣିକ, ଇନ୍ଦ୍ରମଣି ବେହେରା, ସହଦେବ ମାଣିକ, ପର୍ଶୁରାମ ରାୟ, ପପୁ ବେହେରା, ଅଭିମନ୍ୟୁ ସିଂ ପ୍ରମୁଖ ଯୋଗଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମହମ୍ମଦ ସାମସୁଲ। ସମସ୍ତେ ମିଳିମିଶି ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା, ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଶକ୍ତ ଓ ସୁଦୃଢ଼ କରିବା ସେ ନେଇ ଆଲୋଚନା ହୋଇଥିଲା। ବିଜେଡି ସଂଗଠନ କୁ ମଜଭୁତ କରିବା, ଦଳର ସମସ୍ତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଲୋକମାନଙ୍କ ନିକଟରେ ପହଂଚି ସମସ୍ୟା ବୁଝିବା ସମ୍ପର୍କ ରେ ଅତିଥି ମତପ୍ରକାଶ କରିଥିଲେ। ଏହି ବୈଠକ ରେ ଶତାଧିକ ବିଜୁ ଜନତା ଦଳର କର୍ମୀ ଯୋଗ ଦେଇ ଧୂମାଳ ପଂଚାୟତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ



**ବ୍ରହ୍ମପୁର,୨୬।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଶତବାର୍ଷିକୀ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଭାବପୂର୍ଣ୍ଣ ବାର୍ତ୍ତାରେ ଲେଖିଛନ୍ତି ଯେ ଡିସେମ୍ବର ୨୫ ତାରିଖ ହେଉଛି ଭାରତୀୟ ରାଜନୀତି ଏବଂ ଭାରତୀୟ ଲୋକଙ୍କ ପାଇଁ ସୁଶାସନର ଅଟଳ ଦିବସ। ଆଜି ସମଗ୍ର ଦେଶ ଭାରତରତ୍ନ ଅଟଳ ଜୀଙ୍କୁ ଆଦର୍ଶ ବିଭୂତି ରୂପରେ ସ୍ମରଣ କରୁଛି, ଯିଏ ନିଜର ସୌଜନ୍ୟ, ସରଳତା ଏବଂ ସହଦୟତା ସହିତ କୋଟି କୋଟି ଭାରତୀୟଙ୍କ ହୃଦୟ ରେ ସ୍ଥାନ ପାଇଥିଲେ। ଏହି ମହାନୁଭବଙ୍କ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ରାମଲିଙ୍ଗ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଠାରେ ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ ଅନିଲ କୁମାରଙ୍କ ନେତୃତ୍ୱରେ ଶତାଧିକ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଗଣ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ।

### ସଫଳ ଯୁବଚାଷୀ ସଞ୍ଜିତ ବିଶ୍ୱାସ

## ପରିବା ଚାଷରୁ ରୋଜଗାର କରୁଛନ୍ତି ବାର୍ଷିକ ୪୫ ଲକ୍ଷ



**ନବରଙ୍ଗପୁର/ରାଇଘର, ୨୬।୧୨ (ସଂଚାର ବ୍ୟୁରୋ):** ଚାଷ ପ୍ରତି ଏବେ ଆକୃଷ୍ଟ ହେଉଛନ୍ତି ଯୁବଗୋଷ୍ଠୀ । ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି । ଅନ୍ୟମାନଙ୍କ ପାଇଁ ବି ରୋଜଗାର ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି । ଏମିତି ଜଣେ ସଫଳଯୁବ ଚାଷୀ ହେଉଛନ୍ତି ସଞ୍ଜିତ ବିଶ୍ୱାସ। ଘର ରାଇଘର ବ୍ଲକ ପାରୁଆ ପଞ୍ଚାୟତର ଛତାବେଡା ଗାଁରେ। ମିଶ୍ରିତ ପରିବା ଚାଷ କରି ବାର୍ଷିକ ପ୍ରାୟ ୪୫ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି।

ନିଜର ୧୦ ଏକର ଏବଂ ଲିଜ୍‌ରେ ୧୦ ଏକର ଏଭଳି ୨୦ ଏକର ଜମିରେ ମିଶ୍ରିତ ପରିବା ଚାଷ କରୁଛନ୍ତି ସଞ୍ଜିତ । ବିଶେଷ କରି ଫୁଲକୋବି, ବନ୍ଧା କୋବି, କଞ୍ଚା ଲଙ୍କା ଏବଂ ଟମାଟୋ। ଏବର୍ଷ ପ୍ରାୟ ୧୨ ଏକର ଜମିରେ ସେ ଫୁଲକୋବି ଓ ବନ୍ଧା କୋବି ଚାଷ କରିଥିଲେ। ସ୍ଥାନୀୟ ଜଳବାୟୁ ପରିବା ଚାଷ ପାଇଁ ଅନୁକୂଳ ଥିବାରୁ ଗତ ଜୁଲାଇ ମାସରେ ଫୁଲକୋବି ଏବଂ ବନ୍ଧା କୋବି ଫଳିବା ଆରମ୍ଭ କରିଥିଲା । ମାତ୍ର ଦୁଇ ମାସରେ ହୋଇଥିଲା ଏସବୁ ଫସଲ। ଗୋଟିଏ ଏକରରୁ ୧ ଲକ୍ଷ ୮୦ ହଜାର ଟଙ୍କା ହିସାବରେ ପରିବା ବିକିଥିଲେ । ୧୨ ଏକରରୁ ପାଇଥିଲେ ୨୧ ଲକ୍ଷ ୬୦ ହଜାର ଟଙ୍କା । ଅକ୍ଟୋବର ବେଳକୁ ଦ୍ୱିତୀୟ ଫସଲ ଭାବେ ପୁଣି ଫୁଲକୋବି ଓ ବନ୍ଧା କୋବି କରି ଦର କମିଥିବାରୁ ଏକର ପିଛା ଦେଢ଼ ଲକ୍ଷ ଟଙ୍କା ଲେଖାଏଁ ପାଇଥିଲେ। ମୋଟ ୧୨ଏକର ଜମିରୁ ପାଇଥିଲେ ପ୍ରାୟ ୧୮ଲକ୍ଷ ଟଙ୍କା। ଦୁଇଥର ଚାଷ ବାବଦରେ ପାଇଥିଲେ ୩୯ ଲକ୍ଷ ଟଙ୍କା। ସେଥିରୁ ପ୍ରାୟ ୨୩ ଲକ୍ଷ ଟଙ୍କାର ବିହନ, ମଞ୍ଜି, ରାସାୟନିକ ସାର, ଜୈବିକ ସାର, ଶ୍ରମିକ ଖର୍ଚ୍ଚ କରିଛନ୍ତି । ୨ ଏକର ଜମିରେ କଞ୍ଚା ଲଙ୍କା ଚାଷ କରି ୮ ମାସରେ ପାଇଛନ୍ତି ୨ ଲକ୍ଷ ଟଙ୍କା ଲାଭ। ଅଢେଇ ଏକର ଜମିରେ ମଟର ଚାଷ କରି ଲାଭ ପାଇଛନ୍ତି ୧ ଲକ୍ଷ ୮୦ ହଜାର ଟଙ୍କା । ସେହିପରି ମକା ଓ ଅନ୍ୟାନ୍ୟ ଚାଷ କରି ବାର୍ଷିକ ପ୍ରାୟ ୪୫ ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଛନ୍ତି । ଆବଶ୍ୟକତାକୁ ଆଖିରେ ରଖି ୩୦ରୁ ୬୦ ପର୍ଯ୍ୟନ୍ତ ଶ୍ରମିକଙ୍କୁ ନିୟୋଜିତ କରୁଛନ୍ତି। ପନିପରିବା ଫସଲ ପାଇଁ ଜିଆ ଖତ ବାବଦରେ ବର୍ଷକ ୪୫ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିସହ ଜମିରେ ଗୋବର ଖତ ଏବଂ ଅଳ୍ପ ରାସାୟନିକ ସାର ବ୍ୟବହାର କରୁଛନ୍ତି । ସରକାରଙ୍କ ତରଫରୁ ଗଭୀର ନଳକୂଅ ଏବଂ ୭ ଏକର ଡ୍ରିପ୍ ଇରିଗେସନ୍ ପାଇଁ ସବ୍‌ସିଡିରେ ପାଇପ୍ ମିଳିଥିବା କହିଛନ୍ତି।

# ରେକର୍ଡ ଭାଙ୍ଗିଲା 'ଧୁରନ୍ଧର'





### ୨୧ ଦିନ ପରେ 'ଧୁରନ୍ଧର'ର ବକ୍ସ ଅଫିସ କଲେକ୍ସନ

- •ସପ୍ତାହ ୧: ୨୧୮.୦୦ କୋଟି ଟଙ୍କା
- •ସପ୍ତାହ ୨: ୨୬୧.୫୦ କୋଟି ଟଙ୍କା
- •ତୃତୀୟ ସପ୍ତାହନ୍ତ: ୯୯.୭୦ କୋଟି ଟଙ୍କା
- •ଦିନ ୧୮ (ସୋମବାର): ୧୯.୭୦ କୋଟି ଟଙ୍କା
- •ଦିନ ୧୯ (ମଙ୍ଗଳବାର): ୨୦.୪୦ କୋଟି ଟଙ୍କା
- •ଦିନ ୨୦ (ବୁଧବାର): ୨୦.୯୦ କୋଟି ଟଙ୍କା
- •ଦିନ ୨୧ (ଗୁରୁବାର): ୨୮.୬ କୋଟି ଟଙ୍କା
- •ମୋଟ: ୬୬୮.୮୦ କୋଟି ଟଙ୍କା

ବଡ଼ ପରଦାରେ କମାଲ କରୁଛି ଆଦିତ୍ୟ ଧରଙ୍କ ଧୁରନ୍ଧର। ବାଦ ବିବାଦ ସାଂଗକୁ ଲୋକ ମୁଖର ପ୍ରବଳ ଚର୍ଚ୍ଚା ସିନେମାକୁ ବକ୍ସ ଅଫିସ୍‌ରେ କିନ୍ତୁ ହଟ୍ କରାଉଛି। ଏହି ସିନେମାଟି ମୁକ୍ତିଲାଭ କରିବାର ୨୧ ଦିନ ଭିତରେ ବିଶ୍ୱବ୍ୟାପୀ ୧୦୦୦ କୋଟି ଟଙ୍କା ଆୟ କରିସାରିଲାଣି। ଯାହା ହିନ୍ଦୀ ସିନେମା ପାଇଁ ଏକ ମାଇଲଷ୍ଟୋନ। ରିଶବ ଶେଟ୍ଟୀଙ୍କ କାନ୍ତାରା ଚ୍ୟାପ୍ଟର-୧କୁ ପଛରେ ପକାଇ ଏହି ସ୍ପାଏ-ଥ୍ରିଲର ସିନେମା ବର୍ଷର ସର୍ବାଧିକ ଆୟକାରୀ ଭାରତୀୟ ଚଳଚ୍ଚିତ୍ର ହୋଇଛି। କାନ୍ତାରା ଚ୍ୟାପ୍ଟର-୧ ଚଳିତ ବର୍ଷ ବିଶ୍ୱବ୍ୟାପୀ ୮୫୦ କୋଟି ଟଙ୍କା ଆୟ କରିପାରିଥିଲା। ହେଲେ ରଣବୀର ସିଂହଙ୍କ ଅଭିନିତ ଧୁରନ୍ଧର କେବଳ ଭାରତରେ ୬୬୮.୮୦ କୋଟି ଟଙ୍କା ଆୟ କରିଥିବା ବେଳେ ବିଶ୍ୱବ୍ୟାପୀ ୧୦୦୬.୭ କୋଟି ଟଙ୍କା ଆୟ କରିଛି। ଏନେଇ ସିନେମା ଟିମ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି। ରିଲିଜ୍ ହେବାର ୨୧ ଦିନ ପରେ ବି ସିନେମା ପ୍ରତି ଲୋକଙ୍କର କ୍ରେଜ୍ ରହିଛି। ତୃତୀୟ ସପ୍ତାହରେ ଟିକେଟ ୱିଣ୍ଡୋରେ ଦର୍ଶକଙ୍କ ଭିଡ଼ ରହୁଛି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ରିଲିଜ୍‌ର ୨୧ ଦିନରେ ଦେଶରେ ଧୁରନ୍ଧର ନେଟ୍ ୨୬ କୋଟି ଟଙ୍କା ଆୟ କରିଛି। ଏହି ସିନେମା ରିଲିଜ୍‌ର ପ୍ରଥମ ଦିନରେ ୨୮.୬ କୋଟି ଟଙ୍କା ଆୟ କରିଥିଲା। ୨୧ ଦିନ ପରେ ବି ଏତେ ଆୟ କରିବା ସିନେ ସମୀକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ଧୁରନ୍ଧର ବଲିଉଡ୍ ପାଇଁ ୨୦୨୫ର ସର୍ବାଧିକ ଆୟକାରୀ ହିନ୍ଦୀ ସିନେମା ହୋଇଛି। ଛାଭା ପରେ ଏହା କେବଳ ଦ୍ୱିତୀୟ ହିନ୍ଦୀ ଫିଲ୍ମ ଯାହା ଏହି ବର୍ଷ କେବଳ ବକ୍ସ ଅଫିସରେ ରାଜତ୍ୱ କରିନାହିଁ ବରଂ ସାଧାରଣ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଭିକି କୌଶଲଙ୍କ ଅଭିନୀତ ଛାବା ଫିଲ୍ମ ୨୦୨୫ ର ଆରମ୍ଭରେ ରେକର୍ଡ ବ୍ରେକିଂ ଆୟ କରିବା ସହିତ ପ୍ରବଳ ଚର୍ଚ୍ଚିତ ହୋଇଥିଲା। ଏମିତିକି ଲୋକେ ସିନେମା ହଲ୍‌ରେ କାନ୍ଦି ପକାଇଥିଲେ। ତେବେ ବର୍ଷ ଶେଷରେ ରଣବୀରଙ୍କ ଏହି ସ୍ପାଏ-ଥ୍ରିଲର ସିନେମା ବଲିଉଡ୍‌କୁ ହ୍ୟାପି ଏଣ୍ଡିଂ କରିଛି। ହିନ୍ଦୀ ସିନେମାର ମାନ ଓ ଏହାର ଆୟକୁ ନେଇ ଯେଉଁ ଦୀର୍ଘଦିନ ହେଲା ଚର୍ଚ୍ଚା ଲାଗି ରହିଥିଲା, ଏହି ଦୁଇ ସିନେମା ଏଥିରେ ଯବନିକା ପକାଇଛନ୍ତି। ବଲିଉଡ୍ ପୁଣିଥରେ ଟ୍ରାକକୁ ଫେରିବ ବୋଲି ଆଶା ଉଦ୍ଜୀବିତ ହୋଇଛି।

## ବିପଦରେ ଲୋକପ୍ରିୟ ହାସ୍ୟ ଅଭିନେତା ଗୁଲୁଆ




ଲୋକପ୍ରିୟ ଓଡ଼ିଆ ହାସ୍ୟ ଅଭିନେତା ଗୁଲୁଆଙ୍କ ଜୀବନ ପ୍ରତି ବିପଦ। ଏନେଇ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ସେ ଜଣାଇବା ସହ ପ୍ରଶାସନଠାରୁ ତୁରନ୍ତ ସାହାଯ୍ୟ ଲୋଡ଼ିଛନ୍ତି। ଭିଡିଓରେ ଗୁଲୁଆ ଅଭିଯୋଗ କରିଛନ୍ତି ଯେ କିଛି ଲୋକ ତାଙ୍କୁ ଧମକ ଦେଉଛନ୍ତି। ପ୍ରଥମେ କୋଟିଏ ଟଙ୍କା ମାଗିଥିଲେ ଏବେ ୫୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଟଙ୍କା ନଦେଲେ ହତ୍ୟା କରିଦେବେ କିମ୍ବା ବାଡ଼େଇ ବାଡ଼େଇ ଦିବ୍ୟାଙ୍ଗ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ତାଙ୍କୁ ସୋସିଆଲ ମିଡିଆରେ ବଦନାମ କରିବେ, ମିଥ୍ୟା ମାମଲାରେ ଫସାଇଦେବେ ଏବଂ ତାଙ୍କୁ ଆକ୍ରମଣ କରିବେ ବୋଲି ଧମକ ଦେଇଛନ୍ତି। ପୂର୍ବରୁ ବାଲିଅନ୍ତା ପୋଲିସ ଷ୍ଟେସନକୁ ସେ ଯାଇଥିଲେ କିନ୍ତୁ ଅଭିଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ଧମକ ଦେଉଥିବା ଲୋକଙ୍କର ପୋଲିସ ସହିତ ସମ୍ପର୍କ ଥିବା ସେ ଅନୁଭବ କରିବାରୁ ସେ ଫେରି ଆସିଥିଲେ। ଭୟ ଏବଂ ଅସୁରକ୍ଷା ଯୋଗୁଁ ସେ ଆଉ ପୋଲିସ ଷ୍ଟେସନକୁ ଯିବା ପାଇଁ ସୁରକ୍ଷିତ ମଣୁ ନାହାଁନ୍ତି। ଗୁଲୁଆ କହିଛନ୍ତି ଯେ ତାଙ୍କ ସୁରକ୍ଷା ପାଇଁ ସେ ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଇଛନ୍ତି। କେବଳ ତାଙ୍କୁ ନୁହେଁ ବରଂ ତାଙ୍କ କର୍ମଚାରୀମାନଙ୍କୁ ଏପର୍ଯ୍ୟନ୍ତ ତିନିଥର ଧମକ ଦିଆଗଲାଣି। ଏକ ଭାବପ୍ରବଣ ଆବେଦନରେ, ଗୁଲୁଆ ପ୍ରଶାସନ, ଜନସାଧାରଣ ଏବଂ ଗଣମାଧ୍ୟମକୁ ଅପିଲ କରିଛନ୍ତି ମୋର ଭିଡିଓକୁ ହାଲୁକା ଭାବରେ ନେବେ ନାହିଁ। ହୁଏତ କାଲି ସକାଳ ମୁଁ ଦେଖିନପାରେ। ଯଦି ତାଙ୍କୁ ହତ୍ୟା କରାଯାଏ କିମ୍ବା ତାଙ୍କର କିଛି ଅସୁବିଧା ହୁଏ ତେବେ ସେହି ବ୍ୟକ୍ତିମାନେ ଦାୟୀ ହେବେ ବୋଲି ସେ ଦର୍ଶାଇଛନ୍ତି। ତେବେ କେଉଁମାନେ ଧମକ ଦେଇଛନ୍ତି ସେମାନଙ୍କ ନାମ ସେ ଏକ ପୃଥକ ଭିଡିଓରେ ଉଲ୍ଲେଖ କରିଥିବା ଦାବି କରିଛନ୍ତି।

## ଆସିଲା 'ଦୃଶ୍ୟମ ୩' ରିଲିଜ ଡେଟ୍



ପୁଣି ବଡ ପରଦାରେ ଧମାକା କରିବାକୁ ଯାଉଛନ୍ତି ବଲିଉଡ ଷ୍ଟାର୍ ଅଜୟ ଦେବଗନ। ଫ୍ୟାନ୍ସ ଅଜୟଙ୍କ ସୁପରହିଟ୍ ସସପେନ୍ସ-ଥ୍ରୀଲର ଫିଲ୍ମ 'ଦୃଶ୍ୟମ'ର ତୃତୀୟ କିସ୍ତିକୁ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଏହା ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି। ନିର୍ମାତାମାନେ ଗତକାଲି ଅଜୟ ଦେବଗନଙ୍କ ଅଭିନୀତ 'ଦୃଶ୍ୟମ ୩' ର ଆନୁଷ୍ଠାନିକ ଘୋଷଣା କରିବା ସହ ଫିଲ୍ମର ରିଲିଜ ତାରିଖ ମଧ ପ୍ରକାଶ ପାଇଛି । ଇନଷ୍ଟାଗ୍ରାମରେ ନିର୍ମାତା ଫିଲ୍ମର ଘୋଷଣା ଭିଡିଓ ସେୟାର କରିଛନ୍ତି । ଯାହା ୧ ମିନିଟ୍ ୧୩ ସେକେଣ୍ଡର ରହିଛି । ଭିଡିଓରେ ଅଜୟ ଦେବଗନଙ୍କ ଏକ ଭଏସ୍‌ଓଭର ଦିଆଯାଇଛି। ଏହି ଭଏସ୍‌ଓଭରରେ, ଅଜୟ ଦେବଗନ ତାଙ୍କ ପରିବାରର ଗୁରୁତ୍ୱ ବିଷୟରେ କଥା ହୋଇଛନ୍ତି । ଏପର୍ଯ୍ୟନ୍ତ କାହାଣୀର ଏକ ଝଲକ ଦେଖିବାକୁ ମିଳିଛି । ଭଏସ୍‌ଓଭରରେ, ବିଜୟ ସାଲଗାଓଁକରଙ୍କ ଚରିତ୍ର କହୁଛି, 'ମୋର ସତ୍ୟ, ମୋର ଅଧିକାର, କେବଳ ମୋ ପରିବାର'। ଭିଡିଓର ଶେଷରେ, ବିଜୟ ସାଲଗାଓଁକର କୁହନ୍ତି, 'ଗଳ୍ପ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ।

ଶେଷ ଭାଗ ଏପର୍ଯ୍ୟନ୍ତ ବାକି ଅଛି'। 'ଦୃଶ୍ୟମ ୩' ଅଭିଷେକ ପାଠକଙ୍କ ଦ୍ୱାରା ନିର୍ଦ୍ଦେଶିତ । ଏହି ଫିଲ୍ମର କଳାକାରଙ୍କ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ, ଯାହା ଅକ୍ଟୋବର୨, ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି ।

ତୃତୀୟ ଭାଗର କାହାଣୀ ପୂର୍ବ ଭାଗରୁ ଯେଉଁଠାରେ ଶେଷ ହୋଇଥିଲା ସେହିଠାରୁ ଜାରି ରହିବ ବୋଲି ଆଶା କରାଯାଉଛି ।

'ଦୃଶ୍ୟମ' ହେଉଛି ମାଲାୟଲମ ସିନେମାର ରିମେକ୍ । ଏହି ଦକ୍ଷିଣ ସିନେମାରେ ସୁପରଷ୍ଟାର ମୋହନଲାଲ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ବଲିଉଡରେ ଅଜୟ ଦେବଗନ ସେହି ଭୂମିକାରେ ନଜର ଆସିଛନ୍ତି ।

## ନୂଆବର୍ଷରେ ଫିଟିବ ପୂଜାଙ୍କ ଭାଗ୍ୟ



ଅଭିନେତ୍ରୀ ପୂଜା ହେଗଡେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ମଧ ବହୁତ ପ୍ରସିଦ୍ଧ। ୨୦୧୬ରେ ସେ ମୋହେଞ୍ଜୋଦାରୋ ସହିତ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା।

ତାଙ୍କର ବଲିଉଡ ଅପେକ୍ଷା ଦକ୍ଷିଣ ଭାରତୀୟ ଶିଳ୍ପରେ ଅଧିକ ପ୍ରଭାବ ଥିବା ପରି ମନେହୁଏ। ୨୦୨୫ରେ, ସେ ଦେବାରେ ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିଥିଲେ ଏବଂ ସେ ରଜନୀକାନ୍ତଙ୍କ ଅଭିନୀତ କୁଲିରେ ଏକ ଡ୍ୟାନ୍ସ ନମ୍ବରରେ ମଧ ନଜର ଆସିଥିଲେ। ଯଦିଓ ୨୦୨୫ ତାଙ୍କ କ୍ୟାରିଅର ପାଇଁ ବିଶେଷ ନ ଥିଲା, ଅଭିନେତ୍ରୀ ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି।

ପୂଜା ହେଗଡେ ଥାଲପତି ବିଜୟଙ୍କ ସହ ଏକ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଦେଖାଯିବେ। ଏହି ଚଳଚ୍ଚିତ୍ରଟି ସମଗ୍ର ଭାରତରେ ମୁକ୍ତିଲାଭ କରିବ ଏବଂ ନିର୍ମାତାମାନେ ଏହାକୁ ହିନ୍ଦୀରେ 'ଜନ ନେତା' ନାମରେ ନାମିତ କରିଛନ୍ତି। ପୂଜା ହେଗଡେଙ୍କ ବ୍ୟତୀତ, ଫିଲ୍ମରେ ବବି ଦେଓଲ ମଧ ନଜର ଆସିବେ, ଯିଏ ଖଳନାୟକ ଭୂମିକାରେ ଅଭିନୟ କରିବେ। ଫିଲ୍ମରେ ମମିତା ବୈଜୁ, ପ୍ରକାଶ ରାଜ, ନାରାୟଣ ଏବଂ ପ୍ରିୟମଣିଙ୍କ ଭଳି କଳାକାରମାନେ ମଧ ସାମିଲ ଅଛନ୍ତି। 'ଜନ ନାୟାଗନ' ଜାନୁଆରୀ ୯ ତାରିଖରେ ମୁକ୍ତିଲାଭ କରିବ।

## ରିଲିଜ ହେଲା 'ତୁ ମେରି ମେ ତେରା ମେ ତେରା ତୁ ମେରି'



ଖ୍ରୀଷ୍ଟମାସରେ ରିଲିଜ ହୋଇଯାଇଛି କାର୍ତ୍ତିକ ଆର୍ଯ୍ୟନ ଓ ଅନନ୍ୟା ପାଣ୍ଡେଙ୍କ ଅଭିନୀତ ରୋମାଣ୍ଟିକ କମେଡି ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' । ଫିଲ୍ମଟି ୫ ହଜାରରୁ ଅଧିକ ସ୍କ୍ରିନରେ ମୁକ୍ତିଲାଭ କରିଛି । କାର୍ତ୍ତିକଙ୍କ ଫ୍ୟାନ୍ସ ଫିଲ୍ମକୁ ନେଇ ବେଶ ଉତ୍ସାହିତ ଥିବା ବେଳେ ଆଡଭାନ୍ସ ବୁକିଂରେ ପ୍ରାୟ ୬କୋଟି ଟଙ୍କା ରୋଜଗାର କରିଛି ଫିଲ୍ମ । ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଦର୍ଶକଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ପାଉଛି । କେତେକ ଏହି ଫିଲ୍ମକୁ ବୋରିଂ କହୁଥିବା ବେଳେ ଅନ୍ୟ କେହି ଏହାକୁ ଏକ ଭଲ ପ୍ରେମ କାହାଣୀ କହୁଛନ୍ତି । ଜଣେ ଲେଖିଛନ୍ତି, ମୁଁ ନିରାଶ, ମୁଁ ଭାବିଥିଲି ଏଥିରେ ଏକ ଭଲ ରୋମାଣ୍ଟିକ ରହିବଏବଂ ହୃଦୟସ୍ପର୍ଶୀ ମୁହୂର୍ତ୍ତ ଦେଖିବାକୁ ମିଳିବ, କିନ୍ତୁ ମୁଁ ସେପରି କିଛି ଦେଖିବାକୁ ପାଇଲି ନାହିଁ" ମନେ ପଡ଼ିଗଲା । ଆଉ ଜଣେ ଲେଖିଛନ୍ତି, 'ଭଲ ରୋମାଣ୍ଟିକ୍ ଫିଲ୍ମ ।ସେହିପରି ଆଉ ଜଣେ ଲେଖିଛନ୍ତି, ସାଧାରଣ ବଲିଉଡ୍ ମଜା ଏବଂ ତା'ପରେ ମୁଖ୍ୟ ଯୋଡ଼ିଙ୍କ ମଧରେ ପ୍ରେମ, କୌଣସି ଦୃଢ଼ ବିବାଦ ନାହିଁ ।

ଆଉ ଜଣେ ଲେଖିଛନ୍ତି, ବହୁତ ଚର୍ଚ୍ଚା ସୃଷ୍ଟି କରିବାରେ ବିଫଳ, ଗୀତର ରିମେକ୍ କାର୍ତ୍ତିକଙ୍କ ଡ୍ୟାନ୍ସ ମୁଭ୍ ଏବଂ ଅନନ୍ୟାଙ୍କ ଅଭିନୟ ଗୀତଗୁଡ଼ିକୁ ନଷ୍ଟ କରିଦେଇଛନ୍ତି, ଧର୍ମା ସିନେମାସର ସବୁଠାରୁ ବଡ଼ ଫ୍ଲପ୍ ଫିଲ୍ମ । ସମୀର ବିଦ୍ୱାନସଙ୍କ ରୋମାଣ୍ଟିକ କମେଡି "ତୁ ମେରି ମେ ତେରା ତୁ ମେରି" ଦୁଇଜଣ ବ୍ୟକ୍ତିଙ୍କୁ ପ୍ରେମ କାହାଣୀକୁ ନେଇ ନିର୍ମିତ । ପରିବାରର ଚାପ ସେମାନଙ୍କ ସମ୍ପର୍କକୁ ଚ୍ୟାଲେଞ୍ଜ କରୁଥିବାରୁ, ସେମାନେ ଅଲଗା ହୋଇଯାଆନ୍ତି କିନ୍ତୁ ପୁଣି ଥରେ ଭେଟିବାକୁ ଆଶା କରନ୍ତି । କରଣ ଶ୍ରୀକାନ୍ତ ଶର୍ମାଙ୍କ ଦ୍ୱାରା ଲିଖିତ, ଏହି ରୋମାଣ୍ଟିକ କମେଡିକୁ ଧର୍ମା ପ୍ରଡକ୍ସନ ଏବଂ ନମଃ ପିକଚର୍ସ ବ୍ୟାନର ତଳେ କରଣ ଜୋହର, ଆଦର ପୁନାୱାଲା, ଅପୂର୍ବ ମେହେଟ୍ଟା, ଭୂମିକା ତିୱାରୀ, ଶରେନ ମନ୍ତ୍ରୀ କେଡିଆ ଏବଂ କିଶୋର ଆରୋରାଙ୍କ ଦ୍ୱାରା ପ୍ରଯୋଜିତ କରାଯାଇଛି ।

# ହାଡ଼ଭଙ୍ଗା ଶୀତକୁ ଘନ କୁହୁଡ଼ି ଚାଦର ତଳେ ଦାରିଙ୍ଗବାଡ଼ି



**ଦାରିଙ୍ଗବାଡି,୨୬।୨୫ (ସଂଚାର ବ୍ୟୁରୋ):** ଦିନକୁ ଦିନ ବଢ଼ିବାରେ ଲାଗିଛି ଘନ କୁହୁଡ଼ି କୁ ଶିତର ଲହରୀ କନ୍ଧମାଳରେ ଘୁ ଉଦୟଗିରି, ବେଲଘର, ତୁମୁଡ଼ିବନ୍ଧ, ବାଲିଗୁଡ଼ା, ଫୁଲବାଣୀ ଏପରି ବିଭିନ୍ନ ସ୍ଥାନରେ ମଜା ନେବାକୁ ପର୍ଯ୍ୟଟକ ମାନେ ଯାଇଥାଆନ୍ତି ହେଲେ ସେଠାରେ ସର୍ବନିମ୍ନ ଶିତର ତାପମାତ୍ରା ଉପଭୋଗ କରନ୍ତି ପର୍ଯ୍ୟଟକ ମାନେ କିନ୍ତୁ କନ୍ଧମାଳରେ ଏମିତି ଏକ ସ୍ଥାନ ଅଛି ସାରା ରାଜ୍ୟରେ ରାଜ୍ୟ ବାହାରେ ଜଣା ଶୁଣା ସ୍ଥାନ ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡି ଠାରେ ହେଉଥିବା ଶିତ ସବୁଠାରୁ ଅଧିକ ବୋଲି କହନ୍ତି ପର୍ଯ୍ୟଟକ ମାନେ ଏଣୁ ସର୍ବାଧିକ ପର୍ଯ୍ୟଟକ ମାନେ ଦାରିଙ୍ଗବାଡି ଠାରେ ବହୁତ ଭିଡ଼ ହେଉଥିବାର ଦେଖିବାକୁ ମିଳୁଛି କାଲି ଏତିକି ନୁହେଁ ଦାରିଙ୍ଗବାଡି ସହରରେ ଥିବା ହୋଟେଲ ଗୁଡିକରେ ମଧ ରହିବା ପାଇଁ ସ୍ଥାନ ପାଉନଥିବା ଚର୍ଚ୍ଚା ହେଉଛି । ଦାରିଙ୍ଗବାଡି ରେ ଶୀତ ଏତେ ମାତ୍ରାରେ ବଢ଼ିଛି ସକାଳ ପ୍ରାୟ ନଅଟା ପର୍ଯ୍ୟନ୍ତ ଘନ କୁହୁଡ଼ି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଲୋକ ମାନେ କମ୍ବଳ ଗୁଡେଇ ନିଆଁ ଚୁଲିରେ ବସିଥିବାର ଦେଖିବାକୁ ମିଳୁଛି ।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ




**ଧାମନଗର,୨୬।୨୫(ସଂଚାର ବ୍ୟୁରୋ):** ଧାମନଗର ବ୍ଲକସ୍ତରୀୟ ଓ ଏନ୍ଏସିଅଞ୍ଚଳରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଶୁକ୍ରବାର ୧୧ ଘଟିକା ସମୟରେ ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଏବଂ ଏନ୍ଏସିଅଞ୍ଚଳରେ ସ୍ଥାପିତ ହୋଇଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନେତୃ ମଣ୍ଡଳୀ ଦ୍ୱାରା ମାଲ୍ୟାର୍ପଣ ପୂର୍ବକ ସଦାସୁମନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅପରାହ୍ନ ୩ଘଟିକା ସମୟରେ ଧୁଷୁରୀ ଠାରେ ବିଜୁ ଜନତା ଦଳର ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ, ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ତିହିଡି ପଞ୍ଚାୟତ ସମିତି ଅଧକ୍ଷା ଅବନ୍ତି ଦାସ, ଧାମନଗର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ ଭଦ୍ରକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଉର୍ମିଳା ବିଶ୍ୱା, ବିଦ୍ୟୁତ ଲତା ନାୟକ, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍ଏସିଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନି କାଦିରୀ, ନଗର ସଭାପତି ବିଜୟ କେତନ ସାହୁ, ସମେତ ବହୁ ପଞ୍ଚାୟତ ଓ ସମିତି ସଭ୍ୟ ସଭାପତି, ଛାମୁଆ ନେତୃତ୍ୱ, ଜିଲ୍ଲା ପରିଷଦ ସଦସ୍ୟ, ମହିଳା, ଯୁବ ଛାତ୍ର, ବିଜେଡି ନେତା ଦୟାନିଧି ମିଶ୍ର, ସଂନ୍ଦୀନ ସ୍ୱାଇଁ, ମାନସ ବାରିକ, ସେକ ଜାଫର ଅଲ୍ଲୀ, ସେକ ମୁସ୍ତାକ ପ୍ରମୁଖ ଯୋଗ ଦେଇ ୨୪ ବର୍ଷର ବିଜେଡି ଶାସନକାଳରେ ରାଜ୍ୟରେ ଜନହିତକର ଯୋଜନାଗୁଡ଼ିକ ଲୋକମାନଙ୍କ ମଧରେ ବ୍ୟାପକ ସ୍ୱୀକୃତି ପାଇଥିବା କଥା କହିଥିଲେ।

# ଡାକ୍ତରମାନଙ୍କ ଏକ ଘଣ୍ଟା ବହିର୍ବିଭାଗ ବନ୍ଦ ପାଳନ



**ଧାମନଗର,୨୬।୨୫ (ସଂଚାର ବ୍ୟୁରୋ):** ଓମ୍ସା ଭଦ୍ରକ ଶାଖା ପକ୍ଷରୁ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ସୂଚନା ରୋଗୀ ସେବା ଡାକ୍ତର ମାନଙ୍କ ଧର୍ମ:କିନ୍ତୁ ରୋଗୀ ସେବାକୁ ଗୁରୁତ୍ୱ ଦେଇ ମାତ୍ର ଏକ ଘଣ୍ଟା ବହିର୍ବିଭାଗ ବନ୍ଦ କରିବା ପାଇଁ ବାଧ ହେଉଛୁ। ଦାବି ପୂରଣ ନହେବା ଯାଏ ଏହା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ସୂଚନା ଦେଇଛନ୍ତି। ତେବେ ଡାକ୍ତର ମାନଙ୍କର ଦୀର୍ଘ ଦିନ ଧରି ବିଭିନ୍ନ ଦାବି ପୂରଣ କରିବା ପାଇଁ ବାରମ୍ବାର ସରକାରଙ୍କୁ ଅନୁରୋଧ କଲେ ମଧ ସରକାର ଅଣଦେଖା ଓ ପ୍ରତାରଣା କରିଚାଲିଛନ୍ତି। ସାରା ରାଜ୍ୟରେ ମଞ୍ଜୁରୀ ପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧା ରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ି ରହିଛି। ଆମର ଦାବି କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ ବିନା ସର୍ତାବଳି ସହିତ। ଏହା ଦନ୍ତ ଚିକିତ୍ସକ ପାଇଁ ମଧ ଲାଗୁ କରାଯାଉ, ଓଡିଶା ସରକାର ଙ୍କର ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ (ପ୍ରବେଶ) ଙ୍କ ଭଳି ପେ ଷ୍ଟ୍ରକ୍ଚର ଏବଂ ଡିଏସିପି ରେ ଦରମା ନିର୍ଦ୍ଧାରଣ ବେଳେ ଲେଭେଲ୍ ୧୫କୁ ବାଦ ଦିଆଯାଉ, ଓଏମ୍ଏଚ୍ଏସ୍ ଓ ଦନ୍ତ ଚିକିତ୍ସକ ଙ୍କର କ୍ୟାଡର ପୁନର୍ବିନ୍ୟାଶ କରାଯାଉ ତତ୍ତସହିତ ଡାକ୍ତର ମାନଙ୍କର ପଦବୀ ପୂରଣ ସମେତ ୧୩ ଦଫା ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନ ଜୋର ଧରିଲାଣି। ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସ ପକ୍ଷରୁ ଡିସେମ୍ବର ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ୧୦ଟାରୁ ୧୧ଟା ଏକ ଘଣ୍ଟା ଧରି ବହିର୍ବିଭାଗ ବନ୍ଦ ପାଳନ ଆରମ୍ଭ କରିଛନ୍ତି। ଆଜି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏହି ଘଣ୍ଟାଏ ବନ୍ଦ କାର୍ଯ୍ୟକ୍ରମରେ ଡାକ୍ତର ମନମୟ ସାମନ୍ତ ସିଂହାର, ଡାକ୍ତର ଶିବାନନ୍ଦ ମହାନ୍ତି, ଡାକ୍ତର ମାଝୀ ମାଝି, ଡାକ୍ତର କାମିନୀ ପ୍ରମୁଖ ଉପସ୍ଥିତ ରହି ବନ୍ଦ ପାଳନ ଆରମ୍ଭ କରିଛନ୍ତି।

## ସମ୍ବଲପୁରବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ସ୍ୱପ୍ନ

# ପାଇପ୍ ଫାଟି ମିଶୁଛି ଡ୍ରେନ୍ ପାଣି



**ସମ୍ବଲପୁର,୨୬।୨୫ (ସଂଚାର ବ୍ୟୁରୋ):** ଭଲ ପାଣି ଟୋପେ ବି ସହରବାସୀଙ୍କ ଭାଗ୍ୟରେ ନାହିଁ । ଭରସାରେ ପିଉଛନ୍ତି ପାଇପ୍ ପାଣି । କିନ୍ତୁ ସେ ପାଣି ଯେ ରୋଗକୁ ଡାକି ଆଣିବ ତାହା ଜାଣନ୍ତିନି । ଏହା ବନ୍ୟା ଜଳ କି କାଦୁଅ ପାଣି ନୁହେଁ। ୱାଟ୍କୋ ଯୋଗାଉଥିବା ପାନୀୟ ଜଳ। ଲୋକଙ୍କ ପିଇବା ପାଇଁ ୱାଟ୍କୋ ଏହି ପାଣି ଯୋଗାଉଛି ।

ଏହି ପାନୀୟ ଜଳରେ ଡ୍ରେନ ପାଣି ମିଶୁଛି। ଏହି ପାଣି ପିଇଲେ ରୋଗ ସୁନିଶ୍ଚିତ। ସମ୍ବଲପୁରର ସାକ୍ଷୀପଡ଼ାରେ ଶହ ଶହ ଘରକୁ କିଛି ଦିନ ହେବ ଏଭଳି ପାଣି ଯୋଗାଇ ଦିଆଯାଉଛି। ପୁଣି ନିୟମିତ ପାଣି ଯୋଗାଣ ହେଉନଥିବାରୁ ସ୍ଥାନୀୟ ଲୋକଙ୍କର ଅବସ୍ଥା ଖରାପ। ଏଥିପାଇଁ ଗୁରୁବାର ରାସ୍ତାରୋକ ମଧ କରିଥିଲେ ସାକ୍ଷୀପଡ଼ାବାସୀ। କିନ୍ତୁ ଫଳ ଶୂନ। ଆଜି ମଧ ଏମିତି ଡ୍ରେନ୍ ପାଣି ଯୋଗାଇ ଦେଇଛି ୱାଟ୍କୋ । ଗ୍ୟାସ୍ ପାଇପ୍ ଲାଇନ୍ ବିଛାଯାଉଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଯାଇଛି । ଫଳରେ ୱାଟକୋର ଶସ୍ତା ପାଇପ୍ ଫାଟି ଅପମିଶ୍ରିତ ପାଣି ଯୋଗାଣ ହେଉଛି। ସପ୍ତାହେରୁ ଅଧିକ ସମୟ ହେଲା ଏଭଳି ସ୍ଥିତି ଲାଗିରହିଥିଲେ ମଧ ବାବୁମାନଙ୍କର ନିଦ ଭାଙ୍ଗୁନି। ସମ୍ବଲପୁରବାସୀ ପୂର୍ବରୁ ଜଣ୍ଡିସ ରୋଗର କରାଳ ରୂପ ଦେଖିସାରିଛନ୍ତି। ଏଭଳି ସ୍ଥିତିରେ ପାନୀୟ ଜଳ ନାଁରେ ଘରକୁ ଘର ଡ୍ରେନ୍ ପାଣି ଯିବା ଲୋକଙ୍କ ଚିନ୍ତା ବଢ଼ାଇଛି ।

## ନରୁଆ ଛକଠାରେ ଟାଟା ପାୱାର ପାଇଁ ରାସ୍ତା ରୋକ

# ପୁଲିସ ଧକ୍କା ମାରିବାକୁ ନେଇ ଉତ୍ତେଜନା



**ଜଗତସିଂପୁର,୨୬।୨୫ (ସଂଚାର ବ୍ୟୁରୋ):** ଓ.ପି. ଟି.ସି.ଓ.ଡି.ଏଲ୍ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ର ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ଶୋଷଣ ବିରୁଦ୍ଧରେ ଆଜି ଦିନ ଛଅ ଟା ସମୟରେ ନରୁଆ ଛକ (ମଣିଜଙ୍ଗା ଠାରୁ ଏରସମା ର ମଝି ରାସ୍ତାରେ ସାଗବାରିଆ ଠାରେ) ରାସ୍ତାରୋକ ଆନ୍ଦୋଳନ ହୋଇଛି। ଆଜି ସକାଳ ଛଟା ରୁ ପ୍ରାୟ ନଅ ଟା ବେଳ ଯାଏ ଅଖ ଚକ ବନ୍ଦ କରିଦେଇଥିଲେ ଉପଭୋକ୍ତା ମଞ୍ଚ ତରଫରୁ ପରେ ପରେ ତିର୍ତ୍ତୋଲ ପୋଲିସ୍ ଆସି ପହଞ୍ଚିବାରୁ ପ୍ରାୟ ଦଶଟା ବେଳେ ଗାଡ଼ି ମଟର ଚାଲିଥିଲା। ତିର୍ତ୍ତୋଲ ପୋଲିସ୍ ଅଧିକାରୀ ହଟାତ୍ ଆସି ବିକ୍ଷୋଭ କାରୀ ଙ୍କ ଉପରେ ହାତ ଉଠାଇ ଧକା ମାରିଥିବା ଅଭିଯୋଗ ହେବା ପରେ କିଛି ସମୟ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖା ଦେଇଥିଲା। ପରେ ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ପାଖକୁ ଖବର ଯିବା ପରେ ପୋଲିସ୍ ଅଧିକାରୀ ଭୁଲ୍ ହୋଇଥିବା ସ୍ୱୀକାର କରିଥିଲେ ବୋଲି କହିବା ପରେ ସ୍ଥାନୀୟ ଅଞ୍ଚଳରେ ଶୀତଳ ପଡ଼ିଥିଲା। ଜେଉଁ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ଗ୍ରାହକଙ୍କ ଉପରେ ଟାଟା କମ୍ପାନୀ ଅଦାଲତ ନିର୍ଦ୍ଦେଶ କୁ ଅବମାନନା କରି ବିଦ୍ୟୁତ୍ ଗ୍ରାହକ ମାନଙ୍କ ଘରେ ମନଇଚ୍ଛା ସ୍ମାର୍ଟ ମିଟର ଲଗାଇବା ଏବଂ ଆସନ୍ତା ବର୍ଷ ୬ ଜାନୁଆରୀ ଦିନ ମଧରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ କରିବା ପାଇଁ ବାଧ କରିବା, ନହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଧମକ ଦେବା ବିରୋଧରେ ଏହି ଆନ୍ଦୋଳନ ହୋଇଛି। ପ୍ରାୟ ୬ଟି ପଞ୍ଚାୟତ ର ଜନସାଧାରଣ ଏହି ଆନ୍ଦୋଳନ ରେ ସାମିଲ ହୋଇଥିଲେ। ଯଦି ଏହି ପ୍ରସ୍ତାବକୁ ପାଳନ ଟାଟା କମ୍ପାନୀ ନକରେ ତାହେଲେ ରାଜ୍ୟର ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଏହି ଆନ୍ଦୋଳନ କୁ ବ୍ୟାପକ କରିବା କରାଯିବ ବୋଲି ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର କାର୍ଯ୍ୟକର୍ତ୍ତା ମାନେ ରଡ଼ି ଦେଇଥିଲେ।

# ସୁନ୍ଦରଗଡ଼ ପ୍ରତିଷ୍ଠା ଦିବସ, ସାଂସ୍କୃତିକ ଶୋଭାଯାତ୍ରାକୁ ନେଇ ବୈଠକ



**ସୁନ୍ଦରଗଡ଼,୨୬।୨୫ (ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୧ ତାରିଖ ଦିନ ହେଉଛି ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ବା 'ସୁନ୍ଦରଗଡ଼ ଦିବସ'। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆ ଠାରେ ଜାନୁୟାରୀ ୧ ଓ ୨ ତାରିଖରେ ସୁନ୍ଦରଗଡ଼ ଦିବସ ଆୟୋଜିତ ହେବ। ଏହି ଅବସର ରେ ଜାନୁୟାରୀ ୧ ତାରିଖରେ ସହର ମଧରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସଦଭାବନା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକର ନିଷ୍ପତି ଅନୁସାରେ ଜାନୁୟାରୀ ୧ ତାରିଖ ଦିନ ସକାଳ ୮ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରାଟି ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ରିଜେଣ୍ଟ ମାର୍କେଟ, ସୁନାରିପଡ଼ା, ରଙ୍ଗାଢ଼ିପା ଛକ, ମେଡିକାଲ ଛକ, ଡିଆରଡିଏ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଛକ ଦେଇ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆ ଠାରେ ପହଞ୍ଚିବ। ଏହି ସମସ୍ତ ଛକ ମାନଙ୍କରେ ସାଂସ୍କୃତିକ ଶୋଭାଯାତ୍ରା କୁ ବିଭିନ୍ନ ଅନୁଷ୍ଠାନ, ପୂଜା କାମଟି, ସଂଗଠନ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ଅବସରରେ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀ ମାନଙ୍କର ସହଯୋଗ କାମନା କରିଥିଲେ।

# ମହିଳା ହେବେ ସଶକ୍ତ: ମିଶନ ଶକ୍ତି କାଫେ ଉଦ୍ଘାଟିତ



**ତୁମୁଡିବନ୍ଧ,୨୬।୨୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେକୁ କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ ଆଜି ଶୁକ୍ରବାର ଅପରାହ୍ନରେ ଉଦଘାଟନ କରିଛନ୍ତି। ପ୍ରଥମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର, ସିଆରପିସିଏମ ଓ ଏମବିକେମାନେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ହରପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ ମିଶନ ଶକ୍ତି କାଫେ ଗୃହକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡା ଆଇଟିଡିଏପିଏ କୃପା ସିନ୍ଧୁ ବେହେରା, ତୁମୁଡିବନ୍ଧ ଏମ୍ପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ତୁମୁଡିବନ୍ଧ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ସାହୁ,ପୂର୍ବତନ ଭା ଜ ପା ଜିଲ୍ଲା ସଭାପତି ଜଗନାଥ ସାହୁ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ନେତ୍ର ମାନସେଠ, ବରିଷ୍ଠ ନେତା ପଦ୍ମ ଚରଣ ଦାସ, ତୁମୁଡିବନ୍ଧ ମଣ୍ଡଳ ସଭାପତି ସର୍ବେଶ୍ୱର ମାଝୀ ବରିଷ୍ଠ ନେତା ଶ୍ରୀଚନ୍ଦ୍ର ପରାସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନମଣ୍ଡି ଖୋଲିବା ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



**ପୁରୁଷୋତ୍ତମପୁର,୨୬।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ତୁରନ୍ତ ମଣ୍ଡି ଖୋଲିବାନେଇ ରୁଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ରୁଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ବିନାୟକ ଆଚାର୍ଯ୍ୟ, ସ୍ୱପ୍ନେଶ୍ୱର କୃଷକ ସଂଘ ସଭାପତି ଆଇ ମୁକୁନ୍ଦ, ମୁନାଗୌଡ଼, କିଶୋର ସାସମଲ, ରମେଶ ଚନ୍ଦ୍ର ଗୌଡଙ୍କ ସମେତ ଚାଷୀମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଏହି ଅବସରରେ ବିଡିଓ ଶରତକୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଜିଲାରେ ଯଦିଓ ଗତ ୨୪ ତାରିଖରୁ ମଣ୍ଡି ଖୋଲାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ପୁରୁଷୋତ୍ତମପୁର ଅଞ୍ଚଳରେ କୌଣସି ସ୍ଥାନରେ ମଣ୍ଡି ଖୋଲା ଯାଇନାହିଁ। ଫଳରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି।

ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଉଥିବା ବେଳେ ଧାନ ବିକ୍ରିକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ମଣ୍ଡି ଖୋଲା ନ ଗଲେ ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଧାନ ବର୍ଷାରେ ଭିଜି ନଷ୍ଟ ହେବାର ସମ୍ଭାବନ ରହିଥିବା ଚାଷୀମାନେ କହିଛନ୍ତି। ତେଣୁ ତୁରନ୍ତ ମଣ୍ଡି ଖୋଲି ଧାନ କିଣିବାକୁ ମହାସଭା ପକ୍ଷରୁ ଦାବି କରାଯାଇଛି।

# ୯ ଦିନ ହେବ ନିଖୋଜ ଥିଲେ ସ୍କୁଲ ପିଅନ

**ଭବାନୀପାଟଣା,୨୬।୨୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାପାଟ ଥାନା ନିକଟରେ ଥିବା ଏକ ପୋଖରୀରୁ ଶୁକ୍ରବାର ଜଣେ ପିଅନଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ପିଅନ ହେଲେ ବିଭୀଷଣ ଗଉଡ ଓ ସେ ଗୁଣୁପୁର ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଗତ ୧୭ ତାରିଖରୁ ନିଖୋଜ ଥିଲେ। ଶୁକ୍ରବାର ସକାଳୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତେବେ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାରବର୍ଗ। ଏ ନେଇ କର୍ଲାପାଟ ପୋଲିସ ତଦନ୍ତ ଆରମ୍ଭ କରିଛି।



## ସୁବର୍ଣ୍ଣପୁର ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା

# ପ୍ରଚାର ଓ ପ୍ରସାର ପାଇଁ 'ମହିମା' ରଥର ଶୁଭାରମ୍ଭ



**ସୁବର୍ଣ୍ଣପୁର,୨୬।୨୫ (ସଂଚାର ବ୍ୟୁରୋ):** 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଏବଂ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ର ସମଗ୍ର ଜିଲ୍ଲାରେ ପ୍ରଚାର ଓ ପ୍ରସାର ପାଇଁ 'ମହିମା' ରଥକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ।

ଏହି ଅବସରରେ ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ରାଜେନ୍ଦ୍ର ମାଝୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର, ସୁଶ୍ରୀ ଯମୁନା ପ୍ରଧାନ ପ୍ରମୁଖ ରଥର ଉଦଘାଟଣ ସମୟରେ ଉପସ୍ଥିତ ଥିଲେ। 'ମହିମା' ରଥ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ, ସୋନପୁର ମ୍ୟୁନିସିପାଲଟି ଓ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜିଲ୍ଲା ସଦର ମହକୁମା ରେ ଜିଲ୍ଲା ମହୋତ୍ସବ ବିଷୟରେ ବ୍ୟାପକ ପ୍ରଚାର ପ୍ରସାର କରିବ ଏବଂ ଆସନ୍ତା 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା- ୨୦୨୬ ଯାହା ସୁବର୍ଣ୍ଣପୁର ଜିଲ୍ଲାସ୍ଥିତ ରାମେଶ୍ୱର ଷ୍ଟାଡିୟମ ରେ ଜାନୁଆରୀ ୭-୧୧ ଯାଏ ଆୟୋଜିତ ହେବ, ସେ ବିଷୟରେ ଜିଲ୍ଲାବାସୀଙ୍କୁ ଅବଗତ କରିବ।

# ଘର ଭାଙ୍ଗି ଆକ୍ରମଣ କଲା ହାତୀ



**ବଲାଙ୍ଗୀର,୨୬।୨୫ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ଲାଠୋର ରେଞ୍ଜ ଅନ୍ତର୍ଗତ ବେନ୍ଦେର ପଞ୍ଚାୟତର ଚହକପଡ଼ା ଗ୍ରାମରେ ଗୁରୁବାର ରାତି ପ୍ରାୟ ୩ଟା ସମୟରେ ୩୨ ଟିକିଆ ହାତୀପଲ ଆକ୍ରମଣ ରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଓ ମା' ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଜୀବନ ସହ ଲଢୁଛନ୍ତି। ମୃତକ ମହିଳା ହେଲେ ଫୁଲମତି ନାଗ (୪୫)। ସେ ତାଙ୍କ ସ୍ୱାମୀ ଗୌତମ ନାଗ ସହ କଣ୍ଟାବାଞ୍ଜି ନିକଟସ୍ଥ ଫୁଲକାନୀ ଗ୍ରାମରୁ ନିଜ ମା' ଘର ଚହକପଡ଼ାକୁ ଆସିଥିଲେ। ହାତୀପଲ ଘର ଭାଙ୍ଗି ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଫୁଲମତିଙ୍କ ମୃତୁ ହୋଇଥିବାବେଳେ ସ୍ୱାମୀ ଗୌତମ ନାଗ ଓ ମା' ଗୁରୁତର ଆହତ ହୋଇ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଗତ ଚାରିଦିନ ହେଲା ବେନ୍ଦେର ଅଞ୍ଚଳରେ ହାତୀପଲ ଘୁରୁଥିବା ସତ୍ତ୍ୱେ ବନବିଭାଗ ଠିକ ଭାବରେ ଲୋକଙ୍କୁ ସଚେତନତା, ମାଇକ ପ୍ରଚାର କିମ୍ବା ସୁରକ୍ଷା ବ୍ୟବସ୍ଥା ନେଇ ନ ଥିବା ଅଭିଯୋଗ ହେଉଛି। ଏହି ଘଟଣାପରେ ବେନ୍ଦେର ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



**ସୁବର୍ଣ୍ଣପୁର,୨୬।୨୫ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ୍ ଲଚ୍ଛିପୁର ଗ୍ରାମ ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ଷଡଙ୍ଗୀ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ସଭାପତି ତଥା ସୋନପୁର ଉପ ଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ ଓ ମୁଖ୍ୟବକ୍ତା ଭାବରେ ବିନ୍ଧ୍ୟବାସିନୀ ଉଚ୍ଚ ମାଧମିକ ବିଦ୍ୟାଳୟ ପାଇକମାଳର ଅଧକ୍ଷ ଶ୍ୟାମଲାଲ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଂପାଦକ ତଥା ପ୍ରତିଷ୍ଠାତା ସତ୍ୟ ନାରାୟଣ ଦାଶ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଅଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ। ସଭା ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ସୁନ୍ଦର ଓଡିଶୀ ନୃତ୍ୟରୁ ଆରମ୍ଭ ହୋଇ ସମ୍ବଲପୁରୀ ଦଳଗତ ନୃତ୍ୟ ସମସ୍ତ ଦର୍ଶକଙ୍କୁ ବିଭୋର କରି ଦେଇଥିଲା। ଏହି ବର୍ଗରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସୁନ୍ଦର ଡ୍ରାମା ଅପରେସନ ସିନ୍ଦୁର ହୃଦୟସ୍ପର୍ଶୀ ଏବଂ ଚିତ୍ତାକର୍ଷକ ହୋଇଥିଲା ପରେ ପରେ କଲେଜ ପ୍ରତିଷ୍ଠା ଦିଗରେ ଯେଉଁ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ସେମାନଙ୍କୁ ପୁଷ୍ପଗୁଚ୍ଛ ଉପଢ଼ୌକନ ତଥା ମାନପତ୍ର ଦେଇ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସମାପନ ସମାରୋହ ଦିନ ୪ ଟା ବେଳେ ଆରମ୍ଭ ହୋଇଥିଲା। ଅଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ଙ୍କ ଅଧକ୍ଷତା ରେ ଆୟୋଜିତ ସଭାରେ କଲେଜ ର ପ୍ରତିଷ୍ଠାତା ସତ୍ୟନାରାୟଣ ଦାଶ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା, ପୁରାତନ କମିଟି ସଭ୍ୟ ମେଘନାଦ ସାହୁ, ଅରୁଣ ଦାଶ, ଲକ୍ଷ୍ମୀକାନ୍ତ ହୋତା, ତଥା ପ୍ରାଧାପକ ରମାକାନ୍ତ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା କଲ୍ୟାଣୀ ମିଶ୍ର ତାଙ୍କର କଲେଜ ସ୍ମୃତି ଏବଂ ଅନୁଭୂତି କୁ ନେଇ ଏକ ସୁନ୍ଦର ନିବନ୍ଧ ସଭାରେ ଉପସ୍ଥାପନା କରିଥିଲେ ଓ ପରେ ସମସ୍ତ ଶୈକ୍ଷିକ ତଥା ଅଣ ଶୈକ୍ଷିକ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଉଭୟ ସଭାରେ ପ୍ରାଧାପକ ଦିଲୀପ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିରାଣୀ ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ପିଙ୍କି ଦାଶଙ୍କ ତତ୍ତ୍ୱାବଧାନରେ ନୃତ୍ୟଗୀତ ତଥା ଡ୍ରାମା ସମ୍ପୂର୍ଣ୍ଣ ରୂପେ ସମ୍ପନ୍ନ ହୋଇଥିବା ବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଶମ୍ଭୁ ପ୍ରସାଦ ପଧାନ ତୁଲାଇଥିଲେ।

## ଧାମନଗରରେ ବିଜେଡିକୁ ଶକ୍ତ ଝଟକା

# ବିଜେପିରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

**ଭଦ୍ରକ, ୨୬।୧୨(ସଂଚାର ବ୍ୟୁରୋ):** ଧାମନଗର ନିର୍ବାଚନ ମଣ୍ଡଳୀରେ ବିରୋଧୀ ବିଜେଡି ଶିବିରରେ ବଡ଼ଧରଣର କମ୍ପନ ଦେଖିବାକୁ ମିଳିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧାମନଗର ବ୍ଲକ ଅର୍ଜୁନପୁର ଓ ନଦୀଗାଁ ପଞ୍ଚାୟତର ଶତାଧିକ ସକ୍ରିୟ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି।

ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ କର୍ମୀମାନେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ଏହି ମିଶ୍ରଣ ପର୍ବରେ ଅର୍ଜୁନପୁର ପଞ୍ଚାୟତର ବହୁ ବରିଷ୍ଠ ନେତାଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିତ୍ୱ ସାମିଲ ହୋଇଛନ୍ତି।

ସେମାନଙ୍କ ମଧରେ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ରାଉତ ଓ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ହୃଦଚନ୍ଦ୍ର ଲେଙ୍କା ପ୍ରମୁଖ ବିଜେପିର ନୀତି ଆଦର୍ଶ ଗ୍ରହଣ କରିଛନ୍ତି। ସେହିପରି ନଦୀଗାଁ ପଞ୍ଚାୟତରୁ ହରିହର ବେହେରା, ୮ ନମ୍ବର ୱାର୍ଡର ୱାର୍ଡ ସଭ୍ୟ ସଞ୍ଜୟ ବେହେରା, ୱାର୍ଡ ସଭ୍ୟ ଗଙ୍ଗାଧର ପତି ଏବଂ ନରେଶ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି।

ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ଅର୍ଜୁନପୁର ସମିତି ସଭ୍ୟ ବିଦ୍ୟାଧର ରାଉତ, ବରିଷ୍ଠ ବିଜେପି ନେତା ଚତୁର୍ଭୁଜ ନାୟକ ସମେତ ଦଳୀୟ କର୍ମକର୍ତାମାନେ ଉପସ୍ଥିତ ଥିଲେ।